CMYK

• Vol.- 46, Issue No. 87
• Saturday, 27 June 2026
• ଶନିବାର, ୨୭ ଜୁନ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ବଡ଼ ଷଡ଼ଯନ୍ତ୍ର ସନ୍ଦେହ: ମୁଖ୍ୟମନ୍ତ୍ରୀ



- ତ୍ରୁଟିଯୁକ୍ତ ପାଠ୍ୟପୁସ୍ତକ ଘଟଣାରେ କାର୍ଯ୍ୟାନୁଷ୍ଠାନ
- ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ୪ ନିଲମ୍ବିତ
- ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ
- ତ୍ରୁଟି ସୁଧାରିବ ୧୪ ସୁପାରିସ
- ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି

ଭୁବନେଶ୍ୱର, ୨୬।୬: ସ୍କୁଲ ବହି ତ୍ରୁଟି ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା କମିଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗତକାଲି ରିପୋର୍ଟ ଦେଇଥିଲେ। ଶୁକ୍ରବାର ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକରେ ଦୁଇହଜାରରୁ ଅଧିକ ତ୍ରୁଟି ମାମଲାରେ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ ଓ ଅନ୍ୟ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ତତ୍କାଳ ପ୍ରଭାବ ମୁତାବକ ଚାକିରିରୁ ନିଲମ୍ବନ କରାଯାଇଛି। ଏହାସହିତ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂଙ୍କ ଅଧକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ଓ ଅନ୍ୟ ତିନି ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ ଓ ଭାରତୀ ଟୁଡୁଙ୍କୁ ତତ୍କାଳ ପ୍ରଭାବ ମୁତାବକ ଚାକିରିରୁ ନିଲମ୍ବିତ କରିଛନ୍ତି ।ଏମାନଙ୍କ ବ୍ୟତୀତ ଅନ୍ୟ ୬ଜଣ ସହକାରୀ ନିର୍ଦ୍ଦେଶକ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଓ ଡକ୍ଟର ସୁଦର୍ଶନ ସନ୍ତରାଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କମିଟି ପକ୍ଷରୁ ପ୍ରଦାନ କରାଯାଇଥିବା ସମସ୍ତ ୧୪ଟି ଗୁରୁତ୍ୱପୂର୍ଣ୍ଣ ସୁପାରିସକୁ ରାଜ୍ୟ ସରକାର ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କମିଟିର ସୁପାରିସ ଅନୁସାରେ, ଏସସିଇଆରଟି ପକ୍ଷରୁ ଆସନ୍ତା ୭ଦିନ ମଧ୍ୟରେ ଏକ 'ମାଷ୍ଟର ତ୍ରୁଟି ରେଜିଷ୍ଟର' ପ୍ରସ୍ତୁତ କରାଯାଇ ସାର୍ବଜନୀନ କରାଯିବା ସହ ଏକ ସ୍ୱତନ୍ତ୍ର ପବ୍ଲିକ ଏରାଟା ପୋର୍ଟାଲ୍ ମଧ୍ୟ ତିଆରି ହେବ। ପୁସ୍ତକରେ ଥିବା ଗୁରୁତର ତ୍ରୁଟିଗୁଡ଼ିକର ସଂଶୋଧନ ପାଇଁ ସବୁ ପିଲାଙ୍କୁ ସଂଶୋଧିତ ତଥ୍ୟ ସମ୍ବଳିତ ପୃଷ୍ଠା ବା ରିପ୍ଲେସମେଣ୍ଟ ପେଜ୍ ଓ ପ୍ରିଣ୍ଟେଡ୍ କରେକ୍ସନ ସିଟ୍ ଯୋଗାଇ ଦିଆଯିବ । ଏହି ସଂଶୋଧିତ ବିବରଣୀକୁ ହିଁ ଅଫିସିଆଲ୍ ଶିକ୍ଷାଦାନ ସଂସ୍କରଣ ଭାବେ ଘୋଷଣା କରାଯିବ ଏବଂ ଶିକ୍ଷକମାନଙ୍କୁ ଏଥିପାଇଁ ଓରିଏଣ୍ଟେସନ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ବ୍ୟତୀତ ବର୍ତ୍ତମାନଠାରୁ ଏସସିଇଆରଟି ପରିସରରେ ଏକ ସ୍ୱତନ୍ତ୍ର ପାଠ୍ୟପୁସ୍ତକ 'କ୍ୱାଲିଟି ଆସ୍ୟୁରାନ୍ସ ସେଲ୍' ଗଠନ କରାଯିବା ସହ ଏନସିଇଆରଟି ଢ଼ାଂଚାରେ ପ୍ରତି ବିଷୟ ପାଇଁ କରିକୁଲାର ଏରିଆ ଗ୍ରୁପ୍ ଓ ପାଠ୍ୟପୁସ୍ତକ ବିକାଶ କମିଟି ଗଠନ ହେବ। ଭବିଷ୍ୟତରେ ଯେପରି ଏଭଳି ସମ୍ବେଦନଶୀଳ ଭୁଲର ପୁନରାବୃତ୍ତି ନହେବ, ସେଥିପାଇଁ ଏକ ଅଭେଦ୍ୟ ଚାରିସ୍ତରୀୟ ଯାଂଚ ବ୍ୟବସ୍ଥା ଓ ଫାଇନାଲ୍ ଲକଡ୍ ପିଡିଏଫ୍ ମେକାନିଜମ୍ ଜରିଆରେ ବହିଗୁଡ଼ିକୁ ସୁରକ୍ଷିତ କରାଯିବ। ଏଣିକି ଭାଷା, ଚିତ୍ର, ତଥ୍ୟ ଓ ମୁଦ୍ରଣଜନିତ ଚୂଡ଼ାନ୍ତ ଏକାଡେମିକ ଅନୁମୋଦନ ବିନା କୌଣସି ବି ପାଠ୍ୟପୁସ୍ତକ ପ୍ରିଣ୍ଟିଙ୍ଗ ପ୍ରେସକୁ ଯାଇପାରିବ ନାହିଁ। ପ୍ରତିଟି ନୂଆ ବହିର ପାଇଲଟ୍ ଟେଷ୍ଟିଂ କରାଯିବା ବାଧ୍ୟତାମୂଳକ ହେବ। ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ଡିଟିପି ଏଜେନ୍ସି ଓ ପ୍ରିଣ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପ୍ରତିଟି ଭୁଲ୍ ପାଇଁ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ମାଟ୍ରିକ୍ସ ପ୍ରସ୍ତୁତ କରାଯାଇ ଦୋଷୀଙ୍କ ଉପରେ ଜରିମାନା ସହ ସେମାନଙ୍କୁ କଳାତାଲିକାଭୁକ୍ତ କରିବା ଭଳି କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି। 'ମୋ ସରକାରଙ୍କୁ ବଦନାମ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ସନ୍ଦେହ କରୁଛି' ବୋଲି ମୁଖ୍ୟମନ୍ତ୍ରୀ ଏକ ବିବୃତିରେ କହିଛନ୍ତି।

### ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

## ହଷ୍ଟେଲ୍ ରୋଷେଇରେ ଲାଗିବ ପିଏନ୍‌ଜି




ଭୁବନେଶ୍ୱର, ୨୬।୬: ହଷ୍ଟେଲ୍ ରୋଷେଇଘରରେ ଏଣିକି ପାଇପଡ ନ୍ୟାଚୁରାଲ୍ ଗ୍ୟାସ୍ ବା ପିଏନଜି ବ୍ୟବହାର ହେବ। ଏଲ୍‌ପିଜି ଗ୍ୟାସ୍ ଯୋଗାଣରେ ବାରମ୍ବାର ସମସ୍ୟାକୁ ଦୃଷ୍ଟିରେ ରଖି ବଡ଼ ପଦକ୍ଷେପ ନେଇଛି ଉଚ୍ଚଶିକ୍ଷା ବିଭାଗ । ରାଜ୍ୟର ସମସ୍ତ ସରକାରୀ ଉଚ୍ଚଶିକ୍ଷାନୁଷ୍ଠାନର ହଷ୍ଟେଲ୍ କିଚେନ୍‌ରେ ପର୍ଯ୍ୟାୟକ୍ରମେ ପିଏନଜି ବ୍ୟବସ୍ଥା କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି । ଏଲ୍‌ପିଜି ଅଭାବ କିମ୍ବା ଯୋଗାଣରେ ବିଳମ୍ବ ଯୋଗୁଁ ଯେପରି ଛାତ୍ରଛାତ୍ରୀଙ୍କ ଖାଦ୍ୟ ପ୍ରସ୍ତୁତିରେ କୌଣସି ବାଧା ସୃଷ୍ଟି ନ ହୁଏ । ସେଥିପାଇଁ ସମସ୍ତ ହଷ୍ଟେଲରେ ପିଏନଜି ସଂଯୋଗ ସମ୍ଭାବନା ନେଇ ସର୍ଭେ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ଏନେଇ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଉଚ୍ଚଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଚିଠି ପଠାଯାଇଛି । କେଉଁ କେଉଁ ହଷ୍ଟେଲରେ ପିଏନ୍‌ଜି ସଂଯୋଗ ସମ୍ଭବ, ସେନେଇ ସବିଶେଷ ରିପୋର୍ଟ ଆସନ୍ତା ଜୁନ୍ ୩୦ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି । ଏହି ପଦକ୍ଷେପ କାର୍ଯ୍ୟକାରୀ ହେଲେ ହଷ୍ଟେଲଗୁଡ଼ିକରେ ରୋଷେଇ ବ୍ୟବସ୍ଥା ଅଧିକ ସୁରକ୍ଷିତ, ନିରବଚ୍ଛିନ୍ନ ଓ ସୁବିଧାଜନକ ହେବା ସହ ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବମୁକ୍ତ ରହିବ ବୋଲି ଆଶା କରାଯାଉଛି।

## ନରସିଂହପୁରରେ ଗୁଳିକାଣ୍ଡ: ସରପଞ୍ଚଙ୍କ ସ୍ୱାମୀ ଗୁରୁତର

କଟକ, ୨୬।୬: କଟକ ଜିଲ୍ଲା ନରସିଂହପୁରରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମାଣିଆବନ୍ଧ ଅଞ୍ଚଳରେ ଜଣେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ କରିଥିବା ଘଟଣା ଅଞ୍ଚଳରେ ଆତଙ୍କ ଖେଳାଇଛି । ଗୁଳିମାଡରେ ସେ ଗୁରୁତର ଆହତ ହୋଇଥିବା ବେଳେ ପ୍ରଥମେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା, ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି । ପ୍ରାଥମିକ ସୂଚନା ଅନୁଯାୟୀ, କିଛି ଦୁର୍ବୃତ୍ତ ହଠାତ ଆସି ସରପଞ୍ଚଙ୍କ ସ୍ୱାମୀଙ୍କ ଉପରକୁ ଗୁଳି ଚଳାଇଥିଲେ । ଆକ୍ରମଣ ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଘଟଣା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଗୁଳିମାଡ ହୋଇଥିବା ସନ୍ଦେହ କରାଯାଉଛି । ତେବେ ଆକ୍ରମଣର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରିବା ସହ ତଦନ୍ତ ଆରମ୍ଭ କରିଛି । ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି ।

## ଓଡ଼ିଶା କଂଗ୍ରେସ : ଲଲୁଙ୍କ ସ୍ଥାନରେ ଲାଲଜୀ

ଭୁବନେଶ୍ୱର, ୨୬।୬: ଓଡ଼ିଶାରେ ସାଙ୍ଗଠନିକ ଭିତ୍ତିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଶୁକ୍ରବାର ଗୁଜରାଟର ବରିଷ୍ଠ କଂଗ୍ରେସ ନେତା ଲାଲଜୀ ଦେଶାଇଙ୍କୁ ଓଡ଼ିଶାର ନୂଆ ଏଆଇସିସି ପ୍ରଭାରୀ ଭାବେ ନିଯୁକ୍ତ କରିଛି। ସେ



ବର୍ତ୍ତମାନର ପ୍ରଭାରୀ ଅଜୟ କୁମାର ଲଲୁଙ୍କ ସ୍ଥାନ ନେବେ। ଏହି ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ଭେନୁଗୋପାଳ ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି ।ଲାଲଜୀ ଦେଶାଇ କଂଗ୍ରେସର ଜଣେ ଦକ୍ଷ ସାଙ୍ଗଠନିକ ନେତା ଭାବେ ପରିଚିତ । ୨୦୧୮ ମସିହାରୁ ସେ ଅଖିଳ ଭାରତୀୟ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଭାବେ କାର୍ଯ୍ୟ କରୁଛନ୍ତି । ଦଳର ସାଙ୍ଗଠନିକ ବିସ୍ତାର, କର୍ମୀ ପ୍ରଶିକ୍ଷଣ, ସଦସ୍ୟତା ଅଭିଯାନ ଏବଂ ନିର୍ବାଚନୀ ପ୍ରସ୍ତୁତିରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି । ସେ କଂଗ୍ରେସ ୱାର୍କିଂ କମିଟିର ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ମଧ୍ୟ ଅଟନ୍ତି ।

### ବିଧାନସଭାର ସ୍ଥାୟୀ କମିଟି ଗଠନ

## ପିଏସି ଅଧ୍ୟକ୍ଷ ହେଲେ ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୨୬।୬: ଓଡ଼ିଶା ବିଧାନସଭାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ସ୍ଥାୟୀ, ବିଭାଗୀୟ ଓ ଗୃହ କମିଟି ଗଠନ କରାଯାଇଛି । ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ଏକାଧିକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଧାନସଭାର କାର୍ଯ୍ୟ ପରିଚାଳନା, ସରକାରୀ ବିଭାଗର



କାର୍ଯ୍ୟ ସମୀକ୍ଷା, ବଜେଟ୍ ବ୍ୟୟ ଓ ଲୋକଧନର ଉପଯୋଗ ଉପରେ ନଜର ରଖିବା ପାଇଁ ଏହି କମିଟିଗୁଡ଼ିକ ଗଠନ କରାଯାଇଛି। ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପବ୍‌ଲିକ ଆକାଉଣ୍ଟସ କମିଟି (ପିଏସି)ର ଅଧ୍ୟକ୍ଷ ଭାବେ ବିଜେଡିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଏଷ୍ଟିମେଟ୍‌ସ କମିଟିର ଅଧ୍ୟକ୍ଷ ଭାବେ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, କମିଟି ଅନ ପବ୍ଲିକ ଅଣ୍ଡରଟେକିଂସ ର ଅଧ୍ୟକ୍ଷ ଭାବେ ପଦ୍ମଲୋଚନ ପଣ୍ଡା ଏବଂ କମିଟି ଅନ୍ ୱେଲଫେୟାର ଅଫ୍ ସିଡୁଲଡ କାଷ୍ଟସ ଆଣ୍ଡ ସିଡିଲୁସ ଟ୍ରାଇବସର ଅଧ୍ୟକ୍ଷ ଭାବେ ଭାସ୍କର ମଢ଼େଇଙ୍କୁ ମନୋନୀତ କରାଯାଇଛି।

## ତେଲକୋଇର ଦୁଃଖ : ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି

ଚେନ୍ନାଇ/ଭୁବନେଶ୍ୱର, ୨୬।୬: ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୧୧ କୁ ବୃଦ୍ଧି ପାଇଛି । ପୂର୍ବରୁ ଏହି ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶୁକ୍ରବାର କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଓରିଆବିରିଦା ପଞ୍ଚାୟତ ପିଟାନାଳୀ ଗାଁର ନୀଳମଣି ଜୁଆଙ୍ଗଙ୍କ ଝିଅ ସୁମିତ୍ରା ଜୁଆଙ୍ଗଙ୍କ ମୃତ୍ୟୁ ହୋଇଛି । ଚେନ୍ନାଇ ସ୍ଥିତ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁ ଘଟିଛି ।ଏନେଇ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଝିଅର ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୁମିତ୍ରା ଗତ ୨୦୨୫ ମସିହାରେ ମାଟ୍ରିକ ପାସ କରିଥିଲେ । ଉଚ୍ଚଶିକ୍ଷା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିବାରୁ କଲେଜରେ ନାମ ଲେଖାଇ ପାରିନଥିଲେ। ଶ୍ରୀକାନ୍ତ ଜୁଆଙ୍ଗ ନାମକ ଜଣେ ଶ୍ରମିକ ଦଲାଲ ସୁମିତ୍ରାକୁ ତାମିଲନାଡୁ ନେଇଯାଇଥିଲେ। ଝିଅ ଟଙ୍କା ରୋଜଗାର କରି କଲେଜ ପଢ଼ିବାର ଆଶା ରଖିଥିଲେ। ହେଲେ ସବୁ ଆଶା ଆଶାରେ ରହିଗଲା।

## ପଶୁଧନ ନିରୀକ୍ଷକଙ୍କୁ ଧରିଲା ଭିଜିଲାନ୍ସ

- ୮୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ
- ୮.୨୪ ଲକ୍ଷ ନଗଦ ଜବତ

ରାଇଘର, ୨୬।୬(ନିପ୍ର): ଅଶୀ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଟିମ୍ ନବରଙ୍ଗପୁର ଜିଲ୍ଲା ରାଇଘରରେ ତାଲିମରତ ପଶୁଧନ ନିରୀକ୍ଷକ ପ୍ରଫୁଲ୍ଲ ହାଲଦାରଙ୍କୁ ଗିରଫ କରିଛି ।ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଅଧିକାରୀ ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଅନ୍ତର୍ଗତ ସବସିଡି ରାଶି ମୁକ୍ତ କରାଇବା ପାଇଁ ଜଣେ ଲାଭାର୍ଥୀଙ୍କୁ ୮୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ଯୋଜନାରେ ୧ରୁ ୫ଟି ଗାଈ ନେଇ ଡାୟରୀ ୟୁନିଟ ସ୍ଥାପନ ପାଇଁ ସହାୟତା ମିଳେ। ଅଭିଯୋଗକାରୀଙ୍କ କଥା ଅନୁସାରେ, ପ୍ରଫୁଲ୍ଲ ହାଲଦାର କେବଳ ଲାଞ୍ଚ ଦାବି କରିନଥିଲେ, ବରଂ ଟଙ୍କା ନଦେଲେ ତାଙ୍କ ସହିତ ସହ ତାଙ୍କ ଗାଁର ଅନ୍ୟ ଲାଭାର୍ଥୀମାନଙ୍କ ସବସିଡି ରୋକିଦେବେ ବୋଲି ଧମକ ଦେଇଥିଲେ। ପରେ ଅଭିଯୋଗକାରୀ ଭିଜିଲାନ୍ସ ବିଭାଗକୁ ଅଭିଯୋଗ କରିଥିଲେ। ଟ୍ରାପ୍ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନରେ



ଭିଜିଲାନ୍ସ ଟିମ୍ ଅଭିଯୁକ୍ତ ସହ ସଂପୃକ୍ତ ଦୁଇଟି ସ୍ଥାନରେ ସମାନ୍ତରାଳ ଭାବେ ଚଢାଉ କରିଥିଲା। ଏହି ସମୟରେ ତାଙ୍କ ରାଇଘରସ୍ଥିତ ଘରୁ ପ୍ରାୟ ୮.୨୪ ଲକ୍ଷ ନଗଦ ଜବତ କରାଯାଇଛି।

# ନୂଆ ପ୍ଲାଟଫର୍ମ 'ଗୋ ଇଷ୍ଟ' ଘୋଷଣା

ଭୁବନେଶ୍ୱର, ୨୬।୬: ସିଆଇଆଇ-ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି। ଓଡ଼ିଶା ସହିତ ସମଗ୍ର ପୂର୍ବ ଭାରତର ରାଜ୍ୟଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ 'ଗୋ ଇଷ୍ଟ' ଘୋଷଣା କରିଛନ୍ତି। ଏହି ସମ୍ମିଳନୀରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି 'ଗୋ ଇଷ୍ଟ'ର ଅର୍ଥ ହେଉଛି 'ଗର୍ଭଣ୍ଣମେଣ୍ଟ ଅଫ ଓଡ଼ିଶା ଇଷ୍ଟର୍ଣ୍ଣ ଇନଭେଷ୍ଟମେଣ୍ଟ ଆକସିଲେଟର ଆଣ୍ଡ ସ୍ପେଶାଲ ଟାସ୍କ ଫୋର୍ସ' ।ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ। ବିଗତ ୨ ବର୍ଷ ମଧ୍ୟରେ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା ଏକ ବ୍ୟାପକ ସ୍ତରରେ ପହଞ୍ଚିଥିବା ବେଳେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି



- ପୂର୍ବ-ଭାରତର ବିକାଶରେ ଅଗ୍ରଣୀ ସାଜିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ
- ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗଢ଼ି ଉଠିବ ଶିଳ୍ପ ବିକାଶ କେନ୍ଦ୍ର
- ୧୫ ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟଭିତ୍ତିକ ଶିଳ୍ପ ପ୍ରତିଷ୍ଠା ସୁଯୋଗ ସୃଷ୍ଟି

ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏହି ସ୍ୱତନ୍ତ୍ର ଗୋ-ଇଷ୍ଟ ନୀତି ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ସମସ୍ତ ନିବେଶ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ। ଏଥିସହିତ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ' ମଧ୍ୟରେ ଏକ ସମର୍ପିତ 'ଗୋ-ଇଷ୍ଟ ସେଲ୍' ଗଠନ କରାଯିବ। ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର 'ଗୋ ସୁଇଫଟ୍' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଏହି ପଦକ୍ଷେପ ଫଳରେ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଣ୍ଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ, ଯାହା ସ୍ଥାନୀୟ ଅଞ୍ଚଳର ରୂପରେଖ ବଦଳାଇବ। ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ (ଆଇପିଆର୍-୨୦୨୨)ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହି ଜିଲ୍ଲାଗୁଡ଼ିକୁ ଅଗ୍ରାଧିକାର ଶ୍ରେଣୀରେ ସାମିଲ କରାଯିବ, ଯାହା ଦ୍ୱାରା ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶ ସମ୍ଭବ ହୋଇପାରିବ। ସମ୍ମିଳନୀରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମତ ପ୍ରଧାନ, ଇପିକଲର ପରିଚାଳନା ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ, ସିଆଇଆଇ ପୂର୍ବ ଆଞ୍ଚଳିକ ଉପାଧ୍ୟକ୍ଷ ରୁଦ୍ର ଚାଟାର୍ଜୀ, ଓଡ଼ିଶା କାଉନସିଲ୍ ଅଧ୍ୟକ୍ଷ ଅନିଲ କୁମାର ସିଂହଙ୍କ ସମେତ ବହୁ ବିଶିଷ୍ଟ ଶିଳ୍ପପତି ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ଚମ୍ପକ ଦ୍ୱାଦଶୀ





ଚମ୍ପକ ଦ୍ୱାଦଶୀ (ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ) ରେ ଶ୍ରୀମନ୍ଦିରରେ ଦେବଦମ୍ପତିଙ୍କ ଗୁଆଲି ଶୋଭାଯାତ୍ରା, ଛତିଶା ନିଯୋଗ ସେବାୟତମାନଙ୍କ ପକ୍ଷରୁ ଅନୁଷ୍ଠିତ କରା ଯାଇଥାଏ। ଦେବଦମ୍ପତି ତଥା ପ୍ରଭୁ ମଦନମୋହନ ଓ ଦେବୀ ଶ୍ରୀଦେବୀ ନଗର ପରିକ୍ରମା ସହିତ ପନ୍ତି ଭୋଗ ଗ୍ରହଣ କରନ୍ତି। ଦେଉଳରେ ସକାଳ ଧୂପ ଓ ଭୋଗମଣ୍ଡପ ପରେ ଭିତରେ ଆଲଟ ଲାଗି କରାଯାଇ ମହାସ୍ନାନ କରାଯାଇଥାଏ। ଏହାପରେ ନୂଆ ଲୁଗା ଲାଗି ଓ ଚନ୍ଦନ ଲାଗି କରାଯାଇଥାଏ। ମଧ୍ୟାହ୍ନ ଧୂପ ପରେ ଦେବଦମ୍ପତିଙ୍କୁ ଭିତରକୁ ବିଜେ କରାଯାଏ ଓ ପରେ ବନ୍ଦାପନା ହୋଇ ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ପ୍ରଭୁ ମଦନମୋହନ ଓ ଶ୍ରୀଦେବୀ (ରୁକ୍ମିଣୀ)କୁ ବିଜେ କରାଯାଇଥାଏ। ଶୋଭାଯାତ୍ରାରେ ଶ୍ରୀମନ୍ଦିର ପ୍ରଦକ୍ଷଣ କରି ସିଂହଦ୍ୱାର ଦେଇ ବଡ଼ଦାଣ୍ଡରେ ଶ୍ରୀନଅରଠାରେ ଖଟକୁ ବିଜେ କରାଯାଇଥାଏ। ସେଠି ମହାସୁଆରଙ୍କ ଦ୍ୱାର ପ୍ରସ୍ତୁତ ପିଠା ପଞ୍ଚୋପଚାରରେ ପୂଜା ଓ ମଣୋହି ହୋଇଥାଏ। ଗଜପତିଙ୍କ ପରିବାରର ନାରୀମାନେ ଶ୍ରୀନଅରଠାରେ ପ୍ରଭୁ ଓ ଦେବୀଙ୍କୁ ବନ୍ଦାପନା କରି ଭେଟି ପ୍ରଦାନ କରିଥାନ୍ତି। ଏହାପରେ ବରକନ୍ୟା ସେବକମାନଙ୍କଦ୍ୱାରା ନଗର ପରିକ୍ରମା କରିବା ସହିତ ପନ୍ତି ଭୋଗ ଗ୍ରହଣ କରନ୍ତି। ଦେବାଦେବୀଙ୍କ ଶୋଭାଯାତ୍ରା ଦେଉଳରୁ ବାହାରି ଶ୍ରୀନଅର, ବାଲିସାହି, ଜିୟରସ୍ୱାମୀ ମଠ, ବରାହୀ ଠାକୁରାଣୀ ମନ୍ଦିର, ହାଟମୁଣ୍ଡ ଓ ହରଚଣ୍ଡୀ ସହି ଦେଇ ଶ୍ରୀଜମ୍ବେଶ୍ୱରଙ୍କ ମନ୍ଦିରରେ ପହଞ୍ଚନ୍ତି। ସେଠାରେ ପଞ୍ଚୁଗ୍ରାସୀ ଭୋଗ ସହିତ ବନ୍ଦାପନା ମଧ୍ୟ ହୋଇଥାଏ। ସେଠାରୁ ଦେବାଦେବୀ ମାନେ ମଣିକର୍ଣ୍ଣିକା ସାହି ଓ ଗାଣ୍ଡୁଆ ଚୌରାସ୍ଥିତ ଶ୍ରୀକପାଳମୋଚନ ମନ୍ଦିର ସମ୍ମୁଖ ରାସ୍ତା ଦେଇ ଶ୍ରୀମନ୍ଦିରକୁ ବାହୁଡା ବିଜେ କରନ୍ତି।

*-ବିଜୟ ପଟ୍ଟନାୟକ, ପୁରୀ*



ମଧ୍ୟାହ୍ନ ଧୂପ ପରେ ଦେବ ଦମ୍ପତିଙ୍କୁ ଭିତରକୁ ବିଜେ କରାଯାଏ ଓ ପରେ ବନ୍ଦାପନା ହୋଇ ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ପ୍ରଭୁ ମଦନମୋହନ ଓ ଶ୍ରୀଦେବୀ (ରୁକ୍ମିଣୀ)କୁ ବିଜେ କରାଯାଇଥାଏ। ଶୋଭାଯାତ୍ରାରେ ଶ୍ରୀମନ୍ଦିର ପ୍ରଦକ୍ଷଣ କରି ସିଂହଦ୍ୱାର ଦେଇ ବଡ଼ଦାଣ୍ଡରେ ଶ୍ରୀନଅରଠାରେ ଖଟକୁ ବିଜେ କରାଯାଇଥାଏ।

# ଦାରୁବ୍ରହ୍ମ

ଦାରୁବ୍ରହ୍ମ, ଯାହାର ଅର୍ଥ 'କାଠରେ ମୂର୍ତ୍ତି ହୋଇଥିବା ସର୍ବୋଚ୍ଚ ଆତ୍ମା', ଏହା ଓଡ଼ିଶାର ପୁରୀରେ ପ୍ରଭୁ ଜଗନ୍ନାଥଙ୍କ ପବିତ୍ର କାଠ ପ୍ରତିମାକୁ ବୁଝାଏ, ଯାହା ବିଶେଷ ଭାବରେ ଚୟନିତ ନିମ୍ବ କାଠ (ଦାରବ୍ରହ୍ମ)ରୁ ନିର୍ମିତ। ଏହା ଦିବ୍ୟତାକୁ ଦୃଶ୍ୟଭାବରେ ପ୍ରତିନିଧିତ୍ୱ କରେ, ଅସାର ରୂପରୁ ଏକ 'ଚଳିତ/କାର୍ଯ୍ୟଶୀଳ' (ଦାରୁ) ରୂପକୁ ପରିବର୍ତ୍ତନ କରେ ଯାହା ମୁକ୍ତି ଏବଂ ଆନନ୍ଦ ପ୍ରଦାନ କରେ। **ଗୁରୁତ୍ୱ:** ଏହା ସୂଚିତ କରେ ଯେ ପ୍ରଭୁ କେବଳ ଏକ ପଥର କିମ୍ବା ଧାତୁ ପ୍ରତିମା ନୁହଁନ୍ତି ବରଂ ଏକ ଜୀବନ୍ତ, ଶ୍ୱାସକ୍ରିୟାଶୀଳ ଏବଂ କରୁଣାପୂର୍ଣ୍ଣ ଉପସ୍ଥିତି, ଯାହା ଭକ୍ତମାନଙ୍କ ନିକଟରେ ସିଧାସଳଖ ପରମ ବାସ୍ତବତା ଆଣେ। **ସାମଗ୍ରୀ:** ପ୍ରତିମାଟି ଏକ ନିର୍ଦ୍ଦିଷ୍ଟ (ନିମ୍ବ) ଗଛର କାଠରୁ ଖୋଦିତ, ନବକଳେବର ସମାରୋହ ସମୟରେ ପବିତ୍ର ଚିହ୍ନ ଏବଂ ରୀତିନୀତି ଉପରେ ଆଧାର କରି ସତର୍କତାର ସହିତ ବାଛି ନିଆଯାଇଛି। ଦିବ୍ୟ ସାର: ସ୍କନ୍ଦ ପୁରାଣ ଅନୁସାରେ, ଏହି କାଠ ପରମ ବ୍ରହ୍ମାଙ୍କୁ ପ୍ରତିନିଧିତ୍ୱ କରେ, ଯାହା ସମସ୍ତ ଦୁଃଖକୁ ନଷ୍ଟ କରିବା ଏବଂ ଅନନ୍ତ ଆନନ୍ଦ ପ୍ରଦାନ କରିବା ପାଇଁ ସେବା କରେ। **ନବକଳେବର:** ପ୍ରତି ୧୨-୧୯ ବର୍ଷରେ, ଏକ ଆନୁଷ୍ଠାନିକ, ଗୁପ୍ତ ସମାରୋହରେ ପୁରୁଣା କାଠ ରୂପକୁ ଏକ ନୂତନ ସହିତ ବଦଳାଯାଏ ଯେଉଁଠାରେ ଜୀବନ ଶକ୍ତି ସ୍ଥାନାନ୍ତରିତ ହୁଏ। **ପ୍ରସଙ୍ଗ:** ଏହି ଶବ୍ଦଟି ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହିତ ଆନ୍ତରିକ ଭାବରେ ଜଡିତ ଏବଂ ଏହା ଓଡ଼ିଆ ଆଧ୍ୟାତ୍ମିକତାର ଏକ ମୂଳ ଧାରଣା। ବିଶ୍ୱର ସକଳ ଧର୍ମଶାସ୍ତ୍ରର ସାରତତ୍ତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ, ଅଥଚ ଏହି ସଂସ୍କୃତି କୌଣସି ଧର୍ମଧାରାରେ ସୀମାବଦ୍ଧ ନୁହେଁ। ଜଗନ୍ନାଥ ସଂସ୍କୃତିରେ କୌଣସି ପ୍ରକାର ଆଞ୍ଚଳିକ ସଂକୀର୍ଣ୍ଣତା ନାହିଁ। ଏହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଗକାରୀ ସେତୁ। ପରିବର୍ତ୍ତିତ ସ୍ଥିତିରେ ଏହାର ବାହ୍ୟ ରୂପର ପରିବର୍ତ୍ତନ ଘଟିଥିଲେ ହେଁ ମୂଳତତ୍ତ୍ୱ ଅପରିବର୍ତ୍ତିତ ରହିଛି। ପରିଣାମ ସ୍ୱରୂପ ବିଶ୍ୱର ସକଳ ସଂସ୍କୃତି ମଧ୍ୟରେ ଏହା ସମନ୍ୱୟ ପ୍ରତିଷ୍ଠା କରିପାରିଛି। ଜଗନ୍ନାଥ ସଂସ୍କୃତି ସମସ୍ତ ଜାତି, ଧର୍ମ,ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ପ୍ରଶୟ ଦେଇଛି। ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚାଇବା ଏହାର ମୌଳିକ ନୀତି।



# ଜନ୍ମ-ମୃତ୍ୟୁର ଅନନ୍ତ ପ୍ରକ୍ରିୟା

**ଶ୍ରୀରାମ ବନବାସ ବାହାରିବା ସମୟରେ ଦେବୀ ସୀତା ତାଙ୍କ ସହିତ ଯିବା ପାଇଁ ବାହାରିଲେ। ହେଲେ ରାମ ତାଙ୍କୁ ସାଥୀରେ ବନକୁ ନେଇଯିବା ଲାଗି ମନା କଲେ। ଏହାଶୁଣି ସୀତା କହିଲେ, ମୁଁ ପୂର୍ବରୁ ରାମାୟଣରେ ଆପଣଙ୍କ ସହିତ ବନବାସ ଯାଇଛି, ଏବେ କାହିଁକି ଯିବି ନାହିଁ ?**

ଜନ୍ମ-ମୃତ୍ୟୁ ଏକ ନିରନ୍ତର ପ୍ରକ୍ରିୟା। ଏହା ଏକ ଅନନ୍ତ ପ୍ରକ୍ରିୟା। ଠିକ୍ ସେହିପରି ରାମାୟଣ ମଧ୍ୟ ବାରମ୍ବାର ସଂଘଟିତ ହୋଇଛି । ରାମାୟଣକୁ ନେଇ ଜଡ଼ିତ ଅନେକ କାହାଣୀ ଆମକୁ ଏହି ପ୍ରମାଣ ଦେଇଥାଏ। ଶ୍ରୀରାମ ବନବାସ ବାହାରିବା ସମୟରେ ଦେବୀ ସୀତା ତାଙ୍କ ସହିତ ଯିବା ପାଇଁ ବାହାରିଲେ। ହେଲେ ରାମ ତାଙ୍କୁ ସାଥୀରେ ବନକୁ ନେଇଯିବା ଲାଗି ମନା କଲେ। ଏହାଶୁଣି ସୀତା କହିଲେ, ମୁଁ ପୂର୍ବରୁ ରାମାୟଣରେ ଆପଣଙ୍କ ସହିତ ବନବାସ ଯାଇଛି, ଏବେ କାହିଁକି ଯିବି ନାହିଁ ? ଅର୍ଥାତ୍ ରାମାୟଣର ଘଟଣାବଳୀ ପୂର୍ବରୁ ଘଟିଯାଇଥିବାର ଜ୍ଞାନ ଦେବୀ ସୀତାଙ୍କର ରହିଥିଲା। ଏହି ଅନନ୍ତ ସିଦ୍ଧାନ୍ତ ଲୋକକଥାରେ ହନୁମାନଙ୍କ ମୁଦ୍ରିକା କାହାଣୀ ଜରିଆରେ କୁହାଯାଇଛି । ଦିନେ କାଳ ଦେବତା ଯମ ଶ୍ରୀରାମଙ୍କୁ କହିଲେ ଯେ ପୃଥିବୀରେ ତାଙ୍କର ଦାୟିତ୍ୱ ଶେଷ ହୋଇଥିବାରୁ ତାଙ୍କୁ ମୃତ୍ୟୁ ସ୍ୱୀକାର କରି ବୈକୁଣ୍ଠ ଲୋକ ଯିବାକୁ ହେବ। ଯମ ଦେବତା ରାମଙ୍କୁ ସାଥୀରେ ନେଇଯିବା ଲାଗି ପ୍ରୟାସ କରିଥିଲେ। କିନ୍ତୁ ସେ ଜାଣିଥିଲେ ଯେ ତାଙ୍କର ଭକ୍ତ ହନୁମାନ ଶ୍ରୀରାମଙ୍କୁ ନେଇଯିବା ଲାଗି ଦେବେ ନାହିଁ । ଭକ୍ତ ହନୁମାନଙ୍କୁ ରାମଙ୍କ ଠାରୁ ଦୂରେଇ ଦେବା ଲାଗି ଶ୍ରୀରାମ ନିଜ ମୁଦିର ଏକ ପଥର ପାତାଳ ଲୋକକୁ ଫିଙ୍ଗି ଦେଇଥିଲେ । ଏହାପରେ ହନୁମାନଙ୍କୁ ଡାକି ସେହି ପଥର ଖୋଜି ଆଣିବା ପାଇଁ ଆଜ୍ଞା ଦେଇଥିଲେ । ହନୁମାନ ତୁରନ୍ତ ସୂକ୍ଷ୍ମ ରୂପ ଧରି ଭୂମିର ଫାଟ ଦେଇ ପାତାଳ ଲୋକକୁ ପ୍ରବେଶ କରିଥିଲେ । ସେ ନାଗଲୋକରେ ପହଞ୍ଚି ଯାଇଥିଲେ । ନାଗଲୋକରେ ସେ ନାଗରାଜ ବାସୁକୀଙ୍କୁ ଭେଟିଲେ। ସେ ତାଙ୍କ ଠାରୁ ମୁଦିର ପଥର ଖୋଜିବା ପାଇଁ ପ୍ରାର୍ଥନା କଲେ । ବାସୁକୀ ତାଙ୍କୁ ଏକ ପାହାଡ଼ ଦିଗରେ ନେଇଯାଇଥିଲେ । ସେହି ପାହାଡ଼ ନିକଟରେ ପହଞ୍ଚିବା ପରେ ହନୁମାନଙ୍କର ହୃଦ୍‌ବୋଧ ହେଉଛି ଯେ ତାହା ମୁଦି ପଥରର ପାହାଡ଼ । ଠିକ ଏହି ସମୟରେ ହନୁମାନ ଚିନ୍ତା କରୁଛନ୍ତି ଯେ ଏହା ଭିତରୁ ସେ ଶ୍ରୀରାମଙ୍କ ମୁଦି କିପରି ଖୋଜି ପାଇବେ ? ଏହି ସମୟରେ ବାସୁକୀ ନାଗ ତାଙ୍କୁ କହିଛନ୍ତି ଯେ ଏହା ଏକ ଅନନ୍ତ କାହାଣୀ ! ତାଙ୍କ ପୂର୍ବରୁ ଏମିତି କେତେ ମୁଦି ପାତାଳପୁରରେ ଖସିପଡ଼ିଛି ଏବଂ କେତେ ସଂଖ୍ୟକ ବାନର ଏଠାକୁ ଆସି ଶ୍ରୀରାମଙ୍କ ମୁଦି ଖୋଜିଛନ୍ତି । ପ୍ରତିଥର ଜଣେ ବାନର ମୁଦି ଖୋଜିବାକୁ ଆସିବା ସମୟରେ ତ୍ରେତୟା ଯୁଗ ଶେଷ ହୋଇଛି ବୋଲି ଧରିନିଆଯାଇଥାଏ । ବାସୁକୀଙ୍କ ଠାରୁ ଏହି କଥା ଶୁଣି ହନୁମାନ ବୁଝିପାରିଥିଲେ ଯେ ଜନ୍ମ-ମୃତ୍ୟୁର ପ୍ରକ୍ରିୟା ଅନନ୍ତ ଅଟେ । ଏହାକୁ ଅଟକାଇବା ସମ୍ଭବ ନୁହେଁ।



# ଲୋକନାଥ

**ଶ୍ରୀ**ମନ୍ଦିର ପଶ୍ଚିମରେ ପ୍ରାୟ ୨ କିଲୋମିଟର ଦୂରରେ ଶ୍ରୀଲୋକନାଥ ମନ୍ଦିର ଅବସ୍ଥିତ। ଶ୍ରୀଲୋକନାଥ ପଞ୍ଚ ପାଣ୍ଡବଙ୍କ ମଧ୍ୟରେ ଭୀମ ରୂପରେ କଳ୍ପିତ। ପ୍ରାୟ ୧୦ଏକର ପରିମିତ ଅଞ୍ଚଳରେ ଏହି ମନ୍ଦିର ଅବସ୍ଥିତ। ବେଢା ସମ୍ମୁଖରେ ପାର୍ବତୀ ସାଗର ନାମକ ଏକ ଜଳାଶୟ ରହିଛି। ମନ୍ଦିର ପତ୍ତନଠାରୁ ପ୍ରାୟ ୧୦ଫୁଟ୍ ନିମ୍ନରେ ପୂଜା ପାଉଥିବା ଶିବଲିଙ୍ଗ ବର୍ଷତମାମ ଜଳମଗ୍ନ ରହିଥାନ୍ତି। ଫାଲ୍‌ଗୁନ କୃଷ୍ଣ ଏକାଦଶୀରେ ପଙ୍କୋଦ୍ଧାର ପରେ ଦିବ୍ୟ ଲିଙ୍ଗଙ୍କ ଦର୍ଶନ ମିଳେ। ବୈଶାଖ ଶେଷ ସୋମବାର ଏଠାରେ ସରନ୍ତି ସୋମବାର ମହୋତ୍ସବ ଅନୁଷ୍ଠିତ ହୁଏ। ଓଡ଼ିଶା ଗ୍ରାମାଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ପୀଠରେ ପହଞ୍ଚି ନୂଆ ଧାନରେ ଚୁଡ଼ାଘଷା ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି। ପୀଠରେ ପ୍ରସିଦ୍ଧ ଜାଗର ମେଳା ଅନୁଷ୍ଠିତ ହୋଇଥାଏ। ଶ୍ରାବଣ ମାସର ପ୍ରତି ସୋମବାର ଭାରତର ବିଭିନ୍ନ ପ୍ରାନ୍ତରୁ ପବିତ୍ର ନଦୀଜଳ ଧରି ପାଦରେ ଚାଲି ଚାଲି କାଉଡ଼ିଆମାନେ ଜଳାଭିଷେକ ନିମନ୍ତେ ପୀଠରେ ପହଞ୍ଚିଥାନ୍ତି।

# ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିରେ

# ଆନାସ୍ଥେସିଓଲୋଜି



ଆଜିର ସମୟରେ ଅନେକ ହୁଏତ ଜାଣିନଥାନ୍ତି ବିଶେଷକରି ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ନିଶ୍ଚେତକର ଭୂମିକା ଓ ସ୍ୱତନ୍ତ୍ର ଭାବେ ଆନାସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାରର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର କ'ଣ ? କାରଣ ନିଶ୍ଚେତକକୁ ସାଧାରଣରେ ଏକ ପ୍ରକାର ନିଶା ଭାବି ଏହି ବ୍ୟବସ୍ଥାର ଚିକିତ୍ସକଙ୍କୁ ସାଧାରଣ ଡାକ୍ତର ଭାବେ ବିଚାର କରିଥାନ୍ତି। କିନ୍ତୁ ବର୍ତ୍ତମାନ ସମୟର ଜଟିଳ ସ୍ୱାସ୍ଥ୍ୟ ପରିସ୍ଥିତି କ୍ଷେତ୍ର ଭିତରେ ନିଶ୍ଚେତକର ଭୂମିକା ଦିନକୁ ଦିନ ଗୁରୁତ୍ୱପୂର୍ଣ୍ଣ, ଅପରିହାର୍ଯ୍ୟ ଓ ଅତ୍ୟାବଶ୍ୟକ ଜୀବନ ନିର୍ବାହର କ୍ଷେତ୍ର ହେବାକୁ ଯାଉଛି। ୧୮୫୭ ମସିହାର କଥା। ଚିକିତ୍ସା ଜଗତରେ ବିଶେଷକରି ଶଲ୍ୟ ଚିକିତ୍ସା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ସୂତ୍ରପାତ ହୋଇଥିଲା। ଜଣେ ଆମେରିକୀୟ ନିଶ୍ଚେତକ ଚିକିତ୍ସିକ ଡବ୍ଲ୍ୟୁଟିଜି ମୋର୍ଟନ ଅତି ସାହସର ସହିତ ମାସାସୁଚେଟସ୍‌ର ଏକ ପ୍ରେକ୍ଷାଳୟରେ, ଜନସାଧାରଣଙ୍କ ସମ୍ମୁଖରେ ନିଶ୍ଚେତକର ଦ୍ରବ୍ୟଗୁଣ ଏବଂ ଇଥର ଉପରେ ତା'ର ପ୍ରତିକ୍ରିୟା ସମ୍ବନ୍ଧରେ ସବିଶେଷ ପ୍ରଦର୍ଶନ କରିଥିଲେ। ପରେ ଏହା ଶତାବ୍ଦୀର ଆଶ୍ଚର୍ଯ୍ୟ ଔଷଧ ଭାବେ ପରିଚିତ ହୋଇଥିଲା। ଔଷଧୀୟ ଜଗତର ଏହି ଆଶ୍ଚର୍ଯ୍ୟଜନକ ଏବଂ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନ ପରେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଆଜି ନିଶ୍ଚେତକ ଚିକିତ୍ସକମାନେ ଅଜଣା ହୋଇ ରହିଛନ୍ତି। ଅକ୍ଟୋବର ମାସ ୧୬ ତାରିଖରେ ବିଶ୍ୱ ନିଶ୍ଚେତକ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିରେ ଆନାସ୍ଥେସିଓଲୋଜି।' ଏହି ଉପଲକ୍ଷେ ବିଶ୍ୱବ୍ୟାପୀ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟଶାଳା ଆୟୋଜନ କରାଯାଇଛି। ଜନସାଧାରଣଙ୍କୁ ସମ୍ବେଦନଶୀଳ, ମହତ୍ତ୍ୱପୂର୍ଣ୍ଣ ଔଷଧର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଅବଗତ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆଜି ସ୍ୱାସ୍ଥ୍ୟ ବିଜ୍ଞାନରେ ନିଶ୍ଚେତକ ତତ୍ତ୍ୱ ନିଶ୍ଚିତଭାବେ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ନିଶ୍ଚେତକ ବିଶେଷଜ୍ଞ ବିନା ଅସମ୍ଭବ। ଉଭୟ ଶଲ୍ୟ ଚିକିତ୍ସା ଓ ଚିକିତ୍ସକଙ୍କ ପ୍ରମୁଖ ସାଥୀ ଓ ସହଯୋଗୀ ହେଉଛନ୍ତି ନିଶ୍ଚେତକ ବିଶେଷଜ୍ଞ। ଯେ କୌଣସି ହସ୍ପିଟାଲର ଆଇସିୟୁ ସହିତ ଏମାନଙ୍କର ଅନ୍ତରଙ୍ଗ ସମ୍ପୃକ୍ତି। ସ୍ଥଳ ବିଶେଷରେ ନିଶ୍ଚେତକ ଡାକ୍ତରମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ନିଶ୍ଚେତକ ବିଶେଷଜ୍ଞ ରୋଗୀର ସୁଗମ ଅସ୍ତ୍ରୋପଚାର ପାଇଁ କ୍ଷେତ୍ର ପ୍ରସ୍ତୁତି କରିଥାନ୍ତି ଏବଂ ତାର କଷ୍ଟ ଲାଘବ ପାଇଁ ଅହରହ ପ୍ରସ୍ତୁତଥାନ୍ତି। ଏହି ଉଚ୍ଚ ପ୍ରଶିକ୍ଷଣପ୍ରାପ୍ତ ବ୍ୟକ୍ତିମାନେ ଅସଂଖ୍ୟ ରୋଗୀମାନଙ୍କ ଜୀବନ ରକ୍ଷା କରିଥାନ୍ତି। ସାଧାରଣତଃ ଆନାସ୍ଥେସିଆ ତିନି ପ୍ରକାରର। ଜେନେରାଲ, ରିଜିଓନାଲ ଓ ଲୋକାଲ। ଜେନେରାଲ ଆନାସ୍ଥେସିଆ ବଡ଼ ବଡ଼ ଅସ୍ତ୍ରୋପଚାର ସମୟରେ ପ୍ରୟୋଗ ହେଉଥିବାବେଳେ ରିଜିଓନାଲ ଆନାସ୍ଥେସିଆ ପ୍ରୟୋଗ ଫଳରେ ଶରୀରର ଏକ ବଡ଼ ଅଂଶ ବଧିରା ହୋଇଥାଏ। ରୋଗୀ ବେହୋସ ହୋଇ ନ ଥାଏ କିନ୍ତୁ ସେ ଯନ୍ତ୍ରଣା ଅନୁଭବ କରିପାରିନଥାଏ। କିନ୍ତୁ ଲୋକାଲ ଆନାସ୍ଥେସିଆ ଦ୍ୱାରା ଶରୀରର କୌଣସି ଏକ ଅଙ୍ଗର ଛୋଟିଆ ଅଂଶକୁ ବଧିରା କରାଯାଇଥାଏ। ଜେନେରାଲ ଆନାସ୍ଥେସିଆ ବା ସାଧାରଣ ନିଶ୍ଚେତକ ବ୍ୟବହାର ହେଲେ ମସ୍ତିଷ୍କକୁ ଯନ୍ତ୍ରଣା ସୂଚାଉ ଥିବା ସ୍ନାୟୁ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ଲାଗି ନିସ୍ତେଜ କରି ରଖାଯାଏ। ଏହି ନିଶ୍ଚେତକକୁ ତିନି ପ୍ରକାରରେ ଦିଆଯାଇଥାଏ। ପ୍ରଥମତଃ ଗ୍ୟାସ ରୂପେ ଉପଲବ୍ଧ ନାଇଟ୍ରସ ଅକ୍ସାଇଡକୁ ଅମ୍ଳଜାନ ସହିତ ମିଶାଇ ରୋଗୀକୁ ଶ୍ୱାସକ୍ରିୟାରେ ଦିଆଯାଏ ଦ୍ୱିତୀୟରେ ତରଳ ରୂପରେ ଆସୁଥିବା ସୋଭୋଫ୍ଲୋରେନ, ହାଲୋଥେନ, ଏନଫ୍ଲୋରେନ, ଡେସଫ୍ଲୋରେନ ଇତ୍ୟାଦିକୁ ସ୍ୱେଶାଲ ଭେପୋରାଇଜର ମାଧ୍ୟମରେ ଗ୍ୟାସରେ ପରିଣତ କରାଯାଇ ପ୍ରୟୋଗ କରାଯାଏ। ତୃତୀୟରେ ନିଶ୍ଚେତକକୁ ଇଂଜେକସନ ଜରିଆରେ ସିଧାସଳଖ ସ୍ନାୟୁରେ ପ୍ରୟୋଗ କରାଯାଏ। ଏହି କାର୍ଯ୍ୟ ପାଇଁ କୌଣସି ବି ଅସ୍ତ୍ରୋପଚାର ସମୟରେ ଜଣେ ନିଶ୍ଚେତକ ବିଶେଷଜ୍ଞ ଉପସ୍ଥିତ ଥାଆନ୍ତି। ବେଳେ ବେଳେ ଅସ୍ତ୍ରୋପଚାର ନିର୍ଦ୍ଧାରିତ ସମୟ ଠାରୁ ଅଧିକ ସମୟ ହୋଇଥାଏ ସେ କ୍ଷେତ୍ରରେ ନିଶ୍ଚେତକ ବିଶେଷଜ୍ଞ ପରିସ୍ଥିତିକୁ ଚାହିଁ ଆନାସ୍ଥେସିଆ ପ୍ରୟୋଗ କରିଥାନ୍ତି। ଆନାସ୍ଥେସିଆ ପ୍ରୟୋଗ କରିବାବେଳେ ରୋଗୀର ହୃଦ ସ୍ପନ୍ଦନ ଓ ପଲସ୍‌ର କ୍ଷେତ୍ରକୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ରଖାଯାଇଥାଏ।



CMYK



## ଛଣିଜଙ୍ଗ ପଞ୍ଚାୟତରେ ବିଜେପିର ସାଂଗଠନିକ ବୈଠକ

ଚାରିଛକ,(ନିପ୍ର): ନିମାପଡା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ୨୧ନଂ ଜୋନର ଛଣିଜଙ୍ଗ ପଞ୍ଚାୟତରରେ ଆଜି ବିଜେପିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ମହେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ପୂର୍ବତନମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଂଜନ ଦାଶ, ବ୍ଲକ ଅଧକ୍ଷ ଶଙ୍କର ଭୋଇ, ପୂର୍ବତନ ବ୍ଲକ ଉପାଧକ୍ଷ ଅଜୟ କୁମାର ସ୍ୱାଇଁ,ଜୀବନାନନ୍ଦ ମହାପାତ୍ର,ଅଶୋକ ସାହୁ,ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ଦୀନବନ୍ଧୁ ସାହୁ, ସ୍ୱପ୍ନେଶ୍ୱର ଲେଙ୍କା, ସୁବାସ ବାରିକ, ସୂର୍ଯ୍ୟନାରାୟଣ ପରିଡା, ରମାରଞ୍ଜନ ଦେବ ପାତ୍ର, ଯୁବନେତା ରାକେଶ ବେହେରା, ସରୋଜ ମାଝି, ନିହାର ରଞ୍ଜନ ସ୍ୱାଇଁ, ସୁଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨ବର୍ଷ ଓ ରାଜ୍ୟରେ ମୋହନ ସରକାରଙ୍କ ଦୁଇବର୍ଷ ପୂର୍ତ୍ତୀ ପାଳନ ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ତୃଣମୂଳସ୍ତରରେ ସଂଗଠନକୁ ମଜଭୂତ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମୀର ଦାଶଙ୍କ ନେତୃତ୍ୱରେ ପଞ୍ଚାୟତ ନିର୍ବାଚନରେ ଦିଆଯାଇଥିବା ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥିଙ୍କୁ ବିଜୟୀ କରିବାକୁ ଆଜି ବୈଠକରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ କମିଟି ଗଠନ କରାଯାଇଥିଲା । ସେଥିରେ ଆବାହକ ଭାବେ ସୁବାସ ବାରିକ ଓ ସହ ଆବାହକ ଭାବେ ପ୍ରତାପ ବାରିକ, ସୁନିଲ ସ୍ୱାଇଁଙ୍କୁ ନେଇ ଏକ ୧୬ଜଣିଆ କମିଟି ଗଠନ କରାଯାଇଛି ।

# ହଜିବାକୁ ବସିଲାଣି ପଥର ତିଆରି ଘରକରଣା



ଭାପୁର,(ନିପ୍ର): ଆଧୁନିକ ଯୁଗର ଚାକଚକ୍ୟ ପରିବେଶ ମଧ୍ୟରେ ଦିନକୁ ଦିନ ହଜିବାକୁ ବସିଲାଣି ପଥରରେ ନିର୍ମିତ ଘର କରଣା ସାମଗ୍ରୀର ଚାହିଦା । ଅତୀତରେ ଗାଁ ଗହଳିରେ ପ୍ରଚଳିତ ଶିଳ,ନୋଳ,ପେଶା ଆଦି ଆଉ ଦେଖିବାକୁ ମିଳୁ ନାହିଁ। ଏ ସବୁ ସାମଗ୍ରୀ ବଦଳରେ ବର୍ତମାନ ବୈଦ୍ୟୁତିକ ଗ୍ରାଇଣ୍ଡର ପ୍ରତ୍ୟେକଙ୍କ ଘରେ ଘରେ ପରିଚିତ ହୋଇଛି । ଅତୀତରେ ଯେଉଁଭଳି ଭାବରେ ଶିଳବଟା ଚାଉଳ ଓ ବିରିରେ ତିଆରି ପିଠାର ସ୍ୱାଦ ଆଉ ଖାଇବାକୁ ମିଳୁନାହିଁ କି ଶିଳବଟା ମସଲା ବାସ୍ନା ତରକାରୀର ମହକ ଦେଖିବାକୁ ମିଳୁନାହିଁ। ଦିନକୁ ଦିନ ପଥର ନିର୍ମିତ ସାମଗ୍ରୀର ଚାହିଦା ବୁଡିବାକୁ ବସିଛି । ଅତୀତରେ ଝିଅ ଟିଏ ବାହାଘର ହେଲେ ପ୍ରଥମେ ପଥର ନିର୍ମିତ ଶିଳ,ନୋଳ,ପେଶା, ଘୋରଣା ଯୌତୁକ ରୂପେ ପ୍ରଦାନ କରାଯାଉଥିଲା କିନ୍ତୁ,ଏ ପରମ୍ପରା ବର୍ତମାନ ବୁଡିବାକୁ ବସିଲାଣି। ଭାପୁର ବ୍ଲକର ଗଡ଼ଖୋଲ ଗାଁରେ ପଥରରେ ନିର୍ମାଣ କରୁଥିବା ସାମଗ୍ରୀ ପରିବାର ବାସ କରନ୍ତି । ଏହି ସାମଗ୍ରୀ ଆଗ ଭଳି ବିକ୍ରି ହେଉ ନ ଥିବାରୁ ସେମାନେ ବର୍ତମାନ ଦୁର୍ବିସହ ଜୀବନ ବିତାଉଥିବା ଦେଖାଯାଉଛି । ପଥର ନିର୍ମିତ ସାମଗ୍ରୀର ଚାହିଦା ହ୍ରାସ ପାଉଥିବାରୁ ସେମାନଙ୍କର ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି ବୋଲି କୋହଭରା କଣ୍ଠରେ ସେ ଗାଁ ର ପଥର କାରିଗର ଦୀନବନ୍ଧୁ,ଆର୍ତ୍ତବନ୍ଧୁ, କୈଳାସ,ରଘୁନାଥ ଆଦି କହିଛନ୍ତି । ନିହାଣ ମୁନରେ କଳା ମୁଗୁନି ପଥରକୁ ଖୋଦେଇ କରି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ଗୋଟିଏ ଗୋଟିଏ ଜିନିଷ ନିର୍ମାଣ କରିବା ପାଇଁ ଏକ ସପ୍ତାହ ସମୟ ଲାଗେ କିନ୍ତୁ, ବିକ୍ରି କରିବା ପାଇଁ ଅପେକ୍ଷା କରିବାକୁ ପଡୁଥିବାବେଳେ ମାତ୍ର ୫୦୦ ରୁ ୭୦୦ ଟଙ୍କା ମଧ୍ୟରେ ବିକ୍ରି ହୁଏ । ବିବାହ ଘର ଏବଂ କୌଣସି ମେଳା,ଜାନିଯାତ୍ରା ଆସିଲେ ଏହି ସାମଗ୍ରୀ ବିକ୍ରୟ ହୋଇଥାଏ । ଏହି ସାମଗ୍ରୀ ବିକ୍ରୟର ମାନ୍ଦା ଅବସ୍ଥା ଦେଖି କାରିଗର ମାନେ ପଥର ଚିପ୍ସ ଓ ମେଣ୍ଟାଲ ବାଡ଼ଉଥିବା ଦେଖାଦେଇଛି କାରଣ,ଚିପ୍ସ ନୂଆ ଘର ନିର୍ମାତାମାନେ କିଣି ନେଉଛନ୍ତି । ତେଣୁ, ଘରକରଣା ସାମଗ୍ରୀର ପ୍ରସ୍ତୁତ ଓ ବିକ୍ରୟ କରିବା ପାଇଁ ସରକାରୀ ପ୍ରୋତ୍ସାହନ ସାଙ୍ଗକୁ ସହଯୋଗ ମିଳିପାରିଲେ ଏହି ବ୍ୟବସାୟ ଅଧିକ ଆଦୃତ ହୋଇ ପାରନ୍ତା ବୋଲି କାରିଗର ମାନେ ପ୍ରକାଶ କରିଛନ୍ତି ।

## ସୁସ୍ଥ ଜୀବନକୁ ହଁ, ନିଶା ଔଷଧକୁ ନା




ହିଞ୍ଜିଳିକାଟୁ,(ନି.ପ୍ର): ସାରା ବିଶ୍ୱରେ ନିଶା ଔଷଧର ଅବାଧ କାରବାର ଓ ବହୁଳ ଅପବ୍ୟବହାର ସଭ୍ୟ ସମାଜ ଉପରେ ଏକ ଭୟଙ୍କର କୁପ୍ରଭାବ ପକାଇବା ସହ ଏହାର କୁପରିଣତି ଏକ ପ୍ରମୁଖ ସମସ୍ୟା ଭାବେ ତିଷ୍ଠି ରହିଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱର ରାଷ୍ଟ୍ର ସମୂହରେ ଆବଶ୍ୟକ ସଚେତନତା ସୃଷ୍ଟି କରିବାକୁ ପ୍ରତି ବର୍ଷ ଜୁନ ୨୬ ତାରିଖକୁ ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଚୋରା ଚାଲାଣ ଓ ସେବନ ନିଷେଧ ଦିବସ ରୂପେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅବକାରୀ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ହିଞ୍ଜିଳିକାଟୁ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଅବକାରୀ ସହ ଉପ ନିରୀକ୍ଷକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ଚୋରା ଚାଲାଣ ଓ ସେବନ ନିଷେଧ ଦିବସ ପାଳନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଉପଖଣ୍ଡ ଚିକିତ୍ସାଳୟ, ସ୍ୱୟଂ ଶାସିତ ବିଜ୍ଞାନ ମହାବିଦ୍ୟାଳୟ, ବଇଁଚ ବଣିଆ ଛକ ଓ ନୂତନ ବସ ଟର୍ମିନାଲ ସମେତ ସହରର ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନ ଗୁଡିକରେ ନିଶାକୁ ନାଁ ପ୍ରାଚୀର ପତ୍ର ଲଗାଇବା ସହ ଫ୍ଲେକ୍ସ ବ୍ୟାନର ପ୍ରଦର୍ଶନ କରି ନିଶା ନିବାରଣ ଉଦ୍ଦେଶ୍ୟରେ ଜନ ସଚେତନତା ସୃଷ୍ଟି କରିଥିଲେ। ସଂପ୍ରତି ନିଶାର ଅପବ୍ୟବହାର ଏବଂ ଅବାଧ କାରବାର ସମ୍ପ୍ରତି ବିଶ୍ୱବ୍ୟାପୀ ବ୍ୟକ୍ତି ବିଶେଷ, ପରିବାର ଏବଂ ବିଭିନ୍ନ ସମ୍ପ୍ରଦାୟ ପ୍ରତି ଏକ ବଡ଼ ବିପଦ ଭାବେ ଉଭା ହୋଇଛି । ମୁଖ୍ୟତଃ ନିଶା ସେବନର ପରିଣାମ ସୁଦୂରପ୍ରସାରୀ, ସ୍ୱାସ୍ଥ୍ୟ ଅବନତି, ସମ୍ପର୍କ ଭାଙ୍ଗିବା ଏବଂ ଉତ୍ପାଦକତା ହରାଇବାରେ ଏହା ପ୍ରମୁଖ କାରଣ ପାଲଟିଛି । ଏଣୁ ଚଳିତ ବର୍ଷର ବିଷୟବସ୍ତୁ ହେଉଛି ସୁସ୍ଥ ଜୀବନକୁ ହଁ, ନିଶା ଔଷଧକୁ ନାଁ । ବିଭିନ୍ନ ନିଶା ଦ୍ରବ୍ୟର ପ୍ରକାର ଭେଦ, ଛାତ୍ର ଓ ଯୁବ ସମାଜ ନିଶା ଦ୍ରବ୍ୟ ସେବନର ପ୍ରାଥମିକ ପର୍ଯ୍ୟାୟ, ନିଶାଡିର ବ୍ୟବହାରିକ ଲକ୍ଷଣ ଓ ନିଶା କବଳରୁ ମୁକ୍ତି ପାଇବା ପାଇଁ ନିଶା ନିବାରଣ କେନ୍ଦ୍ର ସ୍ଥାପନ, ଶାରୀରିକ ଓ ମାନସିକ ଶାନ୍ତି ଲାଭ ନିମନ୍ତେ ସଠିକ ମାର୍ଗ ନିର୍ଣ୍ଣୟ ଏବଂ ନିଶା ଦ୍ରବ୍ୟର ଚୋରା ଚାଲାଣ ରୋକିବା ନିମନ୍ତେ ଉଦ୍ଦିଷ୍ଟ ଥିବା ଅର୍ଥଦଣ୍ଡ ପ୍ରାବଧାନ ଆଦି ସଂପର୍କରେ ବିଭାଗ ପକ୍ଷରୁ ପ୍ରଚାର ପତ୍ର ମାଧ୍ୟମରେ ସଚେତନତା ସୃଷ୍ଟି କରଯାଇଛି । ଏହି କାର୍ଯ୍ୟକ୍ରମରେ ଅବକାରୀ କନେଷ୍ଟବଳ ଲଟେଶ୍ୱର ପ୍ରଧାନ,ଜି.ଭୀମା ରାଓ ଓ ଶଶାଙ୍କ ଶେଖର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ସ୍ଥାୟୀ ବ୍ଲକ୍ ଶିକ୍ଷାଧିକାରୀ ପଦବୀ ଖାଲି
## ଶିକ୍ଷକ ଓ ଶ୍ରେଣୀଗୃହ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

ନିମାପଡ଼ା, (ନି.ପ୍ର.): ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇ ଥିଲେ ହେଁ ଏଠାରେ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ ସ୍ଥାୟୀ ଶିକ୍ଷାଧିକାରୀ ନଥିବାରୁ ଶିକ୍ଷା ବିଭାଗ ସ୍ଥାଣୁ ପାଲଟି ଥିବା ଲକ୍ଷ୍ୟ କରାଯାଇଛି । ଅନେକ ବିଦ୍ୟାଳୟ ଭିତିଭୂମି ଉନ୍ନତି ନିମନ୍ତେ ଚେଷ୍ଟା ଜାରିଥିଲେ ମଧ୍ୟ କୌଣସି କାରଣରୁ ତାହା ପୂରଣ ହୋଇପାରୁ ନଥିବାରୁ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶରେ ବାଧା ସୃଷ୍ଟି ହୋଇଛି । ଖେଳ ପଡ଼ିଆ, ଲେବୋରେଟୋରୀ, ଡ଼ିଜିଟାଲ୍ ବ୍ଲାକ୍‌ବୋର୍ଡ଼, ଆବଶ୍ୟକ ଅନୁଯାୟୀ ଶିକ୍ଷକ, ବିଷୟ ଭିତିକ ଶିକ୍ଷକ, ଶିକ୍ଷୟିତ୍ରୀ, ଖେଳ ଶିକ୍ଷକ, ସଂଗୀତ ଶିକ୍ଷକ ଆଦି ଅଭାବ ନେଇ ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ପଛୁଆ ରହୁଥିବା ସୂଚନା ମିଳିଛି । ପାଠ୍ୟ ପୁସ୍ତକ ଯୋଗାଣରେ ଅହେତୁକ ବିଳମ୍ବ ଯୋଗୁଁ ଅନେକ ବିଦ୍ୟାଳୟରେ ପୁସ୍ତକ ପହଞ୍ଚି ନଥିବା ବେଳେ କେତେକ ବିଦ୍ୟାଳୟରେ ତ୍ରୁଟିପୂର୍ଣ୍ଣ ପୁସ୍ତକ ମିଳିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି । କେତେକ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନଥିବାରୁ ଗୋଟିଏ ଶ୍ରେଣୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଏକତ୍ର ପଢୁଥିବା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯାଇଛି । ଯେହେତୁ ସ୍ଥାୟୀ ବ୍ଲକ୍ ଶିକ୍ଷାଧିକାରୀ ନାହାନ୍ତି ଏଣୁ କୌଣସି ପ୍ରକାର ନିଷ୍ପତି ନେବା କଷ୍ଟକର ହୋଇପଡୁଛି ବୋଲି ଜନୈକ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସୂଚନା ଦେଇ ଏ ଦିଗରେ ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଛନ୍ତି । ବ୍ଲକ୍ ମୁଖ୍ୟାଳୟରେ ଥିବା ଜ.ବ.ରା. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ହେଲା ପ୍ରଧାନ ଶିକ୍ଷୟିତ୍ରୀ ନଥିବାରୁ ନାନା ଅସୁବିଧା ଉପୁଜିଥିଲେ ମଧ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଚୁପ୍ ରହୁଥିବା ସ୍ୱୀକାର କରିଛନ୍ତି । ସତ୍ୟବାଦୀ ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ନିମାପଡ଼ା ଦାୟିତ୍ୱରେ ଥିବା ବେଳେ ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଏବଂ ଶ୍ରେଣୀଗୃହ ଅଭାବ ପରିଲକ୍ଷିତ ହୋଇଛି । ତ୍ରୁଟିପୂର୍ଣ୍ଣ ପୁସ୍ତକ ବିଦ୍ୟାଳୟକୁ ଯୋଗାଣ ହୋଇଥିବା ବେଳେ କେତେକ ଅଭିଭାବକ ଏହି ବହି ନେବାକୁ ଅନିଚ୍ଛା ପ୍ରକାଶ କରୁ ଥିବାରୁ ବହି ଗୁଡ଼ିକ ଜିଲ୍ଲା ମୁଖ୍ୟାଳୟକୁ ଫେରସ୍ତ କରାଯିବାର ସମ୍ଭାବନା ରହିଛି ବୋଲି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ସୂଚନା ଦେଇ ପ୍ରତ୍ୟେକ ଶିକ୍ଷକ ତ୍ରୁଟିପୂର୍ଣ୍ଣ ବହିରେ ସଂଶୋଧନ ଆଣି ଶିକ୍ଷାଦାନ କରିବାକୁ କୁହାଯାଇଛି ।

## ମହାନଦୀରୁ ମିଳିଲା ଶତାଧିକ ରହସ୍ୟମୟ ନାଗ ମୂର୍ତ୍ତି

କଟକ(ନିପ୍ର): ଗୋଟିଏ ନୁହେଁ କିମ୍ବା ଦୁଇଟି ଛୋଟ ବଡ଼ ଶତାଧିକ ନାଗମୂର୍ତ୍ତି ମହାନଦୀର ସ୍ରୋତରୁ ମିଳିଛି । ଏହାପରେ ଅଞ୍ଚଳରେ ଏକ ଭକ୍ତିଭାବମୟ ପରିବେଶ ସୃଷ୍ଟି ହୋଇଛି । ସୂଚନାନୁସାରେ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଓଗାଳପୁରର କେତେକ ଯୁବକ ମହାନଦୀକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ଜଣଙ୍କ ପାଦ ଓ ହାତକୁ କିଛି କଠିନ ବସ୍ତୁ ଲାଗିଥିଲା । ଉତ୍ସୁକତାର ସହକାରେ ସେ ଏହାକୁଉଠାଇବାକୁ ଉଦ୍ୟମ କରିବିଫଳ ହୋଇଥିଲେ । ସାଥୀରେ ଥିବା ଅନ୍ୟ ଛଅ ଜଣ ବନ୍ଧୁଙ୍କୁ ଡାକି ଉଠାଇଥିଲେ । ପ୍ରଥମେ ଏକ ୩-୪ଫୁଟର ବଡ଼ ନାଗମୂର୍ତ୍ତି ଉଦ୍ଧାର ହୋଇଥିଲା । ଏହା ପରେ ପରେ ସେଠାରେ ଛୋଟବଡ଼ ପ୍ରାୟ ୧୦୦ଟି ନାଗମୂର୍ତ୍ତି ମିଳିଥିଲା । ନାଗମୂର୍ତ୍ତିକୁ ନେଇ ପଠାରେ ରଖି ଧୂପ ଦୀପ ପୂଜାର୍ଚ୍ଚନା କରିଥିଲେ । ପରେ ଓଗାଳପୁର ସମ୍ଭେଶ୍ୱର ଦେବ ଶିବ ମନ୍ଦିର ନିକଟକୁ ଅଣା ଯାଇଛି । ତେବେ ଏହି ମୂର୍ତ୍ତି ଗୁଡିକୁ କିଏ କେଉଁଠୁ ଚୋରି କରି ନେଉଥିବା ବେଳେ ଠାକୁରଙ୍କ ମହିମା ଯୋଗୁଁ ମହାନଦୀରେ ପକାଇ ଦେଇଛି ବୋଲି ଅନୁମାନ କରାଯାଉଛି । ପରବର୍ତୀ ସମୟରେ ମନ୍ଦିର କମିଟିକୁ ଏହି ମୂର୍ତ୍ତି ହସ୍ତାନ୍ତର କରାଯିବ ବୋଲି ଗ୍ରାମର ଉଦ୍ଧାର କରିଥିବା ଯୁବକମାନେ ସୂଚନା ଦେଇଛନ୍ତି ।

## ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କୁ ୧୫ ଦିନର ମହଲତ

କଟକ,(ନିପ୍ର): ରାଜ୍ୟ ଆଇନଜୀବି ପରିଷଦ ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ୧୫ ଦିନର ମହଲତ ଦିଆଯାଇଛି । ଏହି ସମୟ ମଧ୍ୟରେ ଦାବି ପୂରଣ ନହେଲେ ରାଜ୍ୟ ବ୍ୟାପି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆଇନଜିବୀ କଲ୍ୟାଣ ପାଣ୍ଠି ବୃଦ୍ଧି ବାବଦରେ ରାଜ୍ୟ ବାରକାଉନସିଲର ପ୍ରସ୍ତାବକୁ ରାଜ୍ୟ ସରକାର ୧୫ ଦିନ ମଧ୍ୟରେ ଗ୍ରହଣ କରି ଏହି ବୃଦ୍ଧି ରାଶିକୁ ୧୦୦ ପ୍ରତିଶତ ବୃଦ୍ଧିରେ ପରିଣତ କରି ଅବସର କାଳୀନ କିମ୍ବା ମୃତ ଆଇନଜିବୀଙ୍କୁ ସର୍ବନିମ୍ନ ୯ଲକ୍ଷ ଟଙ୍କା କଲ୍ୟାଣ ପାଣ୍ଠିରୁ ସହାୟତା ପ୍ରଦାନ ପାଇଁ ସରକାର ପୁନର୍ବିଚାର କରିବାକୁ ରାଜ୍ୟ ବାର କାଉନସିଲ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି । ଆଇନଜିବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ଆଇନଜିବୀ ପରିଷଦରୁ ଉଠାଇନେବା ଘଟଣାକୁ ନିନ୍ଦା କରାଯିବା ସହ ଏହି ଆଇନଜିବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ତୁରନ୍ତ ଆଇନଜିବୀ ପରିଷଦ ପରିସର ମଧ୍ୟକୁ ଫେରାଇ ଆଣିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି । ଆଇନଜିବୀ ମାନଙ୍କର ସମସ୍ୟାର ସମାଧାନ ନ ହେଲେ ରାଜ୍ୟ ବ୍ୟାପି ଆଇନଜିବୀମାନେ ପ୍ରତିବାଦ କରିବେ ବୋଲି ରାଜ୍ୟ ଆଇନଜୀବି ପରିଷଦର ଜରୁରୀକାଳୀନ ବୈଠକରେ ଘୋଷଣା କରାଯାଇଛି । ରାଜ୍ୟ ଆଇନଜୀବି ମାନଙ୍କର ସର୍ବୋଚ୍ଚ ନିୟାମକ ସଂସ୍ଥା ଓଡ଼ିଶା ରାଜ୍ୟ ଆଇନଜୀବି ପରିଷଦ ରାଜ୍ୟର ମୁଖ୍ୟ ମନ୍ତ୍ରୀଙ୍କୁ ଆଇନଜୀବି କଲ୍ୟାଣ ପାଣ୍ଠି କୁ ୧୦ କୋଟି ରୁ ୫୦ କୋଟି ଟଙ୍କାକୁ ବୃଦ୍ଧି କରିବା , ଆଇନଜୀବିମାନଙ୍କ ପାଇଁ ମଧୁବାବୁ ସ୍ୱାସ୍ଥ୍ୟବୀମା ପ୍ରଚଳନ କରିବା, ଆଇନଜିବୀ ସୁରକ୍ଷା ଆଇନ ପ୍ରଣୟନ କରିବା, ଆଇନଜିବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ତୁରନ୍ତ ଓଡ଼ିଶା ରାଜ୍ୟ ଆଇନଜୀବି ପରିଷଦ ପରିସରକୁ ଫେରାଇ ଆଣିବା ଓ ରାଜ୍ୟ ଆଇନଜିବୀ ପରିଷଦର ସଚିବଙ୍କୁ ରାଜ୍ୟ ଆଇନଜିବୀ କଲ୍ୟାଣ ପାଣ୍ଠି ସଚିବ ପଦରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିବା ଆଦି ଦାବି ସଂପର୍କରେ ମୁଖ୍ୟମନ୍ତ୍ରୀ ଆସନ୍ତା ୧୫ ଦିନ ମଧ୍ୟରେ ନିଷ୍ପତ୍ତି ନେବା ଲାଗି ଅନୁରୋଧ କରି ରାଜ୍ୟ ଆଇନଜିବୀ ପରିଷଦର ଜରୁରୀକାଳୀନ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି । ସରକାର ଆଇନଜିବୀ ମାନଙ୍କ ଦାବି ପ୍ରତି ସଂପୂର୍ଣ୍ଣ ଉଦାସୀନ ମନୋଭାବ ପ୍ରଦର୍ଶନ କଲେ ଆଇନଜିବୀ ମାନେ ପରବର୍ତ୍ତୀ ଅବସ୍ଥାରେ ରାଜ୍ୟ ବ୍ୟାପି ପ୍ରତିବାଦ ଦିବସ ଓ ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେବୋଲି ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ରାଜ୍ୟ ଆଇନଜିବୀ ପରିଷଦର ଜରୁରୀକାଳୀନ ବୈଠକରେ ଶ୍ରୀ ଦ୍ୱିବେଦୀ ଗଣ ମାଧ୍ୟମକୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ରାଜ୍ୟ ଆଇନଜିବୀ କଲ୍ୟାଣ ପାଣ୍ଠି ୧୯୮୭ ମସିହାରେ ଗଠନ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ପ୍ରଥମେ ୨୦୧୪ -୨୦୧୫ ଆର୍ଥିକ ବର୍ଷରେ ୧କୋଟି ମ୍ୟାଚିଙ୍ଗ ଗ୍ରାଣ୍ଟ ପ୍ରଦାନ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ୨୦୧୬-୨୦୧୭ ଆର୍ଥିକ ବର୍ଷରେ ଏହା ୩ କୋଟିକୁ ବୃଦ୍ଧି ପାଇଥିଲା ଓ ୨୦୨୦-୨୧ ଆର୍ଥିକ ବର୍ଷରେ ଏହି କଲ୍ୟାଣ ପାଣ୍ଠି ୫ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ଏବଂ ପରବର୍ତ୍ତୀ ଅବସ୍ଥାରେ ୨୦୨୪ ମସିହାରେ ସରକାର ଏହାକୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ।

## ପୌର ଚିକିତ୍ସାଳୟର ବିଭିନ୍ନ ସମସ୍ୟା, କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ: ସେବା ପ୍ରତିନିଧି

ଭୁବନେଶ୍ୱର, (ନିପ୍ର): ଭୁବନେଶ୍ୱର ପୌର ଚିକିତ୍ସାଳୟ ସ୍ଥାନୀୟ ଅଞ୍ଚଳର ଜୀବନରେଖା ସଦୃଶ । ମାତ୍ର ଏହି ଚିକିତ୍ସାଳୟ ବହୁବିଧ ସମସ୍ୟା ଘେରରେ ରହିଛି । ଯଦି ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ ଏହାର ଅନୁଧ୍ୟାନ କରନ୍ତେ ତେବେ ସତ ସାମ୍ନାକୁ ଆସିପାରନ୍ତା । ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ଷ୍ଟାଫ ଏଠାରେ ନାହାନ୍ତି । ଅତୀତର କିଛି ବିଭାଗ ଏଠାରେ ଆଉ କାର୍ଯ୍ୟକାରୀ ହେଉନାହିଁ । ଫଳରେ ବହୁ ରୋଗୀ ଆସ୍ଥା ହରାଉଛନ୍ତି । ଚିକିତ୍ସାଳୟର ବିଭିନ୍ନ ସମସ୍ୟା ନେଇ ସେବା ପ୍ରତିନିଧି ସଂଗଠନ ବହୁ ସମୟର ଅଭିଯୋଗ ଉଠାଇଆସିଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବା କ୍ଷୋଭର ବିଷୟ ବୋଲି ସଂଗଠନ ମୁଖ୍ୟ ନୀଳମଣି ମିଶ୍ର କହିଛନ୍ତି । ଦୀର୍ଘ ୪୫ ମାସ ହେବ ବିଭିନ୍ନ ସମୟରେ ସଂଗଠନ ପକ୍ଷରୁ ଏନେଇ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଆସୁଛି । ଆଜିର ଧାରଣାରେ ବଳଭଦ୍ର ଲେଙ୍କା,ବାଇଧର ପତ୍ର,ସୁରେଶ ଦାଶ,ବିନୋଦ ବିହାରୀ ପରିଡ଼ା,ହୃଷିକେଶ ଶତପଥୀ,ଗୌର ହରି ପଣ୍ଡା,ବିଜୟ କୁମାର ଦାସ,କ୍ଷୀରୋଦ ସାହୁ,ବିଶ୍ୱନାଥ ବେହେରା,ସୁବାସ ପାଢ଼ୀ,ହୃଦାନନ୍ଦ ଦାସ,ଶଙ୍କର ମହାପାତ୍ର,ବଂଶୀଧର ପଣ୍ଡା,ପଦ୍ମନାଭ ଷଡ଼ଙ୍ଗୀ ,ରାଜକିଶୋର ଦାସ,ବନବିହାରୀ ରଥ,ପ୍ରଦୀପ କୁମାର ରାୟ,ଗିରିଜା ଶଙ୍କର ମହାପାତ୍ର,ରମେଶ ମହାପାତ୍ର, ହରିଚନ୍ଦନ,ଶ୍ରୀକାନ୍ତ ମହାନ୍ତି,ବିଶ୍ୱନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନିଜେ ଏହି ସମସ୍ୟାଗୁଡ଼ିକ ପ୍ରତି ସଦୟ ବିଚାରପୂର୍ବକ ଦୃଷ୍ଟି ଦେଇ ସମାଧାନ କରିବାକୁ ସଂଗଠନ ମୁଖ୍ୟ ଶ୍ରୀ ମିଶ୍ର ନିବେଦନ କରିଛନ୍ତି ।

## ବଡସାହିରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା

ବଡ଼ସାହି,(ନିପ୍ର): ରତ୍ନଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜ ବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଇବା ନିମନ୍ତେ 'ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଚଳିତ ମାସ ଜୁନ୍ ୧୭ ତାରିଖରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ୍(ସମସ୍ତ ବ୍ଲକ୍/ମ୍ୟୁନିସିପାଲ୍ଟି/ଏନଏସି)ପର୍ଯ୍ୟାୟକ୍ରମେ ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ୍ କ୍ରମେ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଖିଚିଂ ସ୍ଥିତ ମା କିଚକେଶ୍ୱରୀ ଦେବୀଙ୍କର ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ସାରିଥିବା ସ୍ଥଳେ , ଗୁରୁବାର ବଡ଼ସାହି ବ୍ଲକ୍ ସ୍ଥିତ ମୁଖ୍ୟ ବଜାର ଠାରେ ଭଞ୍ଜସେନା ବ୍ଲକ ସଭାପତି ରାକେଶ ଆଚାର୍ଯ୍ୟଙ୍କ ଙ୍କର ନେତୃତ୍ୱ ରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ଅନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ




ଭଦ୍ରକ(ନିପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଅବନ୍ତିକା ବିଜ୍ଞାନ କଲେଜ, ଚରମ୍ପା, ଭଦ୍ରକଠାରେ ଛାତ୍ର ଛାତ୍ରୀ ମାନଙ୍କୁ ନିଶା ନିବାରଣ ସମ୍ପର୍କରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍ ସେବାପ୍ରାଧିକରଣର ସଚିବ, ଶ୍ରୀ ପୂଣ୍ୟଶ୍ଳୋକ ରଥ ଏହି ସଚେତନତା କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ । ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ଖଗେଶ୍ୱର ସେଠୀ, , ଏଲ୍.ଏ.ଡିସ୍.ଏସ୍., ସହାୟକ-ନ୍ୟାୟ ରକ୍ଷକ, ତାପସ କୁମାର ମହାନ୍ତି, ଭଦ୍ରକ,ଅବନ୍ତିକା ବିଜ୍ଞାନ କଲେଜ, ଅଧ୍ୟକ୍ଷ, ଇଞ୍ଜିନିୟର ଅମିତ କୁମାର ମଲ୍ଲିକ, ଅବକାରୀ ବିଭାଗ, ଅଧୀକ୍ଷକ, ନରୋତ୍ତମ ମିଶ୍ର, ନିୟୁ ଲାଇଫ ନିଶା ନିବାରଣ ମୁଖ୍ୟ ପରିଚାଳକ, ପଙ୍କଜ କୁମାର ସାହୁ ପ୍ରମୁଖ ଅତିଥି ଗଣ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନିଜବକ୍ତବ୍ୟରେ କହିଥିଲେ ଯେ ତମାଖୁ ସେବନ ଏକ ମହାମାରୀ । ତମାଖୁ ସେବନ ଦ୍ୱାରା ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଏବଂ ଆର୍ଥିକ ଓ ସାମାଜିକ ବୋଝର ଶିକାର ହୁଅନ୍ତି, ତେଣୁ ତମାଖୁ ଠାରୁ ଦୂରେଇ ରୁହନ୍ତୁ।

## ଚାଷୀଙ୍କୁ ଲାଭାଂଶ ବର୍ଣ୍ଟନ କାର୍ଯ୍ୟକ୍ରମ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକରେ ସ୍ୱେଚ୍ଛାସେବୀ ସଂଗଠନ ସାର୍କ ଦ୍ୱାରା ପରିଚାଳିତ ୱାଡି ପ୍ରକଳ୍ପର ୫୨୨ ଚାଷୀଙ୍କୁ ଶୁକ୍ରବାର ୩ ଲକ୍ଷ ଟଙ୍କାର ଲାଭାଂଶ ବର୍ଣ୍ଟନ କରାଯାଇଛି । ଧରଣୀଧର ଲଙ୍କା ଉତ୍ପାଦକ କମ୍ପାନୀର ଅଧ୍ୟକ୍ଷ ସନ୍ତୋଷ କିଷାନଙ୍କ ସଭାପତିତ୍ୱରେ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବଡମୁଣ୍ଡାଲୋଇରେ ଏକ ସାଧାରଣ ସଭା ହୋଇ ଚାଷୀଙ୍କୁ ତାଙ୍କ ଲାଭାଂଶ ବର୍ଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ନାବାର୍ଡର ଏଜିଏମ ଧୀରେନ୍ଦ୍ର କୁମାର ଦାସ,ଏସ୍ୱିଆଇ ଲିଡ୍ ବ୍ୟାଙ୍କ ମ୍ୟାନେଜର ଦେବକିଶୋର ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସ୍ୱାଗତିକା ଶ୍ରୀଚନ୍ଦନ, ସମ୍ବଲପୁର ଓଡ଼ିଶା ଜୀବିକା ମିଶନର ଏଫଆଇସି ଆର୍ଥିକ ସାକ୍ଷରତା ପରାମର୍ଶଦାତା ଶିବପ୍ରସାଦ ବେହେରା, ସାର୍କ ସଭାପତି ରଘୁମଣି ହୋତା, ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ,କମ୍ପାନୀର ସିଇଓ ସଞ୍ଜୀବ କୁମାର ସାହୁଙ୍କ ସହ ରିୱାର୍ଡ ପ୍ରକଳ୍ପର ସିଦ୍ଧାର୍ଥ ଦେବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ପ୍ରକଳ୍ପର କାର୍ଯ୍ୟକାରିତା ଯୋଗୁଁ ଗ୍ରାମୀଣ ଅର୍ଥନୀତି ସୁଦୃଢ ହୋଇଥିବା କହିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ଗ୍ରାମର ଚାଷୀଙ୍କୁ ୩ ଲକ୍ଷ ଟଙ୍କାର ଲାଭାଂଶ ବର୍ଣ୍ଟନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, କୁଚିଣ୍ଡା ବ୍ଲକର ୧୮ଟି ଆଦିବାସୀ ବହୁଳ ଗ୍ରାମରେ ୫୦୦ ଏକର ପତିତ ଜମିରେ ୨୦୨୨ ମସିହାରୁ ୱାଡି ପ୍ରକଳ୍ପ ମାଧ୍ୟମରେ ଆମ୍ବ, କାଜୁ ସମେତ ବିଭିନ୍ନ ଅନ୍ତଃଫସଲ ଚାଷ କରାଯାଇଛି । ଏହା ଦ୍ୱାରା ଚାଷୀଙ୍କ ଅର୍ଥନୈତିକ ସ୍ଥିତି ବୃଦ୍ଧି ସହ ସ୍ଥାୟୀ ଜୀବିକାର ଏକ ସୁଯୋଗ ସୃଷ୍ଟି ହୋଇପାରିଛି ।

## ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ଜୁଲାଇ ୧୦ରେ

ରମ୍ଭା (ନିପ୍ର): ଓଡିଶା ଐକୀକରଣର ଆଦିପୀଠ ରମ୍ଭା ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ ସଂଗ୍ରାମୀ ସ୍ମାରକୀ ପୀଠ ଏବଂ ଓଡ଼ିଶାର ଅନ୍ୟତମ ବରପୁତ୍ର ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ଆସନ୍ତା ଜୁଲାଇ ୧୦ ତାରିଖରେ ପାଳନପାଇଁ ଏକ ପ୍ରସ୍ତୁତି ବୈଠକ ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ଜୟନ୍ତୀ ପାଳନ ପାଇଁ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ତ, ସାମ୍ବାଦିକ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ । ବୈଠକରେ ପି.ପ୍ରସାଦ ରାଓ ପୃଷ୍ଟି, ଇଂ. ଅମୁଲ୍ୟ କୁମାର ସେନାପତି, ବିଜୟ କୁମାର ମହାପାତ୍ର, ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ଜ୍ୟୋତି ପ୍ରକାଶ ପଣ୍ଡା, ଭୀମସେନ ବେହେରା, ସୁଜିତ କୁମାର ବେହେରା, ନୀଳାଞ୍ଚଳ ସେନାପତି,ପଞ୍ଚାନନ ଖଟୁଆ,ମହେନ୍ଦ୍ର ସେନାପତି, ଏମ. ନରସିଂହ ସୁବୁଦ୍ଧି,କେ. ସତ୍ୟ ନାରାୟଣ ଆଚାରୀ, ଜୟକୃଷ୍ଣ ତ୍ରିପାଠୀ, ବନବାସୀ ସେଠୀ , ରାମେୟା ପାତ୍ର, ଶରତ ବେହେରା, ରଘୁନାଥ ମହାପାତ୍ର, ସୁଦର୍ଶନ ଜେନା, ଆଦି ସଦସ୍ୟ ଯୋଗଦେଇ ଜୟନ୍ତୀ ପାଳନ ଉପରେ ଆଲୋଚନା କରିଥିଲେ ।

# ଦେବସ୍ନାନ ପୂର୍ଣ୍ଣିମା: ସୁରକ୍ଷା ପାଇଁ ୭୯ ପ୍ଲାଟୁନ ପୋଲିସ ବାହିନୀ

କଟକ,/ପୁରୀ,(ନିପ୍ର) : ଆସନ୍ତା ୨୯ ତାରିଖ ସୋମବାର ଦିନ ପୁରୀରେ ପାଳିତ ହେବାକୁ ଥିବା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶାନ୍ତିଶୃଙ୍ଖଳା, ସୁରକ୍ଷା ଓ ସୁଚାରୁ ଟ୍ରାଫିକ ପରିଚାଳନା ସୁନିଶ୍ଚିତ କରିବା ନିମନ୍ତେ କେନ୍ଦ୍ରାଞ୍ଚଳ ପୋଲିସ ମହାନିରୀକ୍ଷକ ଡଃ ସତ୍ୟଜିତ ନାୟକ ପୁରୀ ଏସ୍‌ପି ପ୍ରତୀକ ସିଂହ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାର ବିସ୍ତୃତ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ପୁରୀ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ପରିଚାଳନା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା, ଶ୍ରଦ୍ଧାଳୁଙ୍କ ସହାୟତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । କ୍ଷେତ୍ରସ୍ତରରେ ନିୟୋଜିତ ପୋଲିସ ବାହିନୀର ପ୍ରସ୍ତୁତିର ମଧ୍ୟ ସମୀକ୍ଷା କରାଯାଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସର୍ବୋଚ୍ଚ ସତର୍କତା ଏବଂ ତତ୍ପରତାର ସହିତ କାର୍ଯ୍ୟ ନିର୍ବାହ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ୩ରୁ ୪ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ପୁରୀ ଆସି ଚତୁର୍ଦ୍ଧାମୂର୍ତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପବିତ୍ର ସ୍ନାନଯାତ୍ରା ଦର୍ଶନ କରିବେ ବୋଲି ଆକଳନ କରାଯାଇଛି । ଶ୍ରଦ୍ଧାଳୁମାନଙ୍କ ପାଇଁ ନିରାପଦ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଦର୍ଶନ ବ୍ୟବସ୍ଥା ସୁନିଶ୍ଚିତ କରିବା ନିମନ୍ତେ ୨୮ ତାରିଖ ରବିବାର ରାତ୍ରିଠାରୁ ପୋଲିସ ପକ୍ଷରୁ ଚବିଶ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ଏଥିପାଇଁ ୪ ଜଣ କମାଣ୍ଡାଣ୍ଟ/ଏସ୍‌ପି ପାହ୍ୟାର ଅଧିକାରୀ, ୧୪ ଜଣ ଅତିରିକ୍ତ ଏସ୍‌ପି/ଡେପୁଟି କମାଣ୍ଡାଣ୍ଟ, ୩୧ ଜଣ ଡିଏସ୍‌ପି/ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮୩ ଜଣ ଇନ୍ସପେକ୍ଟର/ସବ୍-ଇନ୍ସପେକ୍ଟର, ୩୪୦ ଜଣ ଏସ୍‌ଆଇ/ଏଏସ୍‌ଆଇ ଏବଂ ୭୯ ପ୍ଲାଟୁନ ପୋଲିସ ବାହିନୀ ସହ ବିଭିନ୍ନ ସ୍ୱତନ୍ତ୍ର ସୁରକ୍ଷା ୟୁନିଟ୍ ନିୟୋଜିତ ହେବେ । ଏହି ସୁରକ୍ଷା ବ୍ୟବସ୍ଥା ଏକ ଛଅ-ଦଫା କାର୍ଯ୍ୟଯୋଜନା ଉପରେ ଆଧାରିତ । ଶ୍ରୀଜଗନ୍ନାଥ ମନ୍ଦିର ଭିତର ଓ ବାହାରେ ଜନସମାଗମ ନିୟନ୍ତ୍ରଣ, ଟ୍ରାଫିକ ଓ ପାର୍କିଂ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଏବଂ ଭିଆଇପି ସୁରକ୍ଷା, ଶ୍ରଦ୍ଧାଳୁ ସହାୟତା ଓ ଜନସେବା, ଜରୁରୀକାଳୀନ ପ୍ରତିକ୍ରିୟା ଓ ବିପର୍ଯ୍ୟୟ ପରିଚାଳନା, ବିଭିନ୍ନ ବିଭାଗ ମଧ୍ୟରେ ଫଳପ୍ରଦ ସମନ୍ୱୟ ଓ ତଦାରଖ, ସେକ୍ଟରଭିତ୍ତିକ ପୋଲିସ ମୁତୟନ, ଏକମୁଖୀ ଯାତାୟାତ ବ୍ୟବସ୍ଥା, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବ୍ୟାରିକେଡିଂ, ଷ୍ଟ୍ରାଇକିଂ ଫୋର୍ସ ନିୟୋଜନ ଏବଂ ଭିଡ଼ର ନିରନ୍ତର ତଦାରଖ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଯାତାୟାତ ସୁଚାରୁ କରିବା ପାଇଁ ଟ୍ରାଫିକ ଡାଇଭର୍ସନ, ନିର୍ଦ୍ଧାରିତ ପାର୍କିଂ ସ୍ଥାନ ଏବଂ ପୃଥକ ପ୍ରବେଶ ଓ ପ୍ରସ୍ଥାନ ପଥର ବ୍ୟବସ୍ଥା କରାଯାଇଛି । ଏହାବ୍ୟତୀତ କ୍ୱିକ୍ ଆକ୍ସନ ଟିମ୍ , ସ୍ନିଫର ଡଗ୍ ସ୍କ୍ୱାଡ୍, ରୁଫ୍‌ଟପ୍ ନଜରଦାରି, ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ମାଧ୍ୟମରେ ନିରୀକ୍ଷଣ, ଆଣ୍ଟି-ସାବୋଟାଜ୍ ଯାଞ୍ଚ ଏବଂ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ସେହିପରି ହେଲ୍ପ ଡେସ୍କ, ପୋଲିସ କଣ୍ଟ୍ରୋଲ ରୁମ୍ , ଚିକିତ୍ସା ସହାୟତା କେନ୍ଦ୍ର ଏବଂ ବରିଷ୍ଠ ନାଗରିକ, ମହିଳା, ଶିଶୁ ଓ ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା ଉପଲବ୍ଧ ରହିବ । ସମୀକ୍ଷା ସମୟରେ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଶୃଙ୍ଖଳା, ବୃତ୍ତିଗତ ଦକ୍ଷତା ଓ ଜନସେବାର ମନୋଭାବ ସହ କର୍ତ୍ତବ୍ୟ ପାଳନ କରିବାକୁ ଡ଼ଃ ନାୟକ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, ପ୍ରତ୍ୟେକ ଭକ୍ତ ନିରାପଦ, ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ମହାପ୍ରଭୁଙ୍କ ଦର୍ଶନ କରିପାରିବା ହିଁ ଓଡ଼ିଶା ପୋଲିସର ପ୍ରମୁଖ ଲକ୍ଷ୍ୟ । ସେ ସମସ୍ତ ଶ୍ରଦ୍ଧାଳୁଙ୍କୁ ପୋଲିସ ପ୍ରଶାସନ ସହ ସହଯୋଗ କରିବା, ଟ୍ରାଫିକ ଓ ସୁରକ୍ଷା ପରାମର୍ଶ ପାଳନ କରିବା, ନିର୍ଦ୍ଧାରିତ ମାର୍ଗ ଓ ପାର୍କିଂ ସ୍ଥାନ ବ୍ୟବହାର କରିବା, ନିଷିଦ୍ଧ ସାମଗ୍ରୀ ସାଙ୍ଗରେ ନ ଆଣିବା ଏବଂ କୌଣସି ସନ୍ଦେହଜନକ ଘଟଣା ଦେଖିଲେ ତୁରନ୍ତ ନିକଟସ୍ଥ ପୋଲିସ କର୍ମଚାରୀ କିମ୍ବା ହେଲ୍ପ ଡେସ୍କକୁ ଅବଗତ କରିବାକୁ ନିବେଦନ କରିଥିଲେ । ପୁରୀ ଏସପି ପ୍ରତୀକ ସିଂହ କହିଥିଲେ ଯେ, ଦେବସ୍ନାନ ପୂର୍ଣ୍ଣିମାର ସୁରକ୍ଷା, ସୁଚାରୁ ଟ୍ରାଫିକ ପରିଚାଳନା ଓ ଯେକୌଣସି ଜରୁରୀ ପରିସ୍ଥିତିର ତ୍ୱରିତ ମୁକାବିଲା ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାରର ବ୍ୟାପକ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଛି ।

CMYK

ତିଥି :(ତ୍ରୟୋଦଶୀ): (ଅନୁରାଧା ବିଛା )
ଅମୃତ ବେଳା: ପ୍ରାତ ଘ ୫।୧୪ରୁ ଘ ୬।୧୩ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଭେନେଜୁଏଲାକୁ ମିଳୁ ସହାୟତା

ଚୋରା ଔଷଧ କାରବାର ଅଭିଯୋଗ ଆଣି କିଛି ମାସ ପୂର୍ବେ ଭେନେଜୁଏଲାର ତତ୍କାଳୀନ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଦମ୍ପତିଙ୍କୁ ଆମେରିକା ସେନା ନିଜ କବ୍‌ଜାକୁ ନେବା ପରେ ଏହି ରାଷ୍ଟ୍ର ଚର୍ଚ୍ଚାକୁ ଆସିଥିଲା। ଏବେ ପୁଣି ଏହା ଦୃଷ୍ଟିକୁ ଆସିବାର କାରଣ ଭୟଙ୍କର ଭୂକମ୍ପ,ଯେଉଁଥିରେ ଦୁଇ ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ଓ ଚାରି ହଜାରରୁ ଅଧିକ ଆହତ ଥିବା କୁହାଯାଉଥିଲେ ହେଁ ବାସ୍ତବ ସ୍ଥିତି ଜଣାପଡ଼ିବ ଯେବେ ଉପଯୁକ୍ତ ଆକଳନ ବା ହିସାବ କରାଯିବ। ଜଣାପଡ଼ିବ କେତେ ମାତ୍ରାରେ ସଂପଦ ଓ ଭିତ୍ତିଭୂମି ନଷ୍ଟଭ୍ରଷ୍ଟ ହୋଇଛି।

ଯାବତୀୟ ଆଧୁନିକ ପ୍ରଯୁକ୍ତି ସତ୍ତ୍ୱେ ଭୂକଂପର ପୂର୍ବାଭାସ ସଂପ୍ରତି ନ ପାଇବା ମାନବୀୟ ଜ୍ଞାନର ସୀମା ସରହଦର ସୀମିତତାକୁ ଦର୍ଶାଏ। ଏହା ମଧ୍ୟ ଗବେଷଣାକୁ ଅଧିକ ଆହ୍ୱାନ ଦିଏ କହିଲେ କିଛି ଭୁଲ ହେବ ନାହିଁ। ତେବେ ଏହି ରାଷ୍ଟ୍ର ପାଇଁ ସବୁଠୁ ଏବେ ଲୋଡ଼ା ଯେଉଁମାନେ ପୀଡ଼ିତ ଓ ଧ୍ୱଂସସ୍ତୁପ ତଳେ ଯେଉଁମାନେ ରହିଛନ୍ତି,ସେମାନଙ୍କୁ ଉଦ୍ଧାର ଓ ଉପଯୁକ୍ତ ସେବା ଯୋଗାଇଦେବା। ଭାରତ ପକ୍ଷରୁ ଏନଡିଆରଏଫ ଟିମ୍ ପଠାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। କିଛି ରାଷ୍ଟ୍ର ସହଯୋଗର ହାତ ବଢ଼ାଇଲେଣି। ଯେପରିକି ସ୍ପେନ,ଫ୍ରାନସ ବହୁ ବିଶେଷଜ୍ଞମାନଙ୍କୁ ଓ ଜର୍ମାନୀ ଛଅଟି ସାମରିକ ପରିବହନ ବିମାନ ପ୍ରେରଣ କରିବାକୁ ଘୋଷଣା, ସୁଇଜରଲ୍ୟାଣ୍ଡ ୮୦ ବିଶେଷଜ୍ଞଙ୍କ ସହ ୮୦ ଉଦ୍ଧାରକାରୀ ଶ୍ୱାନ,୧୮ଟନ୍‌ର ରିଲିଫ ଉପକରଣ,ଅନ୍ତର୍ଜାତୀୟ ରେଡକ୍ରସ ମହାସଂଘ ଓ ରେଡ୍‌କ୍ରେସେଣ୍ଟ ସୋସାଇଟି ପକ୍ଷରୁ ଆର୍ଥିକ ସହାୟତା ଏବଂ ଭାରତ ପକ୍ଷରୁ ଏହି ଦୁଃଖଦ ସ୍ଥିତି ନେଇ ସମବେଦନା ଜ୍ଞାପନ,ସହାୟତା ପାଇଁ ହାତ ବଢ଼େଇବା ପ୍ରୟାସକୁ ଖୋଦ୍ ଭେନେଜୁଏଲା କାମଚଳା ରାଷ୍ଟ୍ରପତି ଡେଲସି ରୋଡ୍ରିଗୁଏଜ କୃତଜ୍ଞତା ଜ୍ଞାପନ କରିବା ଖବର ଆସିଲାଣି।

ତେବେ ଯେଉଁ ଆମେରିକା ଏକଦା ଭେନେଜୁଏଲା ଉପରେ ହାକିମାତି ପ୍ରଦର୍ଶନ କରିଥିଲା ତାହା ତରଫରୁ ଏ ବିପତ୍ତିରେ ସହାୟତା କିଭଳି ରହୁଛି ତାହା ଉପରେ ସାରା ବିଶ୍ୱର ନଜର ରହିଛି। ଆମେରିକା ଯେଉଁ ସହାୟତା କରିବ ସେଥିରୁ ତାହାର ମତଲବ ମଧ୍ୟ ଜଣାପଡ଼ିବ। ତେବେ ଏଭଳି ବିପତ୍ତି ସମୟରେ ଜାତିସଂଘ ପ୍ରମାଣୀକୃତ ଉଦ୍ଧାରକାରୀମାନଙ୍କୁ ଫସିରହିଥିବା ପୀଡ଼ିତଙ୍କୁ ଉଦ୍ଧାର କରିବା ନିମନ୍ତେ ପଠାଉଥିବା ବିଷୟ କାମଚଳା ରାଷ୍ଟ୍ରପତି ସୂଚାଇଛନ୍ତି। ତେବେ ଏହା ଅଧିକ ତଥା ବ୍ୟାପକ କରାଯିବାର ଆବଶ୍ୟକତା ରହିଛି।

ସ୍ମରଣ କରାଯାଇପାରେ ଯେ ଏହି ରାଷ୍ଟ୍ରପତିଙ୍କ ଶାସନ ଏକ ରାଜନୈତିକ ଅସ୍ଥିରତା ଭିତରେ ରହିଛି। ଦେଶରେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଛି। ଏପରି ସ୍ଥଳେ ଶାସନର ସ୍ୱଚ୍ଛତା ସାବ୍ୟସ୍ତି ହୋଇପାରିନାହିଁ ବା ତାହାର ସମ୍ଭାବନା କମ୍ ରହୁଛି। ସ୍ୱଚ୍ଛତା ନ ରହିଲେ ଅନିଶ୍ଚତତା ହଟିବ ନାହିଁ। କାରଣ ଚୀନ ପକ୍ଷରୁ ଏକ ବିବୃତିରେ ଏହାର ଇଙ୍ଗିତ ରହିଛି। ଚୀନ ସହାୟତା ଯୋଗାଇବାକୁ ଇଚ୍ଛୁକ ମାତ୍ର ସହାୟତା ଦୁର୍ଦ୍ଦଶାଗ୍ରସ୍ତଙ୍କ ନିକଟରେ ଠିକ୍ ଭାବରେ ପହଞ୍ଚିବା ଆବଶ୍ୟକ। ଚୀନର ଏପରି ଆଭିମୁଖ୍ୟ ସ୍ପଷ୍ଟ କରେ ସହାୟତା ଠିକ ଭାବରେ କାର୍ଯ୍ୟରେ ନ ଲାଗିଲେ ତାହା ବୃଥା ହେବା ସାର ।ତେବେ ଭେନେଜୁଏଲା ସମ୍ମୁଖୀନ ହୋଇଥିବା ସଦ୍ୟ ବିପତ୍ତି ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱରୁ ସହାୟତା ପୀଡ଼ିତଙ୍କ ନିକଟରେ ବ୍ୟାପକ ଭାବରେ ପହଞ୍ଚିବା ସହିତ ତାହାର ଉପଯୋଗ ଠିକ୍ ଭାବରେ ହେବା ଲୋଡ଼ା। ପୁଣି ଛାରଖାର ହୋଇଥିବା ଭିତ୍ତିଭୂମି ପୁଣି ଗଢ଼ିବା ଦିଗରେ ବୈଶ୍ୱିକ ସହାୟତା ନିଶ୍ଚିତ ଜରୁରୀ।

# ପାଠ୍ୟପୁସ୍ତକ ବିଭ୍ରାଟ ପଛରେ ଗଭୀର ଚକ୍ରାନ୍ତ !

ସୌଭାଗ୍ୟ ରଂଜନ ମହାନ୍ତି

**“ ପାଠ୍ୟପୁସ୍ତକରେ ଭୁଲ ଛାପି ହେବା କାରଣରୁ ଯେତେବେଳେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା, ସେତେବେଳେ ସରକାରଙ୍କ ବିରୋଧୀ ଗୋଷ୍ଠୀ ଏହାକୁ ତୁରନ୍ତ ମୋହନ ମାଝୀଙ୍କ ପ୍ରଶାସନିକ ଦୁର୍ବଳତା ବୋଲି ପ୍ରଚାର କରିବା ଆରମ୍ଭ କରିଦେଲେ, କିନ୍ତୁ ସେମାନେ ଏହା ଭୁଲିଗଲେ ଯେ ଏହି ପୁସ୍ତକଗୁଡିକର ବିଷୟବସ୍ତୁ ନିର୍ଦ୍ଧାରଣ ଓ ଚୂଡାନ୍ତ ଅନୁମୋଦନ ପ୍ରକ୍ରିୟା ବହୁ ପୂର୍ବରୁ ଅମଲାତନ୍ତ୍ରର କିଛି ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ଦ୍ୱାରା ଶେଷ ହୋଇସାରିଥିଲା। ଉନ୍ନୟନ କମିଶନରଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏବେ ଏହି ସମଗ୍ର ଚକ୍ରାନ୍ତର ଗୁମର ଏକ ପ୍ରକାର ଫିଟିଯାଇଛି ।**

ଓଡ଼ିଶାରେ ଗଠିତ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଜନମାନସରେ ହେୟ ପ୍ରତିପନ୍ନ କରିବା ତଥା ସରକାରଙ୍କ ବିରୋଧରେ ପୂର୍ବପ୍ରସ୍ତୁତ ଚକ୍ରାନ୍ତ ଚାଲିଥିବା ଏବେ ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ବିଶେଷ କରି ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରକାଶିତ ପାଠ୍ୟପୁସ୍ତକରେ ଦେଖାଦେଇଥିବା ସାଙ୍ଘାତିକ ତ୍ରୁଟି ଏବଂ ଭୁଲ ତଥ୍ୟକୁ ନେଇ ଯେଉଁ ବିବାଦ ସୃଷ୍ଟି କରାଯାଇଛି, ତାହା ବାସ୍ତବରେ ବର୍ତ୍ତମାନର ମୋହନ ମାଝୀ ସରକାରଙ୍କ କାର୍ଯ୍ୟକାଳର ତ୍ରୁଟି ନୁହେଁ, ବରଂ ଏହା ପଛରେ ପୂର୍ବତନ ଶାସନ କାଳର ରହିଯାଇଥିବା ଅପାରଗତା ଏବଂ ବର୍ତ୍ତମାନର ନୂଆ ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ପ୍ରଶାସନିକ ସ୍ତରରେ ରହିଥିବା କିଛି କୁଚକ୍ରୀ ଗୋଷ୍ଠୀଙ୍କ ପୂର୍ବ କଳ୍ପିତ ଯୋଜନା ଏପରି ଜଣାପଡୁଛଇ। ଶିକ୍ଷା ବ୍ୟବସ୍ଥା ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଅସ୍ତ୍ର କରି ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଉପରେ ଆଘାତ ଆଣିବାକୁ ଚେଷ୍ଟା କରାଯାଉଥିବା ବେଳେ ରାଜ୍ୟ ଉନ୍ନୟନ କମିଶନରଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ତଦନ୍ତ ରିପୋର୍ଟ ଏହି ମହାଷଡଯନ୍ତ୍ର ଉପରୁ ପରଦା ହଟାଇ ଦେଇଛି। ରିପୋର୍ଟରୁ ଏହା ସ୍ପଷ୍ଟ ଭାବେ ସାମ୍ନାକୁ ଆସିଛି ଯେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତି, ସଂଶୋଧନ ଏବଂ ମୁଦ୍ରଣ ପ୍ରକ୍ରିୟା ବର୍ତ୍ତମାନର ସରକାର ଦାୟିତ୍ୱ ଗ୍ରହଣ କରିବାର ବହୁ ପୂର୍ବରୁ ହିଁ ଶେଷ ପର୍ଯ୍ୟାୟରେ ପହଂଚିଥିଲା ଏବଂ ସେତେବେଳେ ଦାୟିତ୍ୱରେ ଥିବା ଉଚ୍ଚପଦସ୍ଥ ଅଧିକାରୀ ତଥା ପାଠ୍ୟପୁସ୍ତକର ପ୍ରଣୟନ କମିଟିର ସଦସ୍ୟମାନେ ଜାଣିଶୁଣି ଏଭଳି ସାଙ୍ଘାତିକ ଭୁଲ ତଥା ପାଠ୍ୟପୁସ୍ତକ ପ୍ରଣୟନ କମିଟିର ସଦସ୍ୟାମାନେ ଜାଣିଶୁଣି ଏଭଳି ସାଙ୍ଘାତିକ ଭୁଲ ସବୁକୁ ଅଣଦେଖା କରିଥିଲେ। ଫଳରେ ପରବର୍ତ୍ତୀ ସମୟରେ ଏହାକୁ ନେଇ ମୋହନ ମାଝୀ ସରକାରଙ୍କୁ ତୀବ୍ର ସମାଲୋଚନାର ଶରବ୍ୟ କରାଯାଇପାରିବ। ଶିକ୍ଷା ବିଭାଗରେ ରହିଥିବା ଏହି ପୂର୍ବ ପ୍ରସ୍ତୁତ ଚକ୍ରାନ୍ତ ଏକ ନିର୍ଦ୍ଦିଷ୍ଟ ରଣନୀତି ଅନୁଯାୟୀ କାର୍ଯ୍ୟକାରୀ କରାଯାଇଥିଲା, ଯେଉଁଠାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳ ଖେଳି ସରକାରଙ୍କ ନୀତି ଓ ନିଷ୍ଠା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ପାଇଁ ଯୋଜନା କରାଯାଇଥିଲା। ବିଦ୍ୟାଳୟ ପାଠ୍ୟପୁସ୍ତକ ଭଳି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମାଗ୍ରୀରେ ମୁଦ୍ରଣ ଓ ତଥ୍ୟଗତ ତ୍ରୁଟି ରହିବା କୌଣସି ସାଧାରଣ ବ୍ୟାପାର ନୁହେଁ, ବରଂ ଏହାକୁ ଏକ ଯୋଜନାବଦ୍ଧ ପ୍ରଶାସନିକ ବିପର୍ଯ୍ୟାୟ କହିଲେ ଅତ୍ୟୁକ୍ତି ହେବ ନାହିଁ, ଯାହାର ଏକାମତ୍ର ଉଦ୍ଦେଶ୍ୟ ଥିଲା ନୂଆ ଶାସନ ବ୍ୟବସ୍ଥାକୁ ଜନସାଧାରଣଙ୍କ ସାମ୍ନାରେ ଦୋଷୀ ସଜାଇବା। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉନ୍ନୟନ କମିଶନର ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ବିସ୍ତୃତ ରିପୋର୍ଟରେ ପାଠ୍ୟପୁସ୍ତକ ପ୍ରକାଶନ ସଂସ୍ଥା, ବିଭାଗୀୟ ସଚିବ ଏବଂ ଏଥିପାଇଁ ଗଠିତ ବିଶେଷଜ୍ଞ କମିଟିର ଚରମ ଅବହେଳା ତଥା ସେମାନଙ୍କର ଗୁପ୍ତ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଭାବେ ପଦାରେ ଦେଇଛନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ, ଯେତେବେଳେ ପାଠ୍ୟପୁସ୍ତକର ପାଣ୍ଡୁଲିପି ପ୍ରସ୍ତୁତ ହେଉଥିଲା ଏବଂ ଏହାର ଫ୍ରୁଫ ରିଡିଂ ଚାଲିଥିଲା, ସେତେବେଳେ କେଉଁ ଉଦ୍ଦେଶ୍ୟରେ ଏବଂ କାହା ନିର୍ଦ୍ଦେଶରେ ଏହି ତ୍ରୁଟିପୂର୍ଣ୍ଣ ତଥ୍ୟଗୁଡିକୁ ସେମିତି ରହିବାକୁ ଦିଆଗଲା, ତାହା ହିଁ ସବୁଠାରୁ ବଡ ପ୍ରଶ୍ନ ।

ପାଠ୍ୟପୁସ୍ତକରେ ଭୁଲ ଛାପି ହେବା କାରଣରୁ ଯେତେବେଳେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା, ସେତେବେଳେ ସରକାରଙ୍କ ବିରୋଧୀ ଗୋଷ୍ଠୀ ଏହାକୁ ତୁରନ୍ତ ମୋହନ ମାଝୀଙ୍କ ପ୍ରଶାସନିକ ଦୁର୍ବଳତା ବୋଲି ପ୍ରଚାର କରିବା ଆରମ୍ଭ କରିଦେଲେ, କିନ୍ତୁ ସେମାନେ ଏହା ଭୁଲିଗଲେ ଯେ ଏହି ପୁସ୍ତକଗୁଡିକର ବିଷୟବସ୍ତୁ ନିର୍ଦ୍ଧାରଣ ଓ ଚୂଡାନ୍ତ ଅନୁମୋଦନ ପ୍ରକ୍ରିୟା ବହୁ ପୂର୍ବରୁ ଅମଲାତନ୍ତ୍ରର କିଛି ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ଦ୍ୱାରା ଶେଷ ହୋଇସାରିଥିଲା। ଉନ୍ନୟନ କମିଶନରଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଂଚିବା ପରେ ଏବେ ଏହି ସମଗ୍ର ଚକ୍ରାନ୍ତର ଗୁମର ଏକ ପ୍ରକାର ଫିଟିଯାଇଛି ।ସରକାର ଏହି ମାମଲାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ଦୋଷୀ ଅଧିକାରୀ ଓ ବିଶେଷଜ୍ଞମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରକିୟା ଆରମ୍ଭ କରିଦେଇଥିବା ସୂତ୍ରରୁ ଜଣାପଡ଼ିଛି।

ବାସ୍ତବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ଦିନଠାରୁ ହିଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଓଡିଆ ଅସ୍ମିତା ଏବଂ ସଠିକ୍ ଇତିହାସକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବା ପାଇଁ ଅନେକ ସକାରାତ୍ମକ ପଦକ୍ଷେପ ନେଇଛନ୍ତି, କିନ୍ତୁ ସରକାରଙ୍କ ଏହି ସଫଳତାକୁ ସହ୍ୟ ନକରିପାରି କିଛି ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଏବଂ ପୂର୍ବ ଶାସନର ଅନୁଗତ ଅଧିକାରୀମାନେ ମିଳିତ ଭାବେ ଏହି ବହି ବିଭ୍ରାଟ ସୃଷ୍ଟି କରିଛନ୍ତି। ଏହି ଷଡଯନ୍ତ୍ର ଏତେ ସୂକ୍ଷ୍ମ ଥିଲା ଯେ ସାଧାରଣ ଆଖିରେ ଏହା ଏକ ମୁଦ୍ରଣ ଜନିତ ତ୍ରୁଟି ଭଳି ମନେହେଲେ ମଧ୍ୟ, ଏହାର ପଛରେ ଥିବା ବଡ ରଣନୀତି ଥିଲା ନୂଆ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଜନସାଧାରଣ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବା। ଉନ୍ନୟନ କମିଶନରଙ୍କ ରିପୋର୍ଟ ଆଧାରରେ ଏବେ ଏହା ପ୍ରମାଣିତ ହୋଇଛି ଯେ, ପାଠ୍ୟପୁସ୍ତକ ପ୍ରସ୍ତୁତି ସମୟରେ ତଥ୍ୟଗୁଡିକୁ ଯାଂଚ କରିବା ପାଇଁ ଦାୟିତ୍ୱ ପାଇଥିବା ସଂସ୍ଥା ନିଜର କର୍ତ୍ତବ୍ୟ ସମ୍ପାଦନ କରିନଥିଲେ ଏବଂ ଜାଣିଶୁଣି ଏପରି ଏକ ପରିସ୍ଥିତି ସୃଷ୍ଟି କଲେ ଯେପରି ବହିଗୁଡିକ ବଜାରକୁ ଆସିବା ମାତ୍ରେ ହିଁ ସରକାରଙ୍କୁ ବଦନାମ କରାଯାଇପାରିବ ।

ଘଟଣାରୁ ପ୍ରମାଣିତ ହେଉଛି ଯେ ବର୍ତ୍ତମାନର ସରକାରଙ୍କୁ ଅସ୍ଥିର କରିବା କିମ୍ବା ତାଙ୍କର ଲୋକପ୍ରିୟତାକୁ କ୍ଷୁଣ୍ଣ କରିବାପାଇଁ ପରଦା ପଛର ଖେଳାଳୀମାନେ କେତେ ଦୂରକୁ ଯାଇପାରନ୍ତି, ଯେଉଁଠି ସେମାନେ କୋମଳମତି ଶିଶୁମାନଙ୍କ ପାଠପଢାକୁ ମଧ ରାଜନୀତିର ମାଧ୍ୟମ ସଜାଇବାକୁ ପଛାଇ ନାହାନ୍ତି। ଓଡିଶାର ଜନସାଧାରଣ ଏବେ ବୁଝିସାରିଛନ୍ତି ଯେ ଏହି ବିବାଦ ପଛରେ ସରକାରଙ୍କ କୌଣସି ଦୋଷ ନାହିଁ, ବରଂ ଏହା ହେଉଛି ସେହିମାନଙ୍କ କାରସାଦି ଯେଉଁମାନେ ଓଡ଼ିଶାରେ ଏକ ସ୍ୱଚ୍ଛ ଏବଂ ଜନହିତକର ମୋହନ ମାଝୀ ସରକାରଙ୍କ ସଫଳ ଶାସନକୁ ସହ୍ୟ କରିପାରୁନାହାନ୍ତି, ତେଣୁ ଏହି କୁଚକ୍ରୀମାନଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେଇ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ କରିବା ହିଁ ବର୍ତ୍ତମାନର ସରକାରଙ୍କ ସବୁଠାରୁ ବଡ ଆହ୍ୱାନ ହେବ।

ନିଶ୍ଚିତ ଭାବେ, ଗୋଟିଏ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶିକ୍ଷା ଏବଂ ପାଠ୍ୟପୁସ୍ତକ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଯେତେବେଳେ ବିବାଦ କିମ୍ବା ରାଜନୈତିକ ବୟାନବାଜି ଆରମ୍ଭ ହୁଏ, ସେତେବେଳେ ସରକାରଙ୍କ ଭାବମୂର୍ତ୍ତି ଉପରେ ଏହାର ପ୍ରଭାବ ପଡିବା ସ୍ୱାଭାବିକ। ଅନେକ ସମୟରେ ତଥ୍ୟର ଅଭାବ କିମ୍ବା ପୂର୍ବପ୍ରସ୍ତୁତି ବିଭ୍ରାଟ ଯୋଗୁଁ ଜାତୀୟ ସ୍ତରରେ ବିଭିନ୍ନ ପ୍ରକାରର ଆଲୋଚନା ଓ ସମାଲୋଚନା ସୃଷ୍ଟି ହୋଇଥାଏ, ଯାହା ଶାସନ ବ୍ୟବସ୍ଥା ପ୍ରତି ଏକ ଆହ୍ୱାନ ସଦୃଶ। ଏଭଳି ପରିସ୍ଥିତିରେ, ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଆଣିବା ଏବଂ ପ୍ରକୃତ ସତ୍ୟକୁ ଲୋକମାନଙ୍କ ସାମ୍ନାକୁ ଆଣିବା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥାଏ। ଭାରତୀୟ ରାଜନୀତିରେ ଏବଂ ସରକାରୀ ପ୍ରଶାସନରେ ଏଭଳି ଆଭ୍ୟନ୍ତରୀଣ ଟଣାଓଟରା କିମ୍ବା ଗୋଟିଚାଳନାର ଆଶଙ୍କା କୌଣସି ନୂଆ କଥା ନୁହେଁ। ଯେତେବେଳେ ଜଣେ ନେତା ଅପ୍ରତ୍ୟାଶିତ ଭାବେ କିମ୍ବା ଦୃଢ ଜନସମର୍ଥନ ସହ ଶୀର୍ଷ ପଦବୀରେ ପହଞ୍ଚିଛନ୍ତି, ସେତେବେଳ ଦଳ ଭିତରେ କିମ୍ବା ପ୍ରଶାସନିକ ସ୍ତରରେ କିଛି ଗୋଷ୍ଠୀକ ମଧ୍ୟରେ ଅସନ୍ତୋଷ କିମ୍ବା ଈର୍ଷାଭାବ ସୃଷ୍ଟି ହେବାର ଅନେକ ଉଦାହରଣ ଇତିହାସରେ ରହିଛି। ଶିକ୍ଷା ବ୍ୟବସ୍ଥା ଭଳି ଏକ ସମ୍ବେଦନଶୀଳ ଏବଂ ସିଧାସଳଖ ଜନସାଧାରଣଙ୍କ ସହ ଜଡିତ ପ୍ରସଙ୍ଗରେ ତ୍ରୁଟି ସୃଷ୍ଟି କରି ସରକାରଙ୍କୁ ଘେରିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ଆସନ ପ୍ରତି ସଙ୍କଟ ଆଣିବା ପାଇଁ ଭିତରର କିଛି ଲୋକ ଷଡଯନ୍ତ୍ର କରୁଥାଇ ପାରନ୍ତି।

ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ, ଏଭଳି ସ୍ଥିତିକୁ ସାମ୍ନା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦୁଇଟି ସ୍ତରରେ ସତର୍କ ରହିବାକୁ ପଡିବ। ପ୍ରଶାସନିକ ଅସ୍ତ୍ରୋପଚାର : ଗୁପ୍ତଚର ଓ ଅଫିସର ସ୍ତରରେ କେଉଁମାନେ ସରକାରୀ ନୀତିକୁ ସାବୋଟାଇଜ୍ ବିଫଳ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ଚିହ୍ନଟ କରିବା। ଆଭ୍ୟନ୍ତରୀଣ ସମନ୍ୱୟ : ଦଳ ମଧ୍ୟରେ ଥିବା ସମସ୍ତ ଗୋଷ୍ଠୀ ଓ ପ୍ରଭାବଶାଳୀ ନେତାଙ୍କ ସହ ସିଧାସଳଖ ଆଲୋଚନା କରି ନିଜର ସ୍ଥିତିକୁ ଆହୁରି ମଜଭୁତ କରିବା।

ମୋ-୯୪୩୭୯୯୪୩୭୯

# ବୌଦ୍ଧିକ ବିକାଶ : ଆନନ୍ଦମୟ ପୂର୍ଣ୍ଣାଙ୍ଗ ଜୀବନ

ଡକ୍ଟର ସୁରେଶ କୁମାର ନାୟକ

ପିଲାମାନେ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼େ, ଏହା ରାତାରାତି କେଉଁ ଆକାଶରୁ ଖସି ପଡ଼ିନଥାଏ କିମ୍ବା ଯାଦୁବିଦ୍ୟା ଦ୍ୱାରା ସମ୍ଭବ ହୋଇନଥାଏ। ଯେ କୌଣସି ପିଲା ଅଭ୍ୟାସ ବଳରେ ସବୁ କିଛି ହାସଲ କରିପାରିବ। ସେଥିପାଇଁ କୁହାଯାଏ ଅଭ୍ୟାସ ବଳେ ସବୁ ଗ୍ରନ୍ଥ, ପଢ଼ି ହୋଇବ ଜ୍ଞାନବନ୍ତ। ତେଣୁ ଛାତ୍ରଛାତ୍ରୀମାନେ ବୁଝିପାରୁ ନଥିବା ବିଷୟକୁ ବାରମ୍ବାର ପଢ଼ିବା ଦ୍ୱାରା ନିଶ୍ଚିତ ଭାବେ ତାହା ବୋଧଗମ୍ୟ ହୋଇଥାଏ। କେବଳ ପାଠ ନୁହେଁ କୌଣସି କାମ ପାଇଁ ନିରନ୍ତର ଅଭ୍ୟାସ କରିବା ଫଳରେ ସଫଳତା ନିଶ୍ଚୟ ମିଳିଥାଏ। ତେଣୁ ନିଜର ଜ୍ଞାନ ବଢ଼ାଇବାକୁ ଚାହୁଁଥିଲେ ପ୍ରତିକ୍ଷେତ୍ରରେ ଅଭ୍ୟାସ ହିଁ ସର୍ବପ୍ରଥମ ମାର୍ଗ।

ଘରେ ହେଉ କି ସ୍କୁଲରେ ସବୁ ସ୍ଥାନରେ ପ୍ରଥମେ ଅନ୍ୟର କଥାକୁ ଭଲ ଭାବେ ଶୁଣନ୍ତୁ। କଥାକୁ ଭଲ ଭାବେ ଶୁଣିବା ପରେ ହିଁ କୌଣସି ବିଷୟକୁ ବୁଝିବା ସହଜ ହୋଇଥାଏ। ପିଲାଙ୍କର ଏଭଳି ଗୁଣ ସେମାନଙ୍କୁ ଅନେକ ଗୁଡ଼ିଏ କଥା ଜାଣିବାକୁ ପାଇଁ ସୁଯୋଗ ଦେଇଥାଏ। ଫଳରେ ସେମାନେ ବୁଦ୍ଧିମାନ ହୋଇପାରନ୍ତି। ସେଥିପାଇଁ ପାଠ ପଢ଼ାଇବା ସମୟରେ ଶିକ୍ଷକଙ୍କ କଥାକୁ ଭଲ ଭାବେ ଶୁଣିବା ପାଇଁ ପିଲାଙ୍କୁ ପରାମର୍ଶ ଦିଆଯାଏ। ଯେଉଁମାନେ ଭଲ ଭାବେ ଶିକ୍ଷକ ବୁଝାଉଥିବା ପାଠକୁ ଶୁଣନ୍ତି ସେମାନେ ସହଜରେ ବୁଝିପାରନ୍ତି ଏବଂ ମନେ ରଖିପାରନ୍ତି।

ନିଜର ବୁଦ୍ଧି ବଢ଼ାଇବା ପାଇଁ ଚାହୁଁଥିଲେ ସବୁ ସ୍ଥାନ କିମ୍ବା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରନ୍ତୁ। ବିଶେଷକରି ଶ୍ରେଣୀଗୃହରେ ପାଠପଢ଼ା ହେଉଥିବା ସମୟରେ ସେଠାରେ ଅନ୍ୟମନସ୍କ ହୁଅନ୍ତୁ ନାହିଁ। ବରଂ କୌଣସି ବିଷୟରେ ପାଠପଢ଼ାବେଳେ କିଛି ଅବୁଝା ରହିଗଲେ ତୁରନ୍ତ ପ୍ରଶ୍ନ ପଚାରନ୍ତୁ। ସବୁ ବିଷୟର ଅଧିକ ଜାଣିବାର ଆଗ୍ରହ ପିଲାଙ୍କ ବୁଦ୍ଧିକୁ ବଢ଼ାଇଥାଏ। ତେଣୁ ପ୍ରଶ୍ନ ପଚାରିବାର କଳା ଜାଣି ପାରିଲେ ପିଲାମାନେ ସବୁ ବିଷୟରେ ଅଧିକ ଜ୍ଞାନ ହାସଲ କରିପାରିବେ। ବୁଦ୍ଧି ବଢ଼ାଇବାର ଅନ୍ୟ ଏକ ମାଧ୍ୟମ ହେଉଛି ଲକ୍ଷ୍ୟ ସ୍ଥିର କରିବା ବା ନିଜର ଏକ ଟାର୍ଗେଟ କରିବା। ପାଠପଢ଼ାରେ ହେଉ କି ଅନ୍ୟ କୌଣସି କ୍ଷେତ୍ରରେ କାମ କରିବାକୁ ଯାଥିଲେ ପ୍ରଥମେ ଟାର୍ଗେଟ କରି କାମ କରନ୍ତୁ। ଅର୍ଥାତ୍ କେଉଁ ସମୟ ମଧରେ କେତିକି କାମ କରିବେ ସେଥିପାଇଁ ପ୍ରଥମେ ଯୋଜନା କରନ୍ତୁ। ଆଉ ଯୋଜନା ଅନୁସାରେ କାମ ପୂରା କରିବା ନିମନ୍ତେ ପରିଶ୍ରମ କରନ୍ତୁ।

ପଢ଼ିବା, ଲେଖିବା କିମ୍ବା ଚିତ୍ର କରିବା ଆଦି କେଉଁ କ୍ଷେତ୍ର ଆପଣଙ୍କୁ ଅଧିକ ପସନ୍ଦ ହେଉଛି ତାହା ସ୍ଥିର କରନ୍ତୁ। ନିଜେ କେଉଁ ବିଷୟରେ ଜାଣିବାକୁ ଚାହୁଁଛନ୍ତି ଏବଂ କେଉଁ କ୍ଷେତ୍ରରେ ଆପଣ ନିଜ ଭବିଷ୍ୟତ ଗଢ଼ିବାକୁ ଚାହୁଁଛନ୍ତି ତାହା ଲେଖି ରଖନ୍ତୁ। ପ୍ରତିଦିନ ଖବର କାଗଜ ପଢ଼ନ୍ତୁ ଓ କିଛି ନୂଆ ଚିନ୍ତା କରନ୍ତୁ। ଯାହା ପଢୁଛନ୍ତି ଅଥବା ଭାବୁଛନ୍ତି ସେ ସବୁ ଲେଖି ରଖନ୍ତୁ। କିଛି ଗପ କିମ୍ବା ଗୀତ ଲେଖିବାର ଅଭ୍ୟାସ କରନ୍ତୁ। ଟିଭି କିମ୍ବା ଫୋନରେ ଶିକ୍ଷା ସମ୍ବନ୍ଧୀୟ ଭିଡ଼ିଓ ଦେଖନ୍ତୁ। ନିଜ ଭାବନାକୁ ଲେଖି ରଖନ୍ତୁ କିମ୍ବା ଅନ୍ୟ ମାନଙ୍କ ସହ ଶେୟାର କରନ୍ତୁ। ନିଜ ଠାରୁ ଅଧିକ ସ୍ମାର୍ଟ ପିଲାଙ୍କ ସହିତ ଅଧିକ ସମୟ କଟାନ୍ତୁ। ନୂଆ ନୂଆ ସ୍ଥାନ ବୁଲିବାକୁ ଯାଆନ୍ତୁ ଓ ଅଧିକ ଲୋକଙ୍କ ସହ ମିଶି କଥାବାର୍ତ୍ତା କରନ୍ତୁ। ଚେସ କିମ୍ବା ବିଭିନ୍ନ ପ୍ରକାର ପଜଲ ଗେମ ଖେଳନ୍ତୁ। ବେଳେ ବେଳେ କିଛି କାମ ନକରି ନୀରବ ହୋଇ ବସନ୍ତୁ। ଯୋଗ, ଧ୍ୟାନ ଓ ବ୍ୟାୟାମ କରନ୍ତୁ। ସନ୍ତୁଳିତ ଆହାର ନିଅନ୍ତୁ ଓ ଭଲ ନିଦରେ ସାତରୁ ଆଠଘଣ୍ଟା ଶୁଅନ୍ତୁ। ବୌଦ୍ଧିକ ବିକାଶ ପଛରେ ଅନ୍ତର୍ନିହିତ ଜୀବନଚେତନା ରହିଛି। ଏହାକୁ ଏକ ହାଲୁକା କଥା ବୋଲି ଗୁରୁତ୍ୱହୀନ ଭାବି ଆଦୌ ବିଚାର କରନ୍ତୁ ନାହିଁ। ବିଦ୍ୟାଳୟ ପରେ ପିଲାଟିର ଅଧିକାଂଶ ସମୟ ବିତିଥାଏ ଘରେ। ପିଲାଟିକୁ ଜୀବନର ପ୍ରାରମ୍ଭରୁ ବସ୍ତୁବାଦୀ ଭିତରକୁ ନ ଠେଲି ନୀତି, ନୈତିକତା, ଆଧ୍ୟାତ୍ମିକତାର ଶିକ୍ଷା ଦିଅନ୍ତୁ। ପିଲାଟି ଖୁବ କମ୍ ବର୍ଷ ବୟସରୁ ମାନବୀୟ ମୂଲ୍ୟବୋଧ ଶିକ୍ଷା କରୁ ଜଗତ ଈଶ୍ୱରଙ୍କ ଠାରୁ ଭିନ୍ନ ନୁହେଁ। ସକଳ ବସ୍ତୁରେ ସମସ୍ତଙ୍କ ଭିତରେ ସକଳ ଜୀବନକୁ ଆନନ୍ଦମୟ କରିବା ପାଇଁ ସେ ଯେପରି ପ୍ରତିଟି ଆହ୍ୱାନକୁ ଗ୍ରହଣ କରେ ସେ ଶିକ୍ଷା ଦେବାର ଦାୟିତ୍ୱ ବାପ-ମାଆଙ୍କର। ଜୀବନ ହିଁ ଧର୍ମ, ସ୍ୱାର୍ଥ ତ୍ୟାଗ ହିଁ ଜୀବନ। ସତ୍ୟ, ନ୍ୟାୟ, ପ୍ରେମ, ପବିତ୍ରତା, ପୁଣ୍ୟ ଓ ସଦାଚାରରେ ବ୍ରତୀ ହୋଇ ପ୍ରାର୍ଥନା ଓ ଧ୍ୟାନକୁ ଧର୍ମର ଦୁଇଟି ପ୍ରଧାନ ସ୍ତମ୍ଭ ଭାବେ ପିଲାଟି ଜୀବନରେ ଶିକ୍ଷା ଲାଭ କରୁ। ଜୀବନର ବୌଦ୍ଧିକ ବିକାଶ କ୍ଷେତ୍ରରେ ପ୍ରତିଟି ଆନନ୍ଦମୟ ଶିକ୍ଷା କେବଳ ନିଜ, ଘର ପରିବାର ପାଇଁ ବନ୍ଧୁବର୍ଗଙ୍କ ପାଇଁ ଠାରୁ ସବୁଠାରୁ ବଡ଼। ଏ ମହାନ ସମାଜ ପ୍ରତି ତାର ଦାୟିତ୍ୱବୋଧ। ଶାଶ୍ୱତ, ଆନନ୍ଦମୟ ଜୀବନ ଭିତରେ ବୌଦ୍ଧିକ ଚେତନା ନିଖୁଣ ହେଲେ ପିଲାଟିର ଜୀବନ ପୂର୍ଣ୍ଣାଙ୍ଗ ହେବ।

ମୋ-୯୪୩୭୨୨୫୫୯୨

# ଏଭିଏନ୍‌ରେ ମୋଦି - ଟ୍ରମ୍ପଙ୍କ ଦ୍ୱିପାକ୍ଷିକ ଆଲୋଚନା

ଡକ୍ଟର ପ୍ରମୋଦ କୁମାର ପଣ୍ଡା

**“ ଯେଉଁଠି ଭରସା ନାହିଁ ସେଠି ସମ୍ପର୍କ ତିଷ୍ଠି ପାରେନାହିଁ। ଭାରତ ଓ ଆମେରିକାର ଅବସ୍ଥା ବର୍ତ୍ତମାନ ଠିକ୍ ସେପରି। ଆଗାମୀ ଦିନରେ କ'ଣ ହେବ ଈଶ୍ୱରଙ୍କୁ ଜଣା। ଆଶା କରିବା ଉଭୟ ଦେଶ ମଧ୍ୟରେ ସମ୍ପର୍କର ସେତୁ ସୁନ୍ଦର ଏବଂ ସୁଦୃଢ଼ ହେବ। ପୂର୍ବ ସମ୍ପର୍କ ପୁନଃସ୍ଥାପିତ ହେବ। ବଳିଷ୍ଠ ବନ୍ଧୁତ୍ୱ ଏବଂ ଘନିଷ୍ଠ ମିତ୍ରତା ଫେରିଆସିବ। ଦୁଇ ଦେଶ ପରସ୍ପର ଭରସା କରିବାକୁ ଲାଗିବେ। ଏଠି ଅନେକ ଲୋକ ପ୍ରଶ୍ନ କରନ୍ତି ଯଦି ଦୁଇ ଦେଶ ମଧ୍ୟରେ ବିଶ୍ୱାସର ଅଭାବ ରହିଛି, ତେବେ ଟ୍ରେଡ଼ ଡିଲ କାହିଁକି ? ଏହାର ଉତ୍ତର ଖୁବ୍ ସରଳ ସହଜ ଓ ସିଧାସଳଖ। ରାଜନୀତିରେ କେହି କାହାର ସ୍ଥାୟୀ ମିତ୍ର କିମ୍ବା ଶତ୍ରୁ ନଥାନ୍ତି। ଟ୍ରେଡ ଡିଲ୍ ଦେଶର ଆର୍ଥିକ ହିତ ଏବଂ ଲୋକଙ୍କ ବିକାଶ ସହ ଜଡ଼ିତ।**

ଭାରତ ଜି-୭ ର ସ୍ଥାୟୀ ସଦସ୍ୟ ନୁହେଁ। ତଥାପି ଏହାର ବାର୍ଷିକ ଶିଖର ସମ୍ମିଳନୀରେ ଭାରତକୁ ବିଶେଷ ଅତିଥି ରାଷ୍ଟ୍ର ରୂପେ ଆମନ୍ତ୍ରିତ କରାଯାଏ। ତେର ବର୍ଷ ହେଲା ଏହି ପ୍ରଥା ନିରନ୍ତର ଚାଲିଛି। ୨୦୨୬ ମସିହା ଜି-୭ ଶିଖର ସମ୍ମିଳନୀ ଫ୍ରାନ୍ସର ଏଭିଏନ ସହରରେ ଜୁନ ୧୫ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ପ୍ରତିନଧିତ୍ୱ କରିଥିଲେ। ଆଉଟରିଚ୍ ଅଧିବେଶନର ବିଶେଷ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଦୀର୍ଘଦିନ ପରେ ତାଙ୍କର ଏମିତି ଏକ ଘଡ଼ିସନ୍ଧି ସମୟରେ ସାକ୍ଷାତ ହୋଇଥିଲା ଯେତେବେଳେ ଆମେରିକୀ ସେନା ହର୍ମୁଜରେ ତିନି ଭାରତୀୟ ଜାହାଜ ଉପରେ ଆକ୍ରମଣ କରିଥିଲା ଓ ସେଥିରେ ତିନି ଜଣ ଭାରତୀୟ ନାବିକ ନିହତ ହୋଇଥିଲେ।ଉପରକୁ ସହଜ ଜଣାପଡୁଥିଲେ ସୁଦ୍ଧା ଉଭୟ ବିଶ୍ୱସ୍ତରୀୟ ନେତାଙ୍କ ସାକ୍ଷାତ ଆଗ ପରି ସ୍ୱାଭାବିକ ଥିବା ଭଳି ମନେହୁଏନାହିଁ। ଆଉଟରିଚ୍ ସେସନର ଗୋଲଟେବୁଲ ବୈଠକରେ ଡୋନାଲ୍ଡ ଟ୍ରମ୍ପ ପ୍ରବେଶ କଲାବେଳେ “ଆଇ ଏମ ଦି ବସ୍” କହିଥିଲେ। ଏଥିରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ବ୍ରିଟିଶ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଖୁବ୍ ଜୋରରେ ହସିଥିଲେ। ମଜା ନେଇଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗମ୍ଭୀର ମୁଦ୍ରାରେ ଦେଖିବାକୁ ମିଳିଥିଲା। ଉଭୟ ନେତା ପରସ୍ପରକୁ ଆଲିଙ୍ଗନ କରିନଥିଲେ। କେବଳ ହାତ ମିଳାଇଥିଲେ। ପରେ ଉଭୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ବାଣିଜ୍ୟିକ ଚୁକ୍ତି-ଟ୍ରେଡ଼ ଡିଲ, ଇରାନ ଯୁଦ୍ଧ, ହର୍ମୁଜ, ନାବିକ ସୁରକ୍ଷା, ବୈଶ୍ୱିକ ଅର୍ଥବ୍ୟବସ୍ଥା ଇତ୍ୟାଦି ଆଲୋଚନାର ପ୍ରମୁଖ ପ୍ରସଙ୍ଗ ଥିଲା। ପ୍ରଧାନମନ୍ତ୍ରୀ ମୋଦି ଭାରତୀୟ ନାବିକ ଯେଉଁମାନେ ବିଭିନ୍ନ ସାମୁଦ୍ରିକ ମାର୍ଗରେ କାମ କରନ୍ତି, ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ହର୍ମୁଜ ପ୍ରଣାଳୀକୁ ସର୍ବକାଳୀନ ଖୋଲା ରଖିବା ଓ ଜାହାଜ ଚଳାଚଳରେ ବାଧା ସୃଷ୍ଟି ନହେବା ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଥିଲେ। ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରସ୍ତାବରେ ତାଙ୍କର ସହମତି ପ୍ରକାଶ କରିଥିଲେ। ଆଲୋଚନା ବେଳେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭୂୟସୀ ପ୍ରଶଂସା କରି ତାଙ୍କୁ ଜଣେ ଟପ ନେଗୋସିଏଟର କହିଥିଲେ। ତାଙ୍କୁ ଶାନ୍ତ ଅଥଚ ଶକ୍ତ ବ୍ୟକ୍ତିତ୍ୱରେ ପରିଭାଷିତ କରିଥିଲେ। ଅର୍ଥାତ୍ ପ୍ରଧାନମନ୍ତ୍ରୀ ମୋଦି ଜଣେ ଇମିତି ବାର୍ତ୍ତାକାର ଯିଏ ନିଜ ସର୍ତ୍ତକୁ ନେଇ କଡା ଆଭିମୁଖ୍ୟ ରଖନ୍ତି। ଇରାନ-ଆମେରିକା ଯୁଦ୍ଧ ବନ୍ଦ ପାଇଁ ମୋଦି ଟ୍ରମ୍ପଙ୍କ ପ୍ରଶଂସା କରିଥିଲେ। ବଡ଼ କଥା ହେଲା ଯିଏ ଦିନେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ନିଜର ଅତ୍ୟନ୍ତ ବିଶ୍ୱସ୍ତ, ଅନୁଗତ, ଆପଣାର, ଘନିଷ୍ଠ ଓ ପାଖଲୋକ କହୁଥିଲେ, ସିଏ ଆଜି ତାଙ୍କଠାରୁ ଅଲଗା ହୋଇ କହିଥିଲେ ଯେ ଏବେ ଇସ୍ରାଏଲକୁ ନିଜର ରକ୍ଷା ନିଜକୁ କରିବାକୁ ହେବ। ପକ୍ଷାନ୍ତରେ ଭାରତ ପ୍ରତି ବିପଦ ଆସିଲେ ସେ ତାଙ୍କ ସହ ଛିଡା ହେବେ ବୋଲି କହିଥିଲେ। ସେ ଶୀଘ୍ର ଭାରତ ଗସ୍ତ କରିବାର ଇଛା ମଧ ପ୍ରକଟ କରିଥିଲେ। ସୂଚନା ଦେଇଥିଲେ। ଯଦି ଏପରି ହୁଏ, ତେବେ ଏହା ଟ୍ରମ୍ପଙ୍କ ୨୦୨୦ ପରେ ଭାରତକୁ ପ୍ରଥମ ଗସ୍ତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବିଗତ ନଅ ବର୍ଷ ମଧ୍ୟରେ ଆଠ ଥର ସାକ୍ଷାତ ହୋଇଛି। ଦ୍ୱିପାକ୍ଷିକ କଥା ବାର୍ତ୍ତା, ଆଲୋଚନା, ବିଚାର ବିମର୍ଶ ହୋଇଛି। ୨୦୧୭ ମସିହାରେ ଜୁନ ୨୭ ଓ ନଭେମ୍ବର ୧୩, ଦୁଇ ଥର, ନଭେମ୍ବର ୩୦, ୨୦୧୮ରେ ଥରେ, ୨୦୧୯ ମସିହାରେ ଜୁନ ୨୮, ଅଗଷ୍ଟ ୨୧ ଓ ସେପ୍ଟେମ୍ବର ୨୨ - ୨୪ ତିନି ଥର, ଫେବୃଆରୀ ୨୪, ୨୦୨୦ ରେ ଥରେ ଓ ଫେବୃଆରୀ ୧୩, ୨୦୨୫ ରେ ଥରେ ଏପରି ଆଠ ଥର ସାକ୍ଷାତ ଆଲୋଚନା ହୋଇଛି ଯାହା ଏସିଆର ସମସ୍ତ ନେତାଙ୍କ ଅପେକ୍ଷା ଅଧିକ। ୧୩.୨.୨୦୨୫ ପରେ ଟ୍ରମ୍ପଙ୍କ ସହ ମୋଦିଙ୍କ ଆଉ ସାକ୍ଷାତ ହୋଇନଥିଲା। ଏହା ତାଙ୍କ ଶେଷ ସାକ୍ଷାତ ଥିଲା। ତତ୍ପରଠୁ ପରିସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ପୂର୍ବ ସମ୍ପର୍କ ଧୂମିଳ ପଡିଛି। ଘନିଷ୍ଠତା କମିଛି। ଶେଷ ସାକ୍ଷାତର ଦୁଇ ମାସ ପରେ ଏପ୍ରିଲ ମାସରେ ଆମେରିକା ରାଷ୍ଟ୍ରପତି ଭାରତୀୟ ସାମାନ ଉପରେ ପ୍ରଥମେ ୨୫% ଓ ପରେ ଅତିରିକ୍ତ ୨୫% ଏପରି ୫୦% ଟାରିଫ କଷିଛନ୍ତି। ଭାରତକୁ ଡେଡ ଇକୋନମି, ମୃତ ଅର୍ଥବ୍ୟବସ୍ଥା କହିଛନ୍ତି। ଏଚ-୧ବି ଭିଜା ନିୟମରେ ପରିବର୍ତ୍ତନ କରିଛନ୍ତି ଯାହାଦ୍ୱାରା ଅଧିକ ଭାରତୀୟ ଗଭୀର ପ୍ରଭାବିତ ହୋଇଛନ୍ତି। ଅପରେସନ ସିନ୍ଦୂରର ଭାରତ-ପାକିସ୍ତାନ ମଧ୍ୟସ୍ଥତାର ମିଛ ଦାବି କରିଛନ୍ତି ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଛି। ଯୁଦ୍ଧ ବିରତିର ଶ୍ରେୟ ନେବାକୁ ପ୍ରୟାସ କରିଛନ୍ତି ଯେଉଁଥିରେ ଭାରତ ତାର ଅସହମତି ପ୍ରକାଶ କରିଛି। ଭାରତ ପାଇଁ ହେଲ ହୋଲ, ନର୍କ ପରି ସ୍ଥାନ ଓ ଥାର୍ଡ଼ ୱାର୍ଲଡ କଣ୍ଟ୍ରି ଭଳି ଶବ୍ଦ ବ୍ୟବହାର କରି ଆକ୍ଷେପ କରିଛନ୍ତି। ଅନ୍ୟ ଦେଶ ଭଳି ଭାରତୀୟ ଅବୈଧ ଶରଣାର୍ଥୀଙ୍କୁ ହାତକଡ଼ି ଲଗାଇ ସେନା ବିମାନରେ ଡ଼ିପୋର୍ଟ କରିଛନ୍ତି। ବିଭିନ୍ନ ମତରେ ଭୁରିଭୁରି ପ୍ରଶଂସା କରିଛନ୍ତି। ପାକିସ୍ତାନ ଓ ଅସୀମ ମୁନିର ସହିତ ନିକଟତା ଓ ଭାରତ ସହ ଦୂରତା ବଢିଛି। ୧୦୮ ଦିନର ଇରାନ ଯୁଦ୍ଧରେ ୧୪ ଦେଶର ୪୬ ବିମାନ ଉପରେ ହମଲା କରିଛନ୍ତି। ଏସସିଓ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଏକତ୍ର ଦେଖି ଭାରତ ଆମେରିକା ଗୋଷ୍ଠୀରୁ ବିଛିନ୍ନ ହେଲା କହି ମନ୍ତବ୍ୟ ରଖିଛନ୍ତି। ରୁଷିଆରୁ କଞ୍ଚା ତେଲ ଆମଦାନି ନ କରିବାକୁ ଚାପ ପକାଇଛନ୍ତି। ଏତେ ଅସହଜ ଟିପ୍ପଣୀ ପରେ ଭାରତ ଓ ଆମେରିକାକୁ ଜି-୨ କହୁଛନ୍ତି। ବାସ୍ତବ କଥା ହେଲା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କେବେ କାହାକୁ କଣ କହିବେ କହିବା ସମ୍ଭବ ନୁହେଁ। ଆଗେ ତାଙ୍କୁ ଇସ୍ରାଏଲ ଭଲ ଲାଗୁଥିଲା ଏବେ ଇରାନ ଭଲ ଲାଗୁଛି। ଏକଦା ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ତାଙ୍କ ସମର୍ଥକ ଥିଲେ। ତାଙ୍କ ଦ୍ୱିତୀୟ ପାଳି ଶପଥ ଗ୍ରହଣ ଉତ୍ସବରେ ସିଏ ଯୋଗଦାନ କରିଥିଲେ। ଆଜି ସେ ଦି ନେତାଙ୍କ ମଧ୍ୟରେ ଫଟୋ ଉଠାକୁ ନେଇ ଟଣାଓଟରା, କଳିକଜିଆ, ଗାଳିମନ୍ଦ, ବାକ୍‌ଯୁଦ୍ଧ। ଗୋଟିଏପଟେ ଇରାନ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ। ଅନ୍ୟପଟେ ସର୍ତ୍ତ ଖିଲାପ ହେଲେ ପୁନର୍ବାର ବୋମା ମାଡ଼ର ଧମକ। ଡୋନାଲ୍ଡ ଟ୍ରମ୍ପ କେତେ ମିଛ କୁହନ୍ତି ତାର ହିସାବ ଭାରତ ଏବଂ ଭାରତୀୟଙ୍କ ତୁଳନାରେ ଆମେରିକା ଏବଂ ଆମେରିକୀୟ ଜନତା ଓ ଗଣମାଧ୍ୟମ ପ୍ରତିନିଧି ଅଧିକ ଜାଣନ୍ତି।

ଯେଉଁଠି ଭରସା ନାହିଁ ସେଠି ସମ୍ପର୍କ ତିଷ୍ଠି ପାରେନାହିଁ। ଭାରତ ଓ ଆମେରିକାର ଅବସ୍ଥା ବର୍ତ୍ତମାନ ଠିକ୍ ସେପରି। ଆଗାମୀ ଦିନରେ କଣ ହେବ ଈଶ୍ୱରଙ୍କୁ ଜଣା। ଆଶା କରିବା ଉଭୟ ଦେଶ ମଧ୍ୟରେ ସମ୍ପର୍କର ସେତୁ ସୁନ୍ଦର ଏବଂ ସୁଦୃଢ଼ ହେବ। ପୂର୍ବ ସମ୍ପର୍କ ପୁନଃସ୍ଥାପିତ ହେବ।

ବଳିଷ୍ଠ ବନ୍ଧୁତ୍ୱ ଏବଂ ଘନିଷ୍ଠ ମିତ୍ରତା ଫେରିଆସିବ। ଦୁଇ ଦେଶ ପରସ୍ପର ଭରସା କରିବାକୁ ଲାଗିବେ। ଏଠି ଅନେକ ଲୋକ ପ୍ରଶ୍ନ କରନ୍ତି ଯଦି ଦୁଇ ଦେଶ ମଧ୍ୟରେ ବିଶ୍ୱାସର ଅଭାବ ରହିଛି, ତେବେ ଟ୍ରେଡ଼ ଡିଲ୍ କାହିଁକି ? ଏହାର ଉତ୍ତର ଖୁବ୍ ସରଳ ସହଜ ଓ ସିଧାସଳଖ। ରାଜନୀତିରେ କେହି କାହାର ସ୍ଥାୟୀ ମିତ୍ର କିମ୍ବା ଶତ୍ରୁ ନଥାନ୍ତି। ଟ୍ରେଡ଼ ଡ଼ିଲ୍ ଦେଶର ଆର୍ଥିକ ହିତ ଏବଂ ଲୋକଙ୍କ ବିକାଶ ସହ ଜଡ଼ିତ। ଭାରତ ସମ୍ପ୍ରତି ବିଶ୍ୱର ଦଶ ଗୋଟି ରାଷ୍ଟ୍ର ସହ ବାଣିଜ୍ୟିକ ଚୁକ୍ତି କରିଛି। ସେଥିମଧ୍ୟରୁ ଆଠ ଦେଶ ସହ ବାଣିଜ୍ୟରେ ଭାରତକୁ କ୍ଷତି ସହିବାକୁ ପଡୁଛି। ବାଣିଜ୍ୟିକ କ୍ଷତି ସେତେବେଳେ ହୁଏ ଯେତେବେଳେ ଆମେ ବିଦେଶୀ ସାମଗ୍ରୀ ଅଧିକ ଆମଦାନି କରୁ ଏବଂ ନିଜ ଦେଶରେ ଉତ୍ପାଦିତ ସାମଗ୍ରୀ ବିଦେଶକୁ କମ ରପ୍ତାନି କରିଥାଉ। ଦୁଇଟି ଦେଶ - ଆମେରିକା ଓ ନେଦରଲେଣ୍ଡ ସହିତ ଭାରତର ଟ୍ରେଡ଼ ସରପ୍ଲସ ଅର୍ଥାତ୍ ବାଣିଜ୍ୟିକ ଲାଭ ହେଉଛି। ଅତିରିକ୍ତ ଟାରିଫ ଲାଗିବା ପୂର୍ବରୁ ଆମେରିକା ସହ ଟ୍ରେଡ଼ ଡ଼ିଲ କରି ଭାରତକୁ ୩.୪୭ ଲକ୍ଷ କୋଟି ଟଙ୍କାର ବାଣିଜ୍ୟିକ ଲାଭ ମିଳିଥିଲା। ଅତିରିକ୍ତ ଟାରିଫ କଷିବା ସତ୍ତ୍ୱେ ଏହି ଲାଭ ୫୦ ଲକ୍ଷ କୋଟି ସଙ୍କୁଚିତ ହୋଇ ୨.୯୭ ଲକ୍ଷ କୋଟିରେ ପହଞ୍ଚିଥିଲା ସତ କିନ୍ତୁ କ୍ଷତି ହୋଇନଥିଲା। ଆମେରିକା ସହ ଭାବନାରେ ବହି ଟ୍ରେଡ଼ ଡ଼ିଲ୍ କରି ନଥିଲେ ଭାରତକୁ ଗୋଟିଏ ବର୍ଷରେ ୨.୯୭ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଥାନ୍ତା ଯାହା ଆମ ଅର୍ଥବ୍ୟବସ୍ଥା କିମ୍ବା ସାଧାରଣ ଜନତାଙ୍କ ପାଇଁ ଶୁଭଙ୍କର ନୁହେଁ। ଏମିତିବି କେବଳ ଭାରତ ଆମେରିକା ସହ ଟ୍ରେଡ଼ ଡ଼ିଲ୍ କରିନଥାଏ। ବିଶ୍ୱର ପ୍ରାୟ ୨୦ ଦେଶ ଆମେରିକା ସହ ବାଣିଜ୍ୟ ଚୁକ୍ତି କରନ୍ତି। ସେମାନଙ୍କ ମଧ୍ୟରୁ ଅଷ୍ଟ୍ରେଲିଆ, କାନାଡ଼ା, ଓମାନ, ଉତ୍ତର କୋରିଆ, ଦକ୍ଷିଣ ଆଫ୍ରିକା, ବାହାରିନ ଆଦି ଅନ୍ୟତମ। ତେବେ, ଏବେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତିକୁ ନେଇ କଥାବାର୍ତ୍ତା ଅବ୍ୟାହତ ରହିଛି। ଭାରତ ଆଦୌ ଜଲଦିରେ ନାହିଁ। ଇରାନ ଯୁଦ୍ଧ ବନ୍ଦ, ହର୍ମୁଜ ସାମୁଦ୍ରିକ ଜଳପଥରେ ବାଣିଜ୍ୟିକ ଜାହାଜର ଅବାଧିତ ଗମନାଗମନ, ଭାରତୀୟ ନାବିକଙ୍କ ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଭାରତ ତାର ଧ୍ୟାନ ଅଧିକ କେନ୍ଦ୍ରିତ କରୁଛି। ଆମେରିକୀ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ସ୍ୱାଗତଯୋଗ୍ୟ। ମୋଦିଙ୍କୁ ଟ୍ରମ୍ପଙ୍କ ପ୍ରଶଂସା ଔପଚାରିକତା ନୁହେଁ। ଭାରତ ଓ ଆମେରିକାକୁ ଜି-୨ କହିବା ମଧ ଅପ୍ରାସଙ୍ଗିକ ଏବଂ ଅଗ୍ରହଣୀୟ ନୁହେଁ। କାରଣ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓ ରାଜନୈତିକ ପତିଆରା ଓ ପ୍ରଭାବ ବିଶ୍ୱବନ୍ଦିତ। ରୁଷିଆରୁ ଭାରତରେ କଞ୍ଚା ତେଲ ଆମଦାନୀ ଉପରେ କଟକଣା ଲଗାଇବା ମଧ୍ୟ ଆମେରିକା ପାଇଁ ଏତେ ସହଜ ନୁହେଁ। ଭାରତ ସମ୍ପ୍ରତି ସବୁ ଦୃଷ୍ଟିରୁ ସବୁ କ୍ଷେତ୍ରରେ ସବଳ ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିପାକ୍ଷିକ ଆଲୋଚନା କଣ ଓ କିପରି ପରିବର୍ତ୍ତନ ଆଣୁଛି ଏବଂ କେଉଁ ମୋଡ଼ରେ ପହଁଚୁଛି ତାହା ସମୟ ହିଁ କହିବ।

ମୋ- ୭୯୭୮୨ ୮୩୧୯୦

# ଦେଖିବାକୁ ମିଳୁନି ଗଜପତିରେ ଗାଁ ଆଖଡ଼ା

## କଳା ଓ କଳାକାରଙ୍କୁ ନାହିଁ ପ୍ରୋତ୍ସାହନ, ଦୂରେଇଗଲେଣି ଯୁବପିଢ଼ି, ହଜିଯାଉଛି ଏକାଧିକ ଲୋକକଳା

ପାରଳାଖେମୁଣ୍ଡି, ୨୬।୬ (ନିପ୍ର); ଦିନ ଥିଲା କଳା, ସାହିତ୍ୟ ଓ ସଂସ୍କୃତିର ଅନ୍ତୁଡ଼ିଶାଳ ଭାବେ ପରିଚିତ ଗଜପତି ଜିଲ୍ଲାର ଲୋକକଳା ସମଗ୍ର ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଥିଲା । ଗଣେଶ ଗୀତିନାଟ୍ୟ, ଦଣ୍ଡନାଚ, ଦେଶୀଆନୃତ୍ୟ, ଦାସକାଠିଆ, ପ୍ରହ୍ଲାଦ ନାଟକ, ଭୂତକେଳି, କୃଷ୍ଣଲୀଳା, ଭାରତଲୀଳା, ରାମଲୀଳା, ଡଣ୍ଡକୋଇଲା ଓ ପାଇକ ଆଖଡ଼ା ଭଳି ଅନେକ ଲୋକକଳା ଗଜପତି ଜିଲ୍ଲାର ଗ୍ରାମ୍ୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା । କଳାକାରମାନେ ବିଭିନ୍ନ ମଞ୍ଚରେ ନିଜର ପ୍ରତିଭାର ନିଦର୍ଶନ ଦେଖାଇ ଜିଲ୍ଲା ପାଇଁ ଗୌରବ ଆଣୁଥିଲେ । ବିଶେଷକରି ଜିଲ୍ଲାର ପାଇକଆଖଡ଼ା କେବଳ ରାଜ୍ୟ ନୁହେଁ, ରାଜ୍ୟ ବାହାରେ ମଧ୍ୟ ସୁନାମ ଅର୍ଜନ କରିଥିଲା । ଆଉ ଲୋକନୃତ୍ୟ ଓ ଲୋକଗୀତ ଗ୍ରାମାଞ୍ଚଳରେ ପର୍ବପର୍ବାଣି, ଯାତ୍ରା ଓ ସାମାଜିକ ଉତ୍ସବର ପ୍ରମୁଖ ଆକର୍ଷଣ ଥିଲା । କିନ୍ତୁ ବର୍ତ୍ତମାନ ସମୟ ବଦଳିବା ସାଙ୍ଗକୁ ଜିଲ୍ଲାର ଅନେକ ଲୋକକଳା ଏବେ ବିଲୁପ୍ତିପଥରେ ପହଞ୍ଚିଛି । କାଁ ଭାଁ କିଛି କଳାକାର କଳାକୁ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି । କଳା ଓ କଳାକାରଙ୍କ ପ୍ରତି ସରକାରୀ ପ୍ରୋତ୍ସାହନର ଅଭାବ ହେଉ ଅଥବା ଅନ୍ୟ କାରଣରୁ ଲୋକକଳା ପ୍ରତି ଯୁବପିଢ଼ିଙ୍କ



ଆଗ୍ରହ କମିବାରେ ଲାଗିଛି । ବର୍ତ୍ତମାନ କିଛି କଳାକାର ଜୀବିକା ନିର୍ବାହ ପାଇଁ ଅନ୍ୟ ପେସାକୁ ଆପଣାଇବାକୁ ବାଧ୍ୟ ହେଉଛନ୍ତି । ଗୋଟିଏ ସମୟରେ ଗ୍ରାମଗୁଡ଼ିକର ଆଖଡ଼ା ଗୁଡ଼ିକ ସାଂସ୍କୃତିକ ଚର୍ଚ୍ଚା ଓ କଳାସାଧନାର ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ହେଉଥିଲା । ସନ୍ଧ୍ୟା ହେଲେ ଯୁବକମାନେ ସେଠାରେ ଏକାଠି ହୋଇ ଗୀତ, ନୃତ୍ୟ, ବାଦ୍ୟ ଓ ଅଭିନୟର ଅଭ୍ୟାସ କରୁଥିଲେ । ଗାଁର ଆଖଡ଼ା ଲୋକକଳାର ପ୍ରଶିକ୍ଷଣକେନ୍ଦ୍ର ସହ ସାମାଜିକ ସମ୍ପର୍କ ସ୍ଥାପନର ମଧ୍ୟ ଏକ ପ୍ରମୁଖ ମାଧ୍ୟମ ଥିଲା । କିନ୍ତୁ ଆଜି ସେହି ଆଖଡ଼ାରେ ନିରବତା ରାଜୁତି କରୁଛି । କେଉଁଠି ଆଖଡ଼ା ଘର ଭାଙ୍ଗିଯାଇଛି ତ ଆଉ କେଉଁଠି ତାହା ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଛି । କଳାକାରମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି, ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ସହାୟତା, ଭତ୍ତା ଓ ନିୟମିତ ମଞ୍ଚ ସୁଯୋଗ ମିଳୁନି । ଫଳରେ ଅନେକ ପ୍ରତିଭାବାନ କଳାକାର ଆର୍ଥିକ ଅନଟନ ଯୋଗୁଁ ଅନ୍ୟ କାମରେ ନିୟୋଜିତ ହେଉଛନ୍ତି । ବରିଷ୍ଠ କଳାକାରମାନଙ୍କ ଜ୍ଞାନ, ଅଭିଜ୍ଞତା ଓ ପରମ୍ପରା ନୂତନ ପିଢ଼ି ପାଖରେ ପହଞ୍ଚିପାରୁନି । ସାଂସ୍କୃତିକ ପ୍ରେମୀ ଓ ବୁଦ୍ଧିଜୀବୀମାନଙ୍କ ମତରେ ଲୋକକଳାର ସଂରକ୍ଷଣ ପାଇଁ ଜିଲ୍ଲାସ୍ତରରେ ନିୟମିତ ଲୋକକଳା ମହୋତ୍ସବ ଆୟୋଜନ ସହ କଳାକାରମାନଙ୍କୁ ଆର୍ଥିକ ସହାୟତା, ବିଦ୍ୟାଳୟସ୍ତରରେ ଲୋକକଳା ଶିକ୍ଷାର ପ୍ରଚଳନ ଓ ପୁରୁଣା ଆଖଡ଼ାଗୁଡ଼ିକର ପୁନରୁଦ୍ଧାର ନିହାତି ଆବଶ୍ୟକ ନଚେତ୍ ଆଗାମୀ ଦିନରେ ଅନେକ ଅମୂଲ୍ୟ ଲୋକକଳା ଇତିହାସର ପୃଷ୍ଠାରେ ହଜିଯିବ ଗବେଷକ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଲୋକକଳା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଜୀବନ୍ତ ରଖିବାର ଏକ ପ୍ରମୁଖ ଆଧାର । ତେଣୁ ଏହାର ସଂରକ୍ଷଣ ଓ ପ୍ରଚାରପ୍ରସାର ଦିଗରେ ସରକାରଙ୍କ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ ।

## ଜୋରସୋରରେ ଚାଲିଛି ସ୍ୱତନ୍ତ୍ର ସଘନ ସଂଶୋଧନ

ଦାମନଯୋଡି, ୨୬।୬ (ନିପ୍ର): ସାରା ଦେଶରେ ନାଗରିକମାନଙ୍କର ସ୍ୱତନ୍ତ୍ର ସଘନ ସଂଶୋଧନ ଜୋରସୋରରେ ଚାଲିଥିବା ବେଳେ ଦାମନଯୋଡିରେ ମଧ୍ୟ ଏହା ଜାରି ରହିଛି । ବିଭିନ୍ନ ବୁଥ୍ ସ୍ତରରେ ଏହି ସ୍ୱତନ୍ତ୍ର ସଘନ କାର୍ଯ୍ୟକ୍ରମ ଚାଲିଛି । କୋରାପୁଟ ଅତିରିକ୍ତ ତହସିଲଦାର ଭଗବାନ ନାୟକ ବୁଥ୍ ସ୍ଥରରେ ଉପସ୍ଥିତ ରହି ଭୋଟର୍ ତାଲିକା ସଂଶୋଧନ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରଣାଳୀ ଓ ନିୟମ ମାନ ବୁଥ୍ ଏଜେଣ୍ଟମାନଙ୍କୁ ବୁଝାଇଥିଲେ । ବୁଥ୍ ସ୍ତରୀୟ ପର୍ଯ୍ୟବେକ୍ଷକ ଅଧିକାରୀ ନୀଳମାଧବ ପତ୍ରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ ସୁଶ୍ରୀ ଆର ସନ୍ଧ୍ୟାରାଣୀ ସ୍ୱତନ୍ତ୍ର ଭାବେ ଯୋଗ ଦେଇଥିଲେ । ବୁଥ ସ୍ତରୀୟ ଅଧିକାରୀ ପ୍ରମୋଦ କୁମାର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପାତ୍ର, ବୁଥ୍ ସ୍ତରୀୟ ଏଜେଣ୍ଟ, ଅଙ୍ଗନୱାଡି କର୍ମୀ କଳ୍ପନା ବାଗ, ୱାର୍ଡ଼ ମେମ୍ବରଙ୍କ ସମେତ ସଂଶୋଧନ କରିବାକୁ ଆସିଥିବା କେତେକ ସଭ୍ୟସଭ୍ୟା ମଧ୍ୟ ଉପସ୍ଥିତ ଥିଲେ । ଯେପରି ଜଣେ ହିତାଧିକାରୀ ଏହି ସଂଶୋଧନ ପ୍ରକ୍ରିୟାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି ।

କିଭଳି ଜଣେ ହିତାଧିକାରୀ ନିଜ ନାମ ଗୋଟିଏ ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତର କରିବେ, ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ନାମ ପୁନଃ ଯୋଗ କରିବା, ତ୍ରୁଟି ସଂଶୋଧନ ଆଦି ବିଭିନ୍ନ ବିଷୟ ଉପରେ ଶ୍ରୀ ନାୟକ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ତୃଣମୂଳ ସ୍ତରରୁ ସମସ୍ତ ତଥ୍ୟ ସଠିକ୍ ଭାବରେ ପୂରଣ କରିବା ପାଇଁ ବୁଥ ଅଧିକାରୀ ଓ ଏଜେଣ୍ଟମାନଙ୍କୁ ପରାମର୍ଶ ଦେଇଥିଲେ ।

## କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର

ଜଟଣୀ, ୨୬।୬ (ନିପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିବସ ଅବସରରେ ପିପୁଲ ଫର ସୋସାଇଟି ଆନୁକୂଲ୍ୟରେ ରାଜ୍ୟ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳଙ୍କ ସଂଯୋଜନାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଖୁଦୁପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ରେଡ଼କ୍ରସ କଟକ ରକ୍ତଭଣ୍ଡାରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ ୧୦୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।



କାର୍ଯ୍ୟକ୍ରମରେ ଅତିଥି ଭାବେ ଜଟଣୀ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ, ପୂର୍ବତନ ଥାନାଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପକ୍ଷରୁ ସଭାପତି ଶୁଭ୍ରାଂଶୁ ଶେଖର ଜେନା, ସମ୍ପାଦକ ଅମରେନ୍ଦ୍ର ପାଟଶାଣୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ।

## ଖେଳପଡ଼ିଆର ଉନ୍ନତିକରଣ ନେଇ ଆଲୋଚନା

ନିରାକାରପୁର, ୨୬।୬ (ନିପ୍ର); ସ୍ଥାନୀୟ ଅଗ୍ରଣୀ କ୍ରୀଡା ଅନୁଷ୍ଠାନ 'ସଖା ସଂଘ କ୍ରୀଡା ସଂସଦ, ନିରାକାରପୁର' ପକ୍ଷରୁ ନିରାକାରପୁର କଲେଜର ନବନିଯୁକ୍ତ ଅଧ୍ୟକ୍ଷ ଧୀରେନ୍ଦ୍ର ନାଥ ରାଉତରାୟଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରାଯାଇଛି । ସଂସଦର କର୍ମକର୍ତ୍ତା ଓ ସଦସ୍ୟମାନେ କଲେଜ ପରିସରରେ ନୂତନ ଅଧ୍ୟକ୍ଷଙ୍କୁ ଭେଟି ଉତ୍ତରୀୟ ଓ ଫୁଲତୋଡ଼ା ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ସାକ୍ଷାତକାର ସମୟରେ ବିଶେଷ କରି କଲେଜ ଖେଳପଡ଼ିଆର ଉନ୍ନତିକରଣ ଏବଂ ଆଞ୍ଚଳିକ କ୍ରୀଡ଼ାର ବିକାଶ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ କ୍ରୀଡ଼ାବିତ୍‌ମାନଙ୍କ ସୁବିଧା ପାଇଁ ପଡ଼ିଆର ସଂସ୍କାର ଜରୁରୀ ବୋଲି ସଂସଦ ପକ୍ଷରୁ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ସୌଜନ୍ୟମୂଳକ ସାକ୍ଷାତକାର କାର୍ଯ୍ୟକ୍ରମରେ ସଖା ସଂଘ କ୍ରୀଡା ସଂସଦର ସଭାପତି ବିପିନ କୁମାର ଜୟସିଂହ, ସମ୍ପାଦକ ଦୀପକ ପ୍ରଧାନ, କୋଷାଧ୍ୟକ୍ଷ ହରିବନ୍ଧୁ ସିଂହ, ମୁଖ୍ୟ ଉପଦେଷ୍ଟା ମହେଶ୍ୱର ବେହେରା ଓ ମୃତ୍ୟୁଞ୍ଜୟ ରଥ, ଉପ-ସଭାପତି ମାନସ ପଟ୍ଟନାୟକ ଓ ପ୍ରକାଶ ବଳିୟାରସିଂହ, ସଦସ୍ୟ ସାରଙ୍ଗଧର ମହାପାତ୍ରଙ୍କ ସମେତ ଅନୁଷ୍ଠାନର ଅନ୍ୟାନ୍ୟ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ସିପିଆଇଏମ ପକ୍ଷରୁ ବିଭିନ୍ନ ଦାବି ନେଇ ବ୍ଲକ ଆଗରେ ବିକ୍ଷୋଭ

ରମ୍ଭା, ୨୬।୬ (ନିପ୍ର): ଗଞ୍ଜାମ ଆଞ୍ଚଳିକ କମିଟି ସିପିଆଇଏମ ପକ୍ଷରୁ ବିଭିନ୍ନ ଦାବି ନେଇ ଗଞ୍ଜାମ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଦଳୀୟ କର୍ମୀ ଓ ନେତାମାନେ ତ୍ରିବେଣୀ ମଠଛକଠାରୁ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନାରାଦେଇ ବ୍ଲକ ସମ୍ମୁଖରେ ପହଂଚି ଥିଲେ । ସେଠାରେ ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଦଳର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ, କୃଷକ ନେତା ହରି କୃଷ୍ଣ ରେଡି, ରାଜ୍ୟ କମିଟି ସଦସ୍ୟ ରାମ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଜନ ମାରଣା ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅବ୍ୟବସ୍ଥା କରିବା, ବାର୍ଦ୍ଧକ୍ୟ ଭତ୍ତା ଲୋକଙ୍କୁ ଠିକ ଭାବେ ନମିଳିବା, ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ସାଧାରଣ ଲୋକଙ୍କୁ ଅସୁବିଧା ଭୋଗିବା, ରାସନ କାର୍ଡ ଲୋକଙ୍କୁ ଠିକ ଭାବେ ନମିଳିବା । ପାଳିବନ୍ଦ ପଞ୍ଚାୟତର ଦଶଟି ଗ୍ରାମର ଲୋକଙ୍କୁ ସୁରକ୍ଷା ଦୃଷ୍ଟିରୁ ସମୁଦ୍ର ଯେଉଁ ଭଳି ଭାବେ କୂଳ ଖାଉଛି ତାହାର ସ୍ଥାୟୀ ପ୍ରତିକାର କରିବାକୁ ନେତାମାନେ ଦାବି କରିଥିଲେ । ପରେ ଏକ ପ୍ରତିନିଧି ଦଳ ଯାଇ ବିଭିନ୍ନ ଦାବିର ସମାଧାନ ନିମନ୍ତେ ବିଡିଓ ସହ ଆଲୋଚନା କରିବାକୁ ଯାଇଥିଲେ ।

## ଆୟୁଷ୍ମାନ କାର୍ଡ, ନୂଆ ଭତ୍ତା ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ

ମାର୍ଶାଘାଇ, ୨୬।୬ (ନିପ୍ର); ବ୍ଲକରେ ବ୍ଲକସ୍ତରୀୟ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଚାଲୁଥିବା ବେଳେ ମାର୍ଶାଘାଇ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ କରିବା ସହିତ ତୃଣମୂଳସ୍ତରରେ ଜନ କଲ୍ୟାଣମୂଳକ ଯୋଜନା କାର୍ଯ୍ୟ କରୁଛନ୍ତି । ଗ୍ରାମାଞ୍ଚଳ ଲୋକମାନେ ଆୟୁଷ୍ମାନ ଆରୋଗ୍ୟ କାର୍ଡ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଓ ଆର୍ଥିକ ଅନଗ୍ରସର ଲୋକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନାରେ ଗରିବ, ଖଟିଖିଆ, କୃଷକ ଓ ଦିନ ମଜୁରିଆ ପରିବାର ଫାଇଦା ଉଠାଇ ପାରିଛନ୍ତି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ । ଏଥିସହିତ ପୂର୍ବଭାରତର ବିକାଶ ଦିଗରେ ସରକାର ଚିନ୍ତା ପ୍ରକଟ କରିବା ସହିତ ମହାକାଳପଡ଼ା ବ୍ଲକରେ ଏକ ଜାହାଜ କାରଖାନା ସ୍ଥାପନ କରିବା ପାଇଁ କାଲି ଏକ ଟିମ୍ ଖରିନାସୀ, ନିପାଣିଆ ଅଞ୍ଚଳରେ ପରିଦର୍ଶନ କରିଥିଲେ ଯାହା ଆମ ଅଞ୍ଚଳର ଯୁବକମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହେବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୨୬।୬(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚଣ୍ଡିଗାଁ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ, ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣର ପ୍ରତିପକ୍ଷ ଅଧିବକ୍ତା ଡ. ତାପସ ମହାନ୍ତିଙ୍କ ସଂଚାଳନାରେ ଆୟୋଜିତ ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋମଳମତି ଛାତ୍ରଛାତ୍ରୀମାନେ ସର୍ବଦା ଆଇନ ସମ୍ପର୍କରେ ସଚେତନ ରହିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଜ୍ଞାନ ପରିଦର୍ଶିକା ହିମାଦ୍ରି ନନ୍ଦିନୀ ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ ଓ ଦାୟିତ୍ୱବାନ ନାଗରିକ ହେବାକୁ ଆହ୍ୱାନ କରିଥିଲେ । ମୁଖ୍ୟବକ୍ତା ତଥା ଶିଶୁ ଆଇନ ବିଶେଷଜ୍ଞ ସୁବ୍ରତ କୁମାର ଦାସ, ଶିଶୁ ଅଧିକାର, ପୋକ୍ସୋ ଆଇନ, କିଶୋର ନ୍ୟାୟ ଆଇନ ଏବଂ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଆଲୁମ୍ନି ସଦସ୍ୟ ପ୍ରଭାକର ନାୟକ ଓ କପିଳ ଚନ୍ଦ୍ର ବାରିକଙ୍କ ସହିତ ପ୍ରଧାନ ଶିକ୍ଷକ ଉମେଶ ମାଝୀ ଯୋଗଦାନ କରିଥିଲେ । ବିଶେଷ ଭାବେ ଶିଶୁମାନଙ୍କ ମୋବାଇଲ ବ୍ୟବହାର ଉପରେ ପରିବାର ଓ ଅଭିଭାବକମାନେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ଶ୍ରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଅ ବୋହୂଙ୍କ ନିର୍ଯାତନା, ନ୍ୟାୟ ପାଇଁ ବୃଦ୍ଧା ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ମାଲକାନଗିରି, ୨୬।୬- ମାଲକାନଗିରି ଜିଲ୍ଲାର ଜଣେ ବୟୋବୃଦ୍ଧ ବିଧବା ମହିଳା ଜୟନ୍ତୀ ସାହୁ, ସ୍ୱାମୀ – ସ୍ୱର୍ଗତ ଲଡୁ କିଶୋର ସାହୁ ନିଜ ବଡ଼ ପୁଅ ଚନ୍ଦ୍ର ଶେଖର ସାହୁ, ବୋହୂ ମିତାରାଣୀ ସାହୁ ଓ ନାତିଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ, ଚନ୍ଦ୍ର ଶେଖର ସାହୁ, ମିତାରାଣୀ ସାହୁ ଓ ତାଙ୍କ ପୁଅ ଜୟନ୍ତୀ ସାହୁଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରି ଘରୁ ବାହାର କରିଦେଇଥିଲେ । ଏପରିକି ସେ ବ୍ୟବହାର କରୁଥିବା କୋଠରିର ତାଲା ଭାଙ୍ଗି ଘରୋଇ ସାମଗ୍ରୀ ବାହାର କରିଦେବା ସହ ଆଲମିରାର ତାଲା ଭାଙ୍ଗି ଜିନିଷପତ୍ର ଅସ୍ତବ୍ୟସ୍ତ କରି ଦେଇଥିବା ଅଭିଯୋଗ ହୋଇଛି । ସାନ ବୋହୂ ଆଲମିରା ଭାଙ୍ଗି ତାହାର ସାମଗ୍ରୀ ବାହାରକୁ ଫିଙ୍ଗିଦେବା ଏବଂ କିଛି ସାମଗ୍ରୀ ବ୍ୟବହାର କରିଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି ଓ ଗତ ୬ ଏପ୍ରିଲ ୨୦୨୬ରେ ଏହି ସମସ୍ତ ଘଟଣା ବିଷୟରେ ଜାଣିବା ପରେ ଜୟନ୍ତୀ ସାହୁ ନିଜ ବଡ଼ ପୁଅ ଚନ୍ଦ୍ର ଶେଖର ସାହୁଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ହେଲେ ସେ ତାଙ୍କ କଥାକୁ ଅଗ୍ରାହ୍ୟ କରି ''ତୁମେ ଯାହା କରିବାକୁ ଚାହୁଁଛ କର, ମୁଁ କୌଣସି ସହଯୋଗ କରିବି ନାହିଁ'' ବୋଲି କହିଥିବା ଅଭିଯୋଗ ହୋଇଛି ଓ ଏହାସହ ପରିବାର ଏକତ୍ର ଥିବା ସମୟରେ ନିର୍ମିତ ୩ଟି ଷ୍ଟଲ୍ ବର୍ତ୍ତମାନ ଚନ୍ଦ୍ର ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ରହିଥିବା ବେଳେ ସେଥିରୁ ମା ଓ ସାନ ଭାଇଙ୍କୁ କୌଣସି ଅଂଶ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଦେଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି ଓ ଏହି ଘଟଣାକୁ ନେଇ ଜୟନ୍ତୀ ସାହୁ ଗତ ୧୧ ଜୁନ ୨୦୨୬ରେ ସ୍ଥାନୀୟ ଓର୍କେଲ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ତେବେ ପୋଲିସ ସ୍ତରରେ ଆଶାନୁରୂପ ପଦକ୍ଷେପ ନ ମିଳିବାରୁ ସେ ଉପଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିଲେ । ସୂଚନା ଅନୁସାରେ, ଦିନତମାମ ଅପେକ୍ଷା କରିବା ପରେ ସନ୍ଧ୍ୟା ପ୍ରାୟ ୭ଟା ବେଳେ ଉପଜିଲ୍ଲାପାଳଙ୍କୁ ଭେଟି ବୟୋବୃଦ୍ଧ ମହିଳା ନିଜର ସମସ୍ତ ସମସ୍ୟା ଓ ଅଭିଯୋଗ ବିସ୍ତାରିତ ଭାବେ ଜଣାଇଥିଲେ । ଏହାପରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସହାୟକଙ୍କୁ ଡାକି ୭ ଦିନ ମଧ୍ୟରେ ଚନ୍ଦ୍ର ଶେଖର ସାହୁଙ୍କୁ ନୋଟିସ ଜାରି କରି ଡାକିବା ଏବଂ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଘଟଣାର ଶୁଣାଣି କରି ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିବା ଜଣାପଡ଼ିଛି । ତେବେ ଏହି ଅସହାୟ ବୟୋବୃଦ୍ଧ ବିଧବା କେବେ ଏବଂ କିପରି ନ୍ୟାୟ ପାଇବେ, ତାହା ଏବେ ସମସ୍ତଙ୍କ ନଜରରେ ରହିଛି ।

## ନିଶାମୁକ୍ତ ଅଭିଯାନ ନିମନ୍ତେ ସଚେତନତା

ରାୟଗଡ଼ ୨୬/୬(ନି:ପ୍ର) ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ –୨୦୨୬ ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ନିଶା ମୁକ୍ତ ଭାରତ ଅଭିଯାନ ନିମନ୍ତେ ଏକ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ ଯାହା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ଼ରେ ପହଞ୍ଚି ଥିଲା । ଏହି ପଦଯାତ୍ରାରେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ରାୟଗଡ଼, ଅବକାରୀ ବିଭାଗ, ରାୟଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ, ରାୟଗଡ଼ର ଏନସିସି ଛାତ୍ରଛାତ୍ରୀ ଓ ନିଶା ନିବାରଣ କେନ୍ଦ୍ର, କୁମୁତାଲପେଟାର କର୍ମକର୍ତ୍ତା ସମସ୍ତେ ବ୍ୟାପକ ସଚେତନତା ସୃଷ୍ଟି କରିଥିଲେ ।

ଏହାପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ଼ ର ସଦଭାବନା ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀମତୀ ଏଲୀଜାବେଥ ଗୋରୋଡା, ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଅବକାରୀ ନିରୀକ୍ଷକ, ବାଳକ ବିଶି, କମ୍ବୁପାଣି ସିନ୍ଧୁ, ନେହେରୁ ଯୁବ କେନ୍ଦ୍ର ଅଧିକାରୀ, ଭି. କିଶୋର, ନିଶା ନିବାରଣ କେନ୍ଦ୍ର, କୁମୁତାଲପେଟାର ନିଶାମୁକ୍ତ ସ୍ୱେଚ୍ଛାସେବୀ, ଶମନବାବୁ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ନିଶାମୁକ୍ତ ସମାଜ ଗଠନ ନିମନ୍ତେ ସଭିଏଁ ଶପଥ ପାଠ କରିଥିଲେ । ନିଶା କେବଳ ଶରୀରକୁ ନୁହେଁ ବରଂ ଆର୍ଥିକ କ୍ଷତି କରିବା ସହ ସମାଜରେ ଅପରାଧ ବୃଦ୍ଧି କରିଥାଏ, ଏଣୁ ଜନସାଧାରଣ ମୁଖ୍ୟତଃ ଯୁବ ସମାଜକୁ ନିଶା ଠାରୁ ଦୂରରେ ରହିବା ସହ ନିଜ ପରିବେଶର ନିଶାସକ୍ତଙ୍କୁ ସଚେତନ କରାଇବା ହିଁ ମୁଖ୍ୟ ଦାୟିତ୍ୱ ହେବା ଉଚିତ ବୋଲି ଅତିଥି ଗଣ ମତବ୍ୟକ୍ତ କରିଥିଲେ ।

## ହିନ୍ଦୁସ୍ତାନ ପେଟ୍ରୋଲିୟମ ନେଇ ଅଞ୍ଚଳରେ ଅସନ୍ତୋଷ

ରମ୍ଭା, ୨୬।୬ (ନିପ୍ର): ୧୬ ନମ୍ବର ଜାତୀୟ ରାଜପଥ ରମ୍ଭା ଜହମି ପାର୍ଶ୍ୱରେ ହିନ୍ଦୁସ୍ତାନ ପେଟ୍ରୋଲିୟମ ନେଇ ସ୍ଥାନୀୟ ଲୋକ, ଡ୍ରାଇଭର ଓ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ଅଭିଯୋଗ ହେଇଛି । ପମ୍ପ ବିରୋଧରେ ଏକାଧିକ ଗୁରୁତର ଅଭିଯୋଗ ଆସିଛି ଯାହା କେବଳ ଗ୍ରାହକ ସେବା ନୁହେଁ, ଜନସୁରକ୍ଷା ଓ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ୧୬ ନମ୍ବର ଜାତୀୟ ରାଜପଥ ରମ୍ଭା ଜହମି ପାର୍ଶ୍ୱରେ ଥିବା ଏଚପି ପେଟ୍ରୋଲ ପମ୍ପ ରାତିରେ ବନ୍ଦ ରହି କେନ୍ଦ୍ର ସରକାରଙ୍କ ନୀତି ନିୟମକୁ ଖୋଲା ଉଲ୍ଲଂଘନ କରୁଥିବା ଜଣାଯାଇଛି । କେନ୍ଦ୍ର ସରକାର ଓ ପେଟ୍ରୋଲିୟମ ମନ୍ତ୍ରାଳୟର ନିର୍ଦ୍ଦେଶ ଅନୁଯାୟୀ ଜାତୀୟ ରାଜପଥରେ ଥିବା ପ୍ରତ୍ୟେକ ପେଟ୍ରୋଲ ପମ୍ପ ୨୪ ଘଣ୍ଟା ଖୋଲା ରହିବା ବାଧ୍ୟତାମୂଳକ । କିନ୍ତୁ ଏହି ପେଟ୍ରୋଲ ପମ୍ପ ମାଲିକ ନିୟମ ଉଲ୍ଲଂଘନ ସିଧାସଳଖନୀତି ନିୟମ କୁ କୁଆଡେ ଉପରକୁ ଆଙ୍ଗୁଳି ଉଠାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ପମ୍ପଟି ପ୍ରତିଦିନ ସକାଳ ସାତଟାରେ ଖୋଲୁଛି କିନ୍ତୁ ରାତ୍ର ହେବା ମାତ୍ରେ ବନ୍ଦ ହୋଇଯାଉଛି । ରାତିରେ ପୂରା ପରିସର ସମ୍ପୂର୍ଣ୍ଣ ଅନ୍ଧାର ରହୁଛି । ଜାତୀୟ ରାଜପଥରେ ଥିବା ପମ୍ପ ୨୪ ଘଣ୍ଟା ଆଲୋକିତ ହୋଇ ଖୋଲା ରହିବା ବାଧ୍ୟତାମୂଳକ ହୋଇଥିବା ବେଳେ ଏଠାରେ ନିୟମର ଖୋଲା ଉଲ୍ଲଂଘନ ହେଉଛି । ରାତିରେ ଆମ୍ବୁଲାନ୍ସ, ଅଗ୍ନିଶମ, ପୋଲିସ ଗାଡି, ଯାତ୍ରୀବାହୀ ବସ, ଟ୍ରକ ଓ ଚିଲିକା ଯାଉଥିବା ପର୍ଯ୍ୟଟକଙ୍କ ଗାଡି ତେଲ ପାଇଁ ହନ୍ତସନ୍ତ ହେଉଛନ୍ତି । ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେଉଛି ଓ ରୋଗୀଙ୍କ ଜୀବନ ବିପଦରେ ପଡୁଛି । ରାତିରେ ପମ୍ପ ଅନ୍ଧାର ଓ ଶୂନଶାନ ରହୁଥିବାରୁ ଏହି ଅଞ୍ଚଳରେ ଚୋରି ଓ ଡକାୟତି ଆଶଙ୍କା ବଢ଼ିଯାଇଛି । ତେଲ ସରିଯାଇ ଗାଡି ଅଟକିଗଲେ ମହିଳା ଓ ପରିବାର ଲୋକ ଅନ୍ଧାରରେ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡୁଛନ୍ତି । ପମ୍ପ ଖୋଲା ଓ ଆଲୋକିତ ରହିଲେ ଅସାମାଜିକ ତତ୍ତ୍ୱଙ୍କ ଉପରେ ଅଙ୍କୁଶ ରହିଥାନ୍ତା, କିନ୍ତୁ ଏବେ ଏହା ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି । ପମ୍ପରେ ମୌଳିକ ସୁବିଧା ନାଁରେ କିଛି ନାହିଁ । ମାଗଣା ବାୟୁ ମେସିନ ଖରାପ ବା ଚଳାଇବା ପାଇଁ କର୍ମଚାରୀ ନାହାଁନ୍ତି । ଶୁଦ୍ଧ ପାନୀୟ ଜଳ ସଠିକ ଭାବେ ମିଳୁନାହିଁ । ଶୌଚାଳୟରେ ତାଲା ପଡିଛି ନାହିଁତ ଅତ୍ୟନ୍ତ ଅପରିଷ୍କାର, ଯାହା ଫଳରେ ମହିଳା ଯାତ୍ରୀ ସବୁଠୁ ଅଧିକ ହଇରାଣ ହେଉଛନ୍ତି । ପ୍ରାଥମିକ ଚିକିତ୍ସା ବାକ୍ସ ନାହିଁ । ଗ୍ରାହକ ସୂଚନା ବୋର୍ଡରେ ଅଭିଯୋଗ ପାଇଁ କୌଣସି ସୂଚନା ଲେଖା ନାହିଁ ବୋଲି ସାଧାରଣରେ କୁହାଯାଇଛି ।

## ଅନ୍ତର୍ଜାତୀୟ ମାଦକ ଦ୍ରବ୍ୟର ଦୁରୁପଯୋଗ ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ

ରାଉରକେଲା, ୨୬।୬ (ନିପ୍ର)"ନିଶା ମୁକ୍ତ ଭାରତ ଅଭିଯାନ – ବିକଶିତ ଭାରତର ପରିଚୟ" ଥିମ୍‌କୁ ଆଧାର କରି ଆଜି ପାନପୋଷ ଉପଖଣ୍ଡରେ ଆନ୍ତର୍ଜାତୀୟ ମାଦକଦ୍ରବ୍ୟ ଦୁର୍ବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ–୨୦୨୬ ଉତ୍ସାହପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅତିରିକ୍ତ ଉପଜିଲ୍ଲାପାଳ ଚାନ୍ଦିନୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଉଦିତନଗର ହାଇସ୍କୁଲରେ ଆୟୋଜିତ ହୋଇଯାଇଛି ।

ଏହି ଅବସରରେ ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ, ଉପଖଣ୍ଡ କ୍ଷୁଦ୍ର ସଞ୍ଚୟ ଅଧିକାରୀ ପ୍ରକାଶ କୁମାର ଦାଶ, ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ, ଉଦିତନଗରର ଉଚ୍ଚ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାମାଜିକ ସୁରକ୍ଷା ଶାଖାର କର୍ମଚାରୀମାନେ କାର୍ଯ୍ୟକ୍ରମର ସୁଚାରୁ ଆୟୋଜନରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ । ଏଥିସହିତ ଦିଶା ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ମଧ୍ୟ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ଭାବେ ସାହାର୍ଯ୍ୟ ଓ ସହଯୋଗ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ପ୍ରବନ୍ଧ ଲେଖନ ଓ ବକ୍ତୃତା ପ୍ରତିଯୋଗିତା ସହିତ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହିତ ଏହି ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରିଥିଲେ ।

ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ମିନୁ ତାଣ୍ଡିଆ ସଭାର ଶୁଭାରମ୍ଭ କରିଥିଲେ । ପରେ ଶ୍ରୀମତୀ ତାଣ୍ଡିଆ ନିଶାଦ୍ରବ୍ୟ ଦୁର୍ବ୍ୟବହାରର ଗୁରୁତର କୁପ୍ରଭାବ, ଯୁବପିଢ଼ିର ଭବିଷ୍ୟତ ଉପରେ ଏହାର ଧ୍ୱଂସାତ୍ମକ ପରିଣାମ ଏବଂ ଏକ ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା ସମ୍ପର୍କରେ ସବିସ୍ତାର ଆଲୋକପାତ କରିଥିଲେ । ଉପଖଣ୍ଡ କ୍ଷୁଦ୍ର ସଞ୍ଚୟ ଅଧିକାରୀ ପ୍ରକାଶ କୁମାର ଦାଶ ମାଦକଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ପ୍ରଚାରର ଭୟାବହ ପ୍ରଭାବ ଉପରେ ଜୋର ଦେଇ ସମାଜର ସଂଯୁକ୍ତ ଦାୟିତ୍ୱ ମାଧ୍ୟମରେ ଏହାକୁ ପ୍ରତିହତ କରିବାକୁ ଆହ୍ୱାନ ଜଣାଇଥିଲେ । ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ ବିରୋଧରେ ସଚେତନ ରହିବା ସହ ସମାଜରେ ସଚେତନତା ବିସ୍ତାର କରିବାକୁ ପ୍ରେରିତ କରିଥିଲେ । ଅଧ୍ୟକ୍ଷୀୟ ଅଭିଭାଷଣରେ ଶ୍ରୀମତୀ ଚାନ୍ଦିନୀ ନିଶାଦ୍ରବ୍ୟ ସେବନର ହାନିକାରକ ପ୍ରଭାବ, ଯୁବପିଢ଼ିର ଭବିଷ୍ୟତ ଉପରେ ଏହାର ଗଭୀର ନକାରାତ୍ମକ ପ୍ରଭାବ ଏବଂ ଅବୈଧ ପାଚାର ନିୟନ୍ତ୍ରଣରେ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ନିଶାମୁକ୍ତ ଯୁବପିଢ଼ି ହିଁ ବିକଶିତ ଭାରତ ଗଠନର ଦୃଢ଼ ଭିତ୍ତିସ୍ତମ୍ଭ । କାର୍ଯ୍ୟକ୍ରମର ସମାପନ ଅବସରରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଂଶଗ୍ରହଣକାରୀଙ୍କୁ ହୃଦୟପୂର୍ଣ୍ଣ କୃତଜ୍ଞତା ଜଣାଇ ସଭାର ଶୁଭସମାପନ ଘୋଷଣା କରିଥିଲେ ।

## ନିଶାମୁକ୍ତ ଭାରତ ଅଭିଯାନ

କେନ୍ଦୁଝର, ୨୬।୬ (ନିପ୍ର); ଭାରତ ସରକାର ଓ ରାଜ୍ୟ ସରକାରଙ୍କ ସହଯୋଗରେ ସାରା ଦେଶରେ ଆୟୋଜିତ କରାଯାଉଥିବା ନିଶା ମୁକ୍ତ ଭାରତ ଓ ବିକଶିତ ଭାରତର କାର୍ଯ୍ୟକ୍ରମ ୧୭ ଜୁନ ରୁ ୨୬ଜୁନ ସପ୍ତାହ ଆମ କେନ୍ଦୁଝର ଜିଲ୍ଲାରେ ଆୟୋଜନ କରାଯାଇଛି । କେନ୍ଦୁଝର ଜିଲ୍ଲା ପ୍ରଶାସନର ଜିଲ୍ଲା ସାମାଜିକ ସୁରକ୍ଷା ଓ ସଶକ୍ତି କରଣ ବିଭାଗ ଓ ଦିଶା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ପ୍ରୟାସରେ କେନ୍ଦୁଝର ଜିଲ୍ଲା ସଦର ରେ ମହିଳା ମହାବିଦ୍ୟାଳୟ ଓ ଧରଣୀଧର ବିଶ୍ୱବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା, ଜନ ସଚେତନତା ଶୋଭାଯାତ୍ରା, ଦସ୍ତଖତ ଅଭିଯାନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ରାଉରକେଲାରେ ଜବରଦଖଲ ଉଚ୍ଛେଦ ଅଭିଯାନକୁ ଜୋର୍‌ଦାର କରାଯିବ: କମିଶନର

### ସିଭିଲ୍ ଟାଉନସିପ୍‌ରେ ଡ୍ରେନ୍ ଉପରେ ଥିବା ଅବୈଧ ନିର୍ମାଣକୁ ଭାଙ୍ଗି ଦିଆଗଲା

ରାଉରକେଲା, ୨୬।୬ (ନିପ୍ର); ବର୍ଷା ଋତୁ ପୂର୍ବରୁ ସହରକୁ ଜବରଦଖଲ ମୁକ୍ତ କରିବା ଏବଂ ସହରାଞ୍ଚଳ ଭିତ୍ତିଭୂମିକୁ ଉନ୍ନତ କରିବା ପ୍ରୟାସର ଏକ ଅଂଶ ଭାବରେ ରାଉରକେଲା ପ୍ରଶାସନ ପକ୍ଷରୁ ବେଆଇନ ଜବରଦଖଲ ବିରୁଦ୍ଧରେ ଉଚ୍ଛେଦ ଅଭିଯାନକୁ ଜୋରଦାର କରାଯାଇଛି । ରାଉରକେଲା ମ୍ୟୁନିସିପାଲ୍ କର୍ପୋରେସନ୍‌ର ଏନଫୋର୍ସମେଣ୍ଟ ୱିଙ୍ଗ୍ ସିଭିଲ୍ ଟାଉନସିପ୍ ଅଞ୍ଚଳରେ ଏକ ବଡ଼ ଉଚ୍ଛେଦ ଅଭିଯାନ ଚଳାଇ, ବିଭିନ୍ନ ସ୍ଥାନରେ ଡ୍ରେନ୍ ଉପରେ ନିର୍ମିତ ଅନଧିକୃତ ନିର୍ମାଣକୁ ହଟାଇ ଦିଆଯାଇଛି । ରାଉରକେଲା ମହାନଗର ନିଗମ ଆୟୁକ୍ତଙ୍କ ସୂଚନା ଅନୁଯାୟୀ, ସହରର ବିଭିନ୍ନ ସ୍ଥାନରେ ଡ୍ରେନ୍ ଉପରେ ନିର୍ମିତ ଅବୈଧ ନିର୍ମାଣ ବର୍ଷାଜଳର ପ୍ରାକୃତିକ ପ୍ରବାହକୁ ବାଧା ଦେଉଛି । ଫଳରେ ବର୍ଷା ସମୟରେ ଜଳବନ୍ଦୀ ଏବଂ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ଏହି ଜବରଦଖଲ ନିୟମିତ ଡ୍ରେନ୍ ସଫେଇ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପକୁ ମଧ୍ୟ ବାଧାପ୍ରାପ୍ତ କରିଛି । ଆସୁଥିବା ବର୍ଷା ଋତୁକୁ ଆଖି ଆଗରେ ରଖି, ରାଉରକେଲା ମହାନଗର ନିଗମ ପକ୍ଷରୁ ଜବରଦଖଲ ହଟାଇ ସିଭିଲ୍ ଟାଉନସିପ୍‌ର ପ୍ରାୟ ୩୦ଟି ଘର ସାମ୍ନାରେ ଡ୍ରେନ୍ ଉପରେ ନିର୍ମିତ ଅନଧିକୃତ ନିର୍ମାଣକୁ ଭାଙ୍ଗି ଦେଇଛି । ଏହି କାର୍ଯ୍ୟ ଦ୍ୱାରା ସୁଗମ ଜଳ ନିଷ୍କାସନ ସହଜ ହେବା ସହିତ ସ୍ଥାନୀୟ ଅଞ୍ଚଳରେ ଜଳବନ୍ଦୀ ହେବାର ଆଶଙ୍କା ହ୍ରାସ ପାଇବ ବୋଲି ଆଶା



କରାଯାଉଛି । ଆରଏମସି କମିଶନର ସୁଶ୍ରୀ ଦିନାଃ ଦସ୍ତଗିର କହିଛନ୍ତି ଯେ ସାର୍ବଜନୀନ ସ୍ଥାନଗୁଡ଼ିକୁ ଅନଧିକୃତ ଦଖଲରୁ ମୁକ୍ତ ରଖିବା ପାଇଁ ଆଗାମୀ ଦିନରେ ଜବରଦଖଲ ବିରୋଧୀ ଅଭିଯାନକୁ ଆହୁରି ବିସ୍ତାର କରାଯିବ । ଏଥିସହିତ ବାସିନ୍ଦାମାନଙ୍କୁ ସରକାରୀ ଜମି, ଡ୍ରେନେଜ୍ ସୁବିଧା, ଫୁଟପାଥ୍ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନ ଉପରେ ଜବରଦଖଲ କରିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି । କମିଶନର ନାଗରିକମାନଙ୍କୁ ସାର୍ବଜନୀନ ଜମି, ଡ୍ରେନ୍ ଉପରେ କିମ୍ବା ଫୁଟପାଥ୍ ଉପରେ କୌଣସି ବାଣିଜ୍ୟିକ କାର୍ଯ୍ୟକଳାପ କିମ୍ବା ନିର୍ମାଣ କାର୍ଯ୍ୟ ନକରିବାକୁ ମଧ୍ୟ ନିବେଦନ କରିଛନ୍ତି, ସହରର ଜାରି ଜବରଦଖଲମୁକ୍ତ ପଦକ୍ଷେପର ଅଂଶ ସ୍ୱରୂପ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ମହାନଗର ନିଗମ ଆୟୁକ୍ତ ଦୀନାଃ ଦସ୍ତଗୀର୍ ।

# ଫ୍ଲାଟ୍ ଲୋଭରେ ଭଉଣୀଙ୍କୁ ଖଣ୍ଡଖଣ୍ଡ କଲା ଭାଇ

ମସ୍କୋ, ୨୬।୬: ମସ୍କୋରୁ ଏକ ଛାତିଥରା ଘଟଣା ସାମ୍ନାକୁ ଆସିଛି । ତିନି କୋଠରୀ ବିଶିଷ୍ଟ ଫ୍ଲାଟ ପାଇବା ପାଇଁ ଜଣେ ଭାଇ ଭଗାରି ପାଲଟିଗଲେ। ପ୍ରଥମେ, ସେ ତାଙ୍କ ବିଧବା ଭଉଣୀଙ୍କ ସହ ଝଗଡ଼ା କଲେ, ତା'ପରେ ତାଙ୍କୁ ଛୁରି ମାରି ହତ୍ୟା କଲେ। ପରବର୍ତ୍ତୀ ସମୟରେ, ମୃତଦେହକୁ ଲୁଚାଇବା ପାଇଁ ସେ କଇଁଚି ସାହାଯ୍ୟରେ ତାଙ୍କ ଶରୀରର ଅଙ୍ଗଗୁଡ଼ିକୁ ଖଣ୍ଡ ଖଣ୍ଡ କରିବାକୁ ଲାଗିଲେ। ସେ ମୃତଦେହକୁ ଅନେକ ଛୋଟ ଖଣ୍ଡ କରି ଶୌଚାଳୟରେ ପକାଇ ଦେଲେ । ସେ ବଡ଼ ଅଙ୍ଗଗୁଡ଼ିକୁ – ଯେଉଁଗୁଡ଼ିକୁ ଫ୍ଲଶ୍ କରାଯାଇପାରିବ ନାହିଁ – ଏକ ପ୍ଲାଷ୍ଟିକ୍ ବ୍ୟାଗରେ ସଂଗ୍ରହ କଲେ, ସମ୍ଭବତଃ ସେଗୁଡ଼ିକୁ ଅନ୍ୟତ୍ର ଫିଙ୍ଗି ଦେବାକୁ କିମ୍ବା ଅଧିକ ମୂଲ୍ୟରେ ବିକ୍ରି କରିବାକୁ ଉଦ୍ଦେଶ୍ୟ ରଖିଥିଲେ । ସମ୍ପୂର୍ଣ୍ଣ ଯୋଜନା ପୂର୍ବରୁ ପୋଲିସ ଆସି ପ୍ଲାନ ଭଣ୍ଡୁର କରିଥିଲା । ପୋଲିସ ଅଧିକାରୀମାନେ ଡୋରବେଲ୍ ବଜାଇବା ସମୟରେ, ଅଭିଯୁକ୍ତ ତାଙ୍କ ଭଉଣୀର ଶରୀରର ଅବଶିଷ୍ଟ ଅଂଶଗୁଡ଼ିକୁ ଶୌଚାଳୟରେ ଫ୍ଲଶ୍ କରିବାକୁ ସଂଘର୍ଷ କରୁଥିଲେ। ଦ୍ୱାର ପାଖରେ କାହାର ଶବ୍ଦ ଶୁଣି ସେ ଭୟଭୀତ ହୋଇଗଲେ ଏବଂ ଶୀଘ୍ର ନିଜ ଅପରାଧକୁ ଲୁଚାଇବାକୁ ଚେଷ୍ଟା କଲେ। ଯେତେବେଳେ ବହୁତ ସମୟ ପର୍ଯ୍ୟନ୍ତ ଦ୍ୱାର ଖୋଲା ନ ଥିଲା, ଅଧିକାରୀମାନେ ସନ୍ଦେହ କଲେ ଏବଂ ଦ୍ୱାର ଭାଙ୍ଗି ଭିତରକୁ ପ୍ରବେଶ କଲେ। ସେମାନଙ୍କ ସହିତ ଭଉଣୀଙ୍କ କାର୍ଯ୍ୟାଳୟର ସହକର୍ମୀମାନେ ମଧ୍ୟ ଥିଲେ। ଭଉଣୀ କାମକୁ ନ ଆସିବା କିମ୍ବା ତାଙ୍କ ଫୋନ୍ ଉତ୍ତର ନ ଦେବାରୁ ଏହି ବ୍ୟକ୍ତିମାନେ ଭୟଭୀତ ହୋଇଯାଇଥିଲେ ଏବଂ ସବୁଠାରୁ ଖରାପ ପରିସ୍ଥିତିର ଭୟରେ ସେମାନେ ପୋଲିସକୁ ସାଙ୍ଗରେ ଆଣିଥିଲେ। ରିପୋର୍ଟ ଅନୁସାରେ, ଘର ଭିତରର ଦୃଶ୍ୟ ଏକ ଭୟଙ୍କର ଚଳଚ୍ଚିତ୍ର ପରି ମନେ ହେଉଥିଲା; ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ସମୟରେ ପୋଲିସ ଅଭିଯୁକ୍ତକୁ ଧରିଥିଲା ଏବଂ ପରେ ସେ ଅପରାଧ ସ୍ୱୀକାର କରିବା ପରେ ତାକୁ ଜେଲ ପଠାଇଥିଲା। ଅଧିକାରୀମାନେ ଘରୁ ମହିଳାଙ୍କ ଅଙ୍ଗ ଥିବା ଏକ ପ୍ଲାଷ୍ଟିକ୍ ବ୍ୟାଗ ମଧ୍ୟ ଉଦ୍ଧାର କରିଥିଲେ।

# ସରକାରୀ ଚାକିରି ପାଇଁ ପିତାଙ୍କୁ ହତ୍ୟା

## ୧୦ ଲକ୍ଷ ଟଙ୍କା ଡିଲ୍ କରି ସୁପାରି କିଲର୍ ଦ୍ୱାରା ହତ୍ୟା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୨୬।୬: ସରକାରୀ ଚାକିରି ପାଇଁ ପିତାଙ୍କୁ ହତ୍ୟା କଲା ବେକାର ପୁଅ । ବାପାର ହତ୍ୟା ପାଇଁ ସୁପାରି କିଲରଙ୍କୁ ୧୦ ଲକ୍ଷ ଟଙ୍କା ଦେଇଥିଲା । ଝାଡ଼ଖଣ୍ଡର ଧନବାଦ ଜିଲ୍ଲାରୁ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ପିତାଙ୍କୁ ହତ୍ୟା ଷଡ଼ଯନ୍ତ୍ର ପର୍ଦ୍ଦାଫାସ କରିବା ସହ ପୁଲିସ ତିନି ଜଣଙ୍କୁ ଗିରଫ କରିଛି । ପୀଡ଼ିତ ତୁଲେଶ୍ୱର ନୋନିଆଙ୍କ ମଝିଆ ପୁଅ ବିଜୟ ନୋନିଆ ବହୁଦିନ ଧରି ବେକାର ଥିଲା । ସେ ଭାରତ କୋକିଙ୍ଗ କୋଲ ଲିମିଟେଡ୍‌ରେ କ୍ଷତିପୂରଣ ନିଯୁକ୍ତି ଅନୁସାରେ ଚାକିରି ପାଇବା ପାଇଁ ପିତାଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କରିଥିଲା। ପୁଲିସ ଗତ ୨୦ ତାରିଖରେ ସ୍ଥାନୀୟ ବାରୋରା ରାସ୍ତା ନିକଟରୁ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲା । ବିଜୟ ନୋନିଆ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ସହ ୧୦ ଲକ୍ଷ ଟଙ୍କାର ଡିଲ୍ କରିଥିଲା । ସେ ପିତାଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ଏକ ଭାରୀ ପଥରରେ ଛେଚି ହତ୍ୟା କରିଥିଲା । ହତ୍ୟାରେ ବ୍ୟବହୃତ ରକ୍ତ ଲାଗିଥିବା ପଥର, ମୋଟରସାଇକେଲ୍ ଏବଂ ପୋଷାକ ଜବତ କରାଯାଇଛି । ସମସ୍ତ ଅଭିଯୁକ୍ତ ପୁଲିସ ଜେରାରେ ଅପରାଧ ସ୍ୱୀକାର କରିଛନ୍ତି । ପୁଲିସ କହିଛି ଯେ ହତ୍ୟା, ଷଡ଼ଯନ୍ତ୍ର ଏବଂ ଅନ୍ୟାନ୍ୟ ଗମ୍ଭୀର ଧାରାରେ ଚାର୍ଜସିଟ୍ ଦାଖଲ କରାଯିବ ।

# କୋଲକାତା ଗୋଦାମଘର ଭୁଶୁଡ଼ିବା ମାମଲା: ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି

କୋଲକାତା, ୨୬।୬: କୋଲକାତା ଗୋଦାମ ଘର ଭୁଶୁଡ଼ିବା ମାମଲାରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଉଦ୍ଧାରକାରୀ ଦଳ ଶୁକ୍ରବାର ଭଗ୍ନାବଶେଷ ତଳୁ ଆଉ ୨ଟି ମର ଶରୀର ଉଦ୍ଧାର କରିଛନ୍ତି ଏବଂ ଅନ୍ୟ ୨ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ମୃତ୍ୟୁ ହୋଇଯାଇଛି। ସେନା, କୋଲକାତା ପୁଲିସ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଗୋଷ୍ଠୀର ସଦସ୍ୟମାନେ ଶୁକ୍ରବାର ସକାଳେ ଭଗ୍ନାବଶେଷ ତଳେ ସର୍ଚ୍ଚ ଅପରେସନ୍ କରିବା ପରେ ୨ ଜଣଙ୍କ ମୃତ ଦେହ ପାଇଥିଲେ। ଗୁରୁବାର ରାତିରେ ଅନ୍ୟ ୨ଟି ମୃତଦେହ ମିଳିଥିଲା। ତେବେ ସେମାନଙ୍କ ପରିଚୟ ଜଣାପଡ଼ିନି। ସେହିପରି ଶୁକ୍ରବାର ସକାଳେ ରାଜ୍ୟ ପରିଚାଳିତ ଏସଏସକେଏମ୍ ହସ୍ପିଟାଲରେ ମନ୍ନୁ କୁମାର ଏବଂ ସାହିଲ ସର୍ଦ୍ଦାରଙ୍କ ମୃତ୍ୟୁ ହେବା ପରେ ଏହି ଘଟଣାରେ ମୃତ୍ୟୁସଂଖ୍ୟା ୧୫ରେ ପହଞ୍ଚିଛି।

# ଟ୍ରକ୍ ଓ ଭ୍ୟାନ ଧକ୍କାରେ ୮ ମୃତ

ନୂଆଦିଲ୍ଲୀ, ୨୬।୬ : ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାଜରପ୍ପା ଥାନା ଅନ୍ତର୍ଗତ ବାରଲୋଙ୍ଗ ବୁଧବଜାର ଅଞ୍ଚଳରେ କୋଇଲା ବୋଝେଇ ଏକ ଦ୍ରୁତଗାମୀ ଟ୍ରକ୍, ଗୋଟିଏ ବ୍ୟାଣ୍ଡ ପାର୍ଟି ଗାଡ଼ି(ଭ୍ୟାନ୍) କୁ ଆଗପଟୁ ଜୋରରେ ଧକ୍କା ଦେବା ଫଳରେ ଭ୍ୟାନଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି ଏବଂ ସେଥିରେ ଥିବା ୮ ଜଣ ବ୍ୟାଣ୍ଡ କଳାକାରଙ୍କ ମୃତ୍ୟୁ ଘଟିଛି। ମୃତକମାନେ ସ୍ଥାନୀୟ ମାରାଙ୍ଗମାର୍ଚ୍ଚା ଏବଂ ବାଲସାଗ୍ରା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ତେବେ ପୋଲିସ ଦୁଇଟିଯାକ ଗାଡ଼ିକୁ ଜବତ କରିଥିବା ବେଳେ ଦୁର୍ଘଟଣା ଘଟାଇ ଫେରାର ଥିବା ଟ୍ରକ୍ ଚାଳକକୁ ଖୋଜୁଛି। ରାଜରପ୍ପା ଥାନା ପ୍ରଭାରୀ କୃଷ୍ଣ କୁମାରଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଡାକ୍ତରଖାନା ନେବା ବାଟରେ ଓ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୨ ଜଣ ପ୍ରାଣ ହରାଇଛନ୍ତି। ଜଣେ ଗୁରୁତର ଆହତଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଞ୍ଚିର ରିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ଚିକିତ୍ସା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

# ସେପ୍ଟିକ୍ ଟାଙ୍କି ଭିତରେ ବିଷାକ୍ତ ଗ୍ୟାସ୍ :୩ ଶ୍ରମିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୬।୬: ଦିଲ୍ଲୀର ମୁଣ୍ଡକା ଶିଳ୍ପ କ୍ଷେତ୍ରର ଏକ କାରଖାନାରେ ସେପ୍ଟିକ୍ ଟ୍ୟାଙ୍କ ଭିତରେ ବିଷାକ୍ତ ଗ୍ୟାସ୍ ନିଶ୍ୱାସ ନେବାରୁ ଏକ ଦୁଃଖଦ ଶିଳ୍ପ ଦୁର୍ଘଟଣାରେ ତିନି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଅଜିତ ସିଂହଙ୍କ ପୁଅ ଅରୁଣ (୩୮), ପାଲେରାମଙ୍କ ପୁଅ ସନ୍ଦୀପ (୩୨) ଏବଂ ରାଜୁଙ୍କ ପୁଅ ଚାନ୍ଦ (୪୨)। ଏହି ତିନିଜଣ ବାହ୍ୟ ଦିଲ୍ଲୀର ସୁଲତାନପୁରୀର ଇନ୍ଦ୍ର ଝିଲ ଅଞ୍ଚଳର ବାସିନ୍ଦା ଥିଲେ। ଦିଲ୍ଲୀ ଅଗ୍ନିଶମ ସେବା ଅନୁଯାୟୀ, ମୁଣ୍ଡକା ଶିଳ୍ପ କ୍ଷେତ୍ରର ଫ୍ୟାକ୍ଟ୍ରି ନମ୍ବରରୁ ଏକ ବିପଦପୂର୍ଣ୍ଣ ଫୋନ ଆସିଥିଲା, ଯାହା ପରେ ଦୁଇଟି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ପଠାଯାଇଥିଲା। ପ୍ରାଥମିକ ସୂଚନା ଅନୁଯାୟୀ ଜଣେ ଶ୍ରମିକ କାମ ପାଇଁ ସେପ୍ଟିକ୍ ଟ୍ୟାଙ୍କରେ ପ୍ରବେଶ କରିଥିଲେ, ସେତେବେଳେ ସେ ବିଷାକ୍ତ ଗ୍ୟାସ୍ ଦ୍ୱାରା ଆକ୍ରାନ୍ତ ହୋଇ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରି ଅନ୍ୟ ଦୁଇଜଣ ଶ୍ରମିକ ଜଣକ ପରେ ଜଣେ ଟାଙ୍କିରେ ପ୍ରବେଶ କରିଥିଲେ। କିନ୍ତୁ, ସେମାନେ ମଧ୍ୟ ବିଷାକ୍ତ ଧୂଆଁର ସମ୍ମୁଖୀନ ହୋଇଥିଲେ ଏବଂ ଆବଦ୍ଧ ସ୍ଥାନ ଭିତରେ ପଡ଼ିଯାଇଥିଲେ।

## 'ଅନଲାଇନ ଡ୍ରଗ୍ସ ନଷ୍ଟ ପକ୍ଷ ପାଳନ ଅଭିଯାନ'ର ଶୁଭାରମ୍ଭ

# ୩ ବର୍ଷରେ ନିଶାକୁ ପରାସ୍ତ କରିବୁ ଆମେ

ନୂଆଦିଲ୍ଲୀ, ୨୬।୬(ପିଆଇବି): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ନାର୍କୋ-କୋଅର୍ଡିନେସନ ସେଣ୍ଟର (ଏନସିଓଆରଡି)ର ୧୦ମ ଶୀର୍ଷ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଗୃହମନ୍ତ୍ରୀ 'ମାଦକ ଦ୍ରବ୍ୟ ନିୟନ୍ତ୍ରଣ ଭିଜନ ଡକ୍ୟୁମେଣ୍ଟ (୨୦୨୬-୨୦୨୯)' ଏବଂ 'ଏନସିବିର ବାର୍ଷିକ ରିପୋର୍ଟ-୨୦୨୫' ଉନ୍ମୋଚନ କରିବା ସହ ଜାମ୍ମୁ ଓ ଗୌହାଟୀରେ ଏନସିବି ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକୁ ଇ-ଉଦଘାଟନ କରିଛନ୍ତି। ଶ୍ରୀ ଶାହ ୨,୦୯,୫୦୦ କିଲୋଗ୍ରାମ ଓଜନର ଏବଂ ୬,୦୦୦ କୋଟି ଟଙ୍କା ମୂଲ୍ୟର ମାଦକ ଦ୍ରବ୍ୟ ନଷ୍ଟ କରିବା ପାଇଁ 'ଅନଲାଇନ ଡ୍ରଗ୍ସ ନଷ୍ଟ ପକ୍ଷ ପାଳନ ଅଭିଯାନ'ର ମଧ୍ୟ ଶୁଭାରମ୍ଭ କରିଛନ୍ତି। ନିଜ ସମ୍ବୋଧନରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଆଜି ଆମ ଦେଶ ମାଦକ ଦ୍ରବ୍ୟ ବିରୋଧରେ ଲଢ଼େଇର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଛିଡ଼ା ହୋଇଛି, ଯେଉଁଠାରେ ଆସନ୍ତା ତିନି ବର୍ଷ ସ୍ଥିର କରିବ ଯେ ନିଶା ଆମକୁ ପରାସ୍ତ କରିବ ନା ଆମେ ନିଶାକୁ ପରାସ୍ତ କରିବୁ। ସେ କହିଛନ୍ତି ଯେ ଆସନ୍ତା ୧୦୦ ବର୍ଷ ପାଇଁ ଦେଶର ଭବିଷ୍ୟତ ପାଇଁ ଆମକୁ ଦୃଢ଼ ସଂକଳ୍ପ ଏବଂ ମିଳିତ ପ୍ରୟାସରେ ଏହି ଯୁଦ୍ଧ ଜିତିବାକୁ ହେବ। ଏହି ଲଢ଼େଇ କୌଣସି ଗୋଟିଏ ବିଭାଗ, ରାଜ୍ୟ, ସରକାର କିମ୍ବା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଲଢ଼ାଯାଇପାରିବ ନାହିଁ। ବରଂ ସମସ୍ତ ରାଜ୍ୟ




ଏବଂ ସେମାନଙ୍କର ସମ୍ପୃକ୍ତ ବିଭାଗଗୁଡ଼ିକୁ ଏକାଠି ଏକ ମଞ୍ଚକୁ ଆସିବାକୁ ହେବ। ଏହି ଲଢ଼େଇରେ ଆମକୁ ଜନସାଧାରଣଙ୍କୁ ଅନୁପ୍ରାଣିତ କରୁଥିବା ଲୋକଙ୍କୁ, ଦେଶର ଭବିଷ୍ୟତ ଗଢ଼ିବାକୁ ଥିବା ଯୁବପିଢ଼ିଙ୍କୁ ଏବଂ ଆମର ମାତୃଶକ୍ତିକୁ ମଧ୍ୟ ସାମିଲ କରିବାକୁ ହେବ। କେବଳ ସେତିକିବେଳେ ହିଁ ଆମେ ଏହି ଯୁଦ୍ଧରେ ସମ୍ପୂର୍ଣ୍ଣ ସଫଳତା ପାଇପାରିବା। ଶ୍ରୀ ଶାହ ଗୁରୁତ୍ୱାରୋପ କରି କହିଛନ୍ତି ଯେ ମାଦକ ଦ୍ରବ୍ୟ ସମସ୍ୟା କେବଳ ଆଇନ ଶୃଙ୍ଖଳା କିମ୍ବା ଜନସ୍ୱାସ୍ଥ୍ୟର ବିଷୟ ନୁହେଁ। ଏହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା, ସାମାଜିକ ସ୍ଥିରତା, ଅର୍ଥନୈତିକ ସ୍ୱାର୍ଥର ସୁରକ୍ଷା ଏବଂ ଆମ ଯୁବପିଢ଼ିଙ୍କ ଭବିଷ୍ୟତ ଏବଂ ସେମାନଙ୍କ ମାଧ୍ୟମରେ ଦେଶର ଭବିଷ୍ୟତ ସହ ଗଭୀର ଭାବେ ଜଡ଼ିତ।

## ଏସ୍‌ଆଇଟି ଖୋଲିଲା ଗୁପ୍ତ ରହସ୍ୟ

# ସିସିଟିଭିକୁ ଘୋଡ଼ାଇ ଶୌଚାଳୟରେ ରଖାଯାଉଥିଲା ଦାନ ଟଙ୍କା



ଅଯୋଧ୍ୟା, ୨୬।୬: ଅଯୋଧ୍ୟା ଶ୍ରୀରାମ ମନ୍ଦିରରୁ ପ୍ରଭୁ ରାମଲାଲାଙ୍କ ପାଇଁ ଆସିଥିବା କୋଟି କୋଟି ଟଙ୍କାର ଦାନ ସାମଗ୍ରୀ ଏବଂ ନଗଦ ଅର୍ଥ ଚୋରି ହେବା ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସଆଇଟି)ର ମଧ୍ୟବର୍ତ୍ତୀକାଳୀନ ରିପୋର୍ଟରୁ ଜଣାପଡ଼ିଛି ଯେ, ମନ୍ଦିରର କର୍ମଚାରୀମାନେ ହିଁ ମିଳିତ ଭାବେ ଏହି ବଡ଼ ଧରଣର ହେରଫେର କରିଛନ୍ତି। ଏସଆଇଟି ରିପୋର୍ଟ ଅନୁଯାୟୀ, ଟଙ୍କା ଗଣତି କରୁଥିବା କର୍ମଚାରୀମାନେ ଅତି ଚତୁରତାର ସହ ଚୋରି କରୁଥିଲେ। ଗଣତି ସମୟରେ ଜଣେ କର୍ମଚାରୀ ସିସିଟିଭି କ୍ୟାମେରା ସାମ୍ନାରେ ଠିଆ ହୋଇ ତାହାକୁ ଘୋଡ଼ାଇ ଦେଉଥିବା ବେଳେ ଅନ୍ୟ ଜଣେ ସହଯୋଗୀ ନଗଦ ଟଙ୍କାକୁ ନିଜ ପୋଷାକ ଭିତରେ ଲୁଚାଇ ଦେଉଥିଲା। ବ୍ୟାଙ୍କରେ ଜମା କରିବା ପୂର୍ବରୁ ଟଙ୍କା ବିଡ଼ା ଭିତରେ ଅତିରିକ୍ତ ନୋଟ୍ ପୂରାଇ ଦିଆଯାଉଥିଲା ଏବଂ ପରେ ତାହାକୁ ବାହାର କରି ରେକର୍ଡ ସହ ମେଳ କରାଯାଉଥିଲା। ଚୋରି ହୋଇଥିବା ଏହି ଲକ୍ଷ ଲକ୍ଷ ଟଙ୍କାକୁ ପ୍ରଥମେ ମନ୍ଦିରର ଶୌଚାଳୟ ଗୁଡ଼ିକରେ ଲୁଚାଇ ରଖାଯାଉଥିଲା ଏବଂ ପରେ ମନ୍ଦିର ବାହାରକୁ ଆଣି ଲୁଟେରା କର୍ମଚାରୀମାନେ ଭାଗବାଣ୍ଟି ନେଉଥିଲେ। ଏହି ଚୋରି ମାମଲା ୨୦୨୪ ମସିହାରେ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ହିଁ ଚାଲିଥିବା ସନ୍ଦେହ କରାଯାଉଛି। ଚଳିତ ବର୍ଷ ଅପ୍ରେଲ ୨୭ରୁ ଜୁନ୍ ୫ ତାରିଖ ମଧ୍ୟରେ ପ୍ରାୟ ୭୦ ଥର ଚୋରି ହୋଇଥିବା ସିସିଟିଭି ଫୁଟେଜରୁ ପ୍ରମାଣ ମିଳିଛି। ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତଙ୍କ ପାଖରୁ ୭୦ ଲକ୍ଷ ଟଙ୍କା ଜବତ କରାଯାଇଥିଲେ ହେଁ, ପ୍ରାୟ ୭ ରୁ ୭.୫ କୋଟି ଟଙ୍କା ମନ୍ଦିରରୁ ଗାଏବ ହୋଇଥିବା ଅନୁମାନ କରାଯାଉଛି। କେବଳ ଟଙ୍କା ନୁହେଁ, ପ୍ରଭୁଙ୍କ ପାଇଁ ଆସିଥିବା ସୁନା ଗହଣା, କାନଫୁଲ ଓ ଚୁଡ଼ି ମଧ୍ୟ କର୍ମଚାରୀମାନେ ଚୋରି କରିଛନ୍ତି। ପୋଲିସ ଏହି ମାମଲାରେ ୬ ଜଣ ମନ୍ଦିର କର୍ମଚାରୀଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରିଛି। ଏହି ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ଟିନ୍ନୁ ଯାଦବ ଏବଂ ସୁଭାଷ ଶ୍ରୀବାସ୍ତବ ବୋଲି ଜଣାପଡ଼ିଛି, ଯେଉଁମାନେ ଅନ୍ୟମାନଙ୍କୁ ଏହି ଅପରାଧରେ ସାମିଲ କରିଥିଲେ।

## ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଏବଂ ଅନିଲ ମିଶ୍ରା ଦେଲେ ଇସ୍ତଫା



ଅଯୋଧ୍ୟା, ୨୬।୬ : ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଇସ୍ତଫା ଦେଇଛନ୍ତି । ଅଯୋଧ୍ୟା ରାମ ମନ୍ଦିର ଦାନଅର୍ଥ ଚୋରି ମାମଲାକୁ ନେଇ ଇସ୍ତଫା ଦେବାକୁ ତାଙ୍କ ଉପରେ ଚାପ ପଡୁଥିଲା । କେବଳ ଚମ୍ପତ ରାୟ ନୁହେଁ ଟ୍ରଷ୍ଟର ସଦସ୍ୟ ଅନିଲ ମିଶ୍ରା ମଧ୍ୟ ଇସ୍ତଫା ଦେଇଛନ୍ତି। ରାମ ଜନ୍ମଭୂମି ଟ୍ରଷ୍ଟର ଦୁଇ ଜଣ ସଦସ୍ୟ ଚମ୍ପତ ରାୟ ଏବଂ ଅନିଲ ମିଶ୍ରା ଇସ୍ତଫା ଦେଇଛନ୍ତି । ଏସଆଇଟିର ତଦନ୍ତ ରିପୋର୍ଟ ପରେ ଉଭୟ ଇସ୍ତଫା ଦେଇଛନ୍ତି। ଏସଆଇଟିର ସୁପାରିଶ କ୍ରମେ ଘଟଣାରେ ପୂର୍ବରୁ ଏଫଆଇଆର ରୁଜୁ ହୋଇସାରିଛି । ଏସଆଇଟି ରିପୋର୍ଟ ଆଧାରରେ ଏଫଆଇଆର ଦାୟର ହୋଇ ମାମଲାର ଯାଞ୍ଚ ଲଗାତାର କରାଯାଉଛି ।

# 'ଅପରେସନ୍ ସିନ୍ଦୂର': ୬ ଭାରତୀୟ ସହିଦ ଯବାନଙ୍କ ନାମ ଘୋଷିତ




ନୂଆଦିଲ୍ଲୀ, ୨୬।୬: ପାକିସ୍ତାନ ଓ ପିଓକେ (ପାକିସ୍ତାନ ଅଧିକୃତ କାଶ୍ମୀର)ରେ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ଗତ ବର୍ଷ ମେ' ମାସରେ ଭାରତୀୟ ସେନା ପକ୍ଷରୁ କରାଯାଇଥିବା ସୀମାପାର ସାମରିକ ଅଭିଯାନ 'ଅପରେସନ୍ ସିନ୍ଦୂର'କୁ ନେଇ କେନ୍ଦ୍ର ସରକାର ଏକ ବଡ଼ ତଥ୍ୟ ସାମ୍ନାକୁ ଆଣିଛନ୍ତି। ଏହି ଅପରେସନ୍ ସମୟରେ ବୀରତ୍ୱର ସହ ଲଢ଼ି ସହୀଦ ହୋଇଥିବା ୬ ଜଣ ଭାରତୀୟ ସେନା ଯବାନଙ୍କ ନାମ ସରକାର ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଭାବେ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଏହି ବୀର ସହିଦମାନଙ୍କ ନାମ ଜାତୀୟ ଯୁଦ୍ଧ ସ୍ମାରକୀର ୱେବସାଇଟର ''ରୋଲ୍ ଅଫ୍ ଅନ'' ବିଭାଗରେ ପ୍ରକାଶିତ ହେବା ସହ ନୂଆଦିଲ୍ଲୀସ୍ଥିତ ଯୁଦ୍ଧ ସ୍ମାରକୀର ପ୍ରାଚୀରରେ ମଧ୍ୟ ଖୋଦିତ କରାଯାଇଛି। ଏହି ସାମରିକ ଅଭିଯାନରେ ଭାରତୀୟ ସଶସ୍ତ୍ର ବାହିନୀର ଯବାନ ସହିଦ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ ଏହା ହେଉଛି ପ୍ରଥମ ଆନୁଷ୍ଠାନିକ ତଥା ସାର୍ବଜନୀନ ସ୍ୱୀକୃତି। ଦେଶ ମାତୃକାର ସେବା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଏହି ବୀର ସହିଦମାନଙ୍କ ମଧ୍ୟରେ ହେଡକ୍ୱାର୍ଟର୍ସ ୧୦ ଇନଫାଣ୍ଟ୍ରି ବ୍ରିଗେଡର ସୁବେଦାର ମେଜର ପବନ କୁମାର, ୪ ଜାମ୍ମୁ ଏବଂ କାଶ୍ମୀର ଲାଇଟ୍ ଇନଫାଣ୍ଟ୍ରିର ରାଇଫଲମ୍ୟାନ୍ ସୁନୀଲ କୁମାର (ବୀର ଚକ୍ର), ୫ ଫିଲ୍ଡ ରେଜିମେଣ୍ଟର ଲାନ୍ସ ନାୟକ ଦିନେଶ କୁମାର, ୮୫୧ ଲାଇଟ୍ ରେଜିମେଣ୍ଟର ଆର୍ଟିଲେରି ବି? ଆଭିଏସନ୍ ଟେକ୍ନିସିଆନ୍ ମୁଡ୍ ମୁରଲୀନାୟକ, ୨୩୭ ଫିଲ୍ଡ ୱର୍କସପ୍ କମ୍ପାନୀର ହାଭିଲଦାର ସୁନୀଲ କୁମାର ସିଂ ଏବଂ ୩୯ ୱିଙ୍ଗର ସର୍ଜେଣ୍ଟ ସୁରେନ୍ଦ୍ର କୁମାର (ବାୟୁ ସେନା ପଦକ) ସାମିଲ ଅଛନ୍ତି। ଦେଶ ପାଇଁ ପ୍ରାଣବଳି ଦେଇଥିବା ସାମରିକ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ସ୍ମାରକୀର ୨୦୨୫ ବିଭାଗର 'ୱାଲ୍ ୩ଡି'ରେ ଏହି ନାମଗୁଡ଼ିକୁ ସ୍ଥାନ ଦିଆଯାଇଛି। ପ୍ରକାଶିତ ଏହି ତାଲିକାରୁ ସ୍ପଷ୍ଟ ଜଣାପଡୁଛି ଯେ 'ଅପରେସନ୍ ସିନ୍ଦୂର'ରେ ସ୍ଥଳସେନା ଓ ଭାରତୀୟ ବାୟୁସେନା ଉଭୟ ବିଭାଗର ଯବାନମାନେ ସାମିଲ ଥିଲେ, ଯାହା ଏହି ସାମରିକ ଅଭିଯାନର ମିଳିତ ଏବଂ ସମନ୍ୱିତ ରଣନୀତିକୁ ଦର୍ଶାଉଛି। ସମ୍ମାନିତ ବୀରମାନଙ୍କ ମଧ୍ୟରେ ରାଇଫଲମ୍ୟାନ୍ ସୁନୀଲ କୁମାରଙ୍କୁ ତାଙ୍କର ଅସାଧାରଣ ସାହସିକତା ପାଇଁ ''ବୀର ଚକ୍ର'' ଏବଂ ସର୍ଜେଣ୍ଟ ସୁରେନ୍ଦ୍ର କୁମାରଙ୍କୁ ''ବାୟୁ ସେନା ପଦକ''ରେ ସମ୍ମାନିତ କରାଯାଇଛି, ଯାହା ଏହି ଆତଙ୍କବାଦବାଦ ବିରୋଧୀ ଅପରେସନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରମାଣିତ କରୁଛି। ଇଣ୍ଡିଆ ଗେଟ୍ ନିକଟରେ ୨୦୧୯ ମସିହାରେ ଉଦଘାଟିତ ହୋଇଥିବା ଜାତୀୟ ଯୁଦ୍ଧ ସ୍ମାରକୀରେ ସ୍ୱାଧୀନତା ପରଠାରୁ ଦେଶର ବିଭିନ୍ନ ସାମରିକ ଅପରେସନ ଏବଂ ଯୁଦ୍ଧରେ ସହିଦ ହୋଇଥିବା ଯବାନମାନଙ୍କୁ ସ୍ମରଣ କରାଯାଇଥାଏ। ଏହି ୬ ଜଣ ବୀର ଯବାନଙ୍କ ନାମ ସ୍ଥାନ ପାଇବା ପରେ 'ଅପରେସନ୍ ସିନ୍ଦୂର'କୁ ଏବେ ସରକାରୀ ଭାବେ ଏକ ପ୍ରମୁଖ ସାମରିକ ବିଜୟ ଗାଥା ରୂପେ ସ୍ମାରକୀରେ ସାମିଲ କରାଯାଇଛି।

# ଭେନେଜୁଏଲା ଭୂକମ୍ପ: ୬ଶହ ଟପିଲା ମୃତ୍ୟୁସଂଖ୍ୟା

କାରାକାସ୍, ୨୬।୬: ଉତ୍ତର ଭେନେଜୁଏଲାରେ ଆସିଥିବା ପ୍ରଳୟଙ୍କରୀ ଯୁଗ୍ମ ଭୂକମ୍ପଜନିତ ବିପର୍ଯ୍ୟୟରେ ସ୍ଥିତି ଦିନକୁ ଦିନ ଆହୁରି ଭୟାନକ ହେବାରେ ଲାଗିଛି। ସଦ୍ୟତମ ସୂଚନା ଅନୁଯାୟୀ, ଏହି ପ୍ରକୃତିର ତାଣ୍ଡବରେ ମୃତ୍ୟୁସଂଖ୍ୟା ୬୦୦ ଅତିକ୍ରମ କରିଛି ଏବଂ ପ୍ରାୟ ୪,୦୦୦ ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଜୁନ୍ ୨୫ରେ ମାତ୍ର କିଛି ମିନିଟ୍ ବ୍ୟବଧାନରେ ଆସିଥିବା ଦୁଇଟି ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ଲକ୍ଷାଧିକ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା 'ଲା ଗୁଆଇରା' ରାଜ୍ୟରେ ଏକାଧିକ ଅଟ୍ଟାଳିକା ଭୁଶୁଡ଼ି ପଡ଼ିବା ସହ ସମ୍ପୂର୍ଣ୍ଣ ଅଞ୍ଚଳ ବିପର୍ଯ୍ୟସ୍ତ ହୋଇପଡ଼ିଛି।

# ଭାରତ ୩୪ ରାଷ୍ଟ୍ର ସହିତ ସ୍ଥିର ଏଆଇ ଯୋଗାଣ ଶୃଙ୍ଖଳ ନିର୍ମାଣ ପାଇଁ ସ୍ୱାକ୍ଷର କଲା

ନୂଆଦିଲ୍ଲୀ, ୨୬।୬ ୱାଶିଂଟନରେ ଅନୁଷ୍ଠିତ ଦ୍ୱିତୀୟ ପାକ୍ସ ସିଲିକା ଶିଖର ସମ୍ମିଳନୀରେ ଭାରତ ୩୪ ଟି ଅନ୍ୟ ଦେଶ ସହିତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଯୁକ୍ତିବିଦ୍ୟାକୁ ସମର୍ଥନ କରିବା ପାଇଁ ବିଶ୍ୱସ୍ତ ଏବଂ ସ୍ଥିର ଯୋଗାଣ ଶୃଙ୍ଖଳ ନିର୍ମାଣ ପାଇଁ ଆମେରିକା ନେତୃତ୍ୱାଧୀନ ପଦକ୍ଷେପରେ ସ୍ୱାକ୍ଷର କରିଛି ।ଆମେରିକାର




ଅର୍ଥନୈତିକ ବ୍ୟାପାର ଉପ ସଚିବ ଜାକବ ହେଲବର୍ଗ କହିଛନ୍ତି ଯେ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ଏଆଇ ଯୁଗ ପାଇଁ ଏକ ଅଭିବୃଦ୍ଧି ଏବଂ ନବସୃଜନ ସମର୍ଥକ ନିୟାମକ ପଦ୍ଧତି ପଛରେ ଏକତ୍ର ହୋଇ ଇଓ ସୁଯୋଗ ଉପରେ ମିଳିତ ବିବୃତିକୁ ସମର୍ଥନ କରିଛନ୍ତି ।ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଶ୍ରୀ ହେଲବର୍ଗ କହିଛନ୍ତି ଯେ ଯୁକ୍ତରାଷ୍ଟ୍ର ଭାରତ ସହିତ ଏହାର ସହଭାଗିତାକୁ ଆହୁରି ଗଭୀର କରିବାକୁ ଆଗ୍ରହୀ, ଦ୍ୱିପାକ୍ଷିକ ସମ୍ପର୍କକୁ ୨୧ ଶତାବ୍ଦୀର ସବୁଠାରୁ ଫଳପ୍ରଦ ବିଷୟ ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଭାରତ ସହିତ ଦ୍ୱିପାକ୍ଷିକ ସହଯୋଗ ସମ୍ପର୍କିତ ପ୍ରମୁଖ ପ୍ରସଙ୍ଗ ଆଲୋଚନାରେ କ୍ୱାଡ୍ ଏବଂ ଟ୍ରଷ୍ଟ ପଦକ୍ଷେପ ଅନ୍ତର୍ଭୁକ୍ତ ହୋଇଥିଲା ।ଶିଖର ସମ୍ମିଳନୀ ଅବସରରେ, ଆର୍ଜେଣ୍ଟିନା, ଚିଲି, କୋଷ୍ଟାରିକା, ଜର୍ମାନୀ, ଗ୍ରୀସ୍, କାଜାଖସ୍ତାନ, ନେଦରଲ୍ୟାଣ୍ଡସ୍, ପାନାମା ଏବଂ ୟୁରୋପୀୟ ସଂଘ ପାକ୍ସ ସିଲିକା ପଦକ୍ଷେପରେ ଯୋଗ ଦେଇଥିଲେ।

## କେତନ ଅଗ୍ରୱାଲ ହତ୍ୟାକାଣ୍ଡ ମାମଲା

# ସିୟା ଏବଂ ଚେତନଙ୍କ ମଧ୍ୟରେ ଦୋଷ ଲଦାଲଦି







ନୂଆଦିଲ୍ଲୀ, ୨୬।୬: ପୁଣେର ବହୁଚର୍ଚ୍ଚିତ କେତନ ଅଗ୍ରୱାଲ ହତ୍ୟାକାଣ୍ଡ ମାମଲାରେ ବଡ଼ ଟ୍ୱିଷ୍ଟ । ଜେରା ବେଳେ ଅଭିଯୁକ୍ତ ସିୟା ଏବଂ ଚେତନ ମୁହାଁମୁହିଁ । ପୁଲିସ ହେପାଜତ ଶେଷ ହେବା ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ ଏବଂ ଚେତନ ଚୌଧୁରୀଙ୍କ ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ । ଆଇନର ଜାଲରୁ ଖସିବା ପାଇଁ ଦୁହେଁ ଏବେ ପରସ୍ପରକୁ ମୁଖ୍ୟ ଦୋଷୀ ବୋଲି କହୁଛନ୍ତି । ଆସନ୍ତା ଜୁନ୍ ୨୯ ତାରିଖ ପୂର୍ବରୁ ପୋଲିସ ସମ୍ମୁଖରେ ଏହି ଦୁଇଜଣଙ୍କୁ ସମାନ ଭାବେ ଦୋଷୀ ପ୍ରମାଣିତ କରିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ତଦନ୍ତକାରୀ ଟିମର କହିବା ଅନୁସାରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ ସ୍ୱୀକାର କରିଛି ଯେ ସେ ଚେତନ ଚୌଧୁରୀଙ୍କ ସହ ପ୍ରେମ ସମ୍ପର୍କରେ ଥିଲା । ସେ କେତନ ଅଗ୍ରୱାଲଙ୍କ ସହ ବିବାହକୁ ଯେକୌଣସି ପରିସ୍ଥିତିରେ ଭାଙ୍ଗିବାକୁ ଚାହୁଁଥିଲା। ସେ କେତନଙ୍କୁ ବିବାହ ପାଇଁ ସଫା ସଫା ମନା କରିଦେଇଥିଲା, କିନ୍ତୁ କେତନ ବିବାହ ଭାଙ୍ଗିବାକୁ ପ୍ରସ୍ତୁତ ନଥିଲା ବୋଲି ସିୟା ଦାବି କରିଛି । କେତନର ପରିବାର ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିବାରୁ, ସେମାନେ ଲୁଚି ପଳାଇଲେ ମଧ୍ୟ ଏହି ବିବାହରୁ ବଞ୍ଚିପାରିବେ ନାହିଁ ବୋଲି କେତନ ଧମକ ଦେଇଥିଲା । ଶେଷରେ ବିବାହ ଭାଙ୍ଗିବାର ଅନ୍ୟ କୌଣସି ଉପାୟ ନପାଇ ଦୁହେଁ ମିଶି କେତନଙ୍କୁ ରାସ୍ତାରୁ ହଟାଇବା ପାଇଁ ଭୟଙ୍କର ଯୋଜନା ପ୍ରସ୍ତୁତ କରିଥିଲେ । ପୁଲିସ ରିମାଣ୍ଡ ବେଳେ ଦୁଇ ଅଭିଯୁକ୍ତ ପରସ୍ପର ବିରୋଧୀ ବୟାନ ଦେଉଛନ୍ତି । ପୁଲିସ ଏହାକୁ ସେମାନଙ୍କର ଏକ ସୁଚିନ୍ତିତ ରଣନୀତି ବୋଲି ମନେ କରୁଛି । ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ଏବେ ଦୁହେଁ ହତ୍ୟାକାଣ୍ଡର ମୁଖ୍ୟ ସୂତ୍ରଧର ପରସ୍ପରକୁ ବୋଲି କହୁଛନ୍ତି । ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଦୁଇ ଅଭିଯୁକ୍ତ କୋର୍ଟଙ୍କ ଦଣ୍ଡାଦେଶରୁ ବଞ୍ଚିବା ପାଇଁ ଏଭଳି କରୁଛନ୍ତି ।

## ଦୋଷୀକୁ ଫାଶୀଦଣ୍ଡ ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ କେତନଙ୍କ ବାପା

ପୁଣେ, ୨୬।୬: ମହାରାଷ୍ଟ୍ରର ପୁଣେ ରିଅଲ ଇଷ୍ଟେଟ୍ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ବାପା ଆଜି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସଙ୍କୁ ଭେଟିଛନ୍ତି ଏବଂ ତାଙ୍କ ପୁଅର ହତ୍ୟା ପାଇଁ ଯିଏ ଦାୟୀ ତାକୁ ଫାଶୀଦଣ୍ଡରେ ଦଣ୍ଡିତ କରିବା ପାଇଁ ଅନୁରୋଧ କରିଛନ୍ତି। ବିଶାଳ ଅଗ୍ରୱାଲ କହିଛନ୍ତି, ଅଭିଯୁକ୍ତକୁ ମୃତ୍ୟୁଦଣ୍ଡ ଦେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ମାମଲାର ଫାଷ୍ଟ ଟ୍ରାକ୍ ବିଚାରଣ ହେବା ନେଇ ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ମାମଲାର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ ହୋଇଥିବା ତାଙ୍କୁ କୁହାଯାଇଛି। ଅନ୍ୟପକ୍ଷେ କେତନ ୱିଗ୍ ଲଗାଇଥିବାରୁ ସିୟା ଗୋୟଲ ତାଙ୍କୁ ପସନ୍ଦ କରୁନଥିଲେ ଏବଂ ଏଥିପାଇଁ ତାଙ୍କ ହତ୍ୟା ଷଡ଼ଯନ୍ତ୍ର କରିଥିବା ଘଟଣାରେ ପ୍ରତିକ୍ରିୟା ରଖି କେତନଙ୍କ ବାପା କହିଛନ୍ତି, ସିୟାଙ୍କ ପରିବାରକୁ କେତନଙ୍କ ଚେହେରା ସଂକ୍ରାନ୍ତରେ କିଛି ଲୁଚା ଯାଇନଥିଲା। ସେ କହିଛନ୍ତି, କେତନ ୱିଗ୍ ଲଗାଉଛି ବୋଲି ଆମେ ସିୟାଙ୍କ ପରିବାର ସଦସ୍ୟଙ୍କୁ ସ୍ପଷ୍ଟ କରିଥିଲୁ। ଏହା କ'ଣ କାହାକୁ ହତ୍ୟା କରିବାର ଏକ କାରଣ ହୋଇପାରେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ସିୟା ପୁଲିସ ଆଗରେ କହିଛନ୍ତି ଯେ, ଚେତନ ମୁଣ୍ଡରେ କେଶ ନଥିଲା ଓ ସେ ଏକ ୱିଗ୍ ପିନ୍ଧୁଥିଲେ। ସିୟା ଏହାକୁ ପସନ୍ଦ କରୁନଥିଲେ ତେଣୁ ସେ ତାଙ୍କୁ ବିବାହ କରିବାକୁ ଚାହୁଁ ନଥିଲେ।

# ନକଲି ସବ୍ କଲେକ୍ଟର ଗିରଫ

## ଦାମୀ ଚଷମା କିଣିବା ଓ ମାଗଣା ନେବା କଥାରୁ ମୁଖା ଖୋଲିଲା

ଭୁବନେଶ୍ୱର(ନିପ୍ର): ଆଇଏଏସ୍ ଅଫିସର ସାଜି ଲୁଟୁଥିଲା । ଶେଷରେ ପୋଲିସ ଗିରଫ କରି ଜେଲ ପଠାଇଲା । ଦାମୀ ଚଷମା କିଣି ଟଙ୍କା ନଦେବାରୁ ନକଲି ସବ୍ କଲେକ୍ଟରଙ୍କ ଅସଲ ମୁଖା ଖୋଲିଗଲା । ଭୁବନେଶ୍ୱରରେ ନିଜକୁ ଆଇଏଏସ୍ ଅଧିକାରୀ ଓ ସବ୍ କଲେକ୍ଟର ପରିଚୟ ଦେଇ ବିଶାଖାପାଟଣାର ବରଦା ସୁଧୀର ଲୋକଙ୍କ ଉପରେ ରୋବାବ୍ ଜମାଉଥିଲା । ସରକାରୀ ଅଧିକାରୀର ପରିଚୟ ଦେଇ ବିଭିନ୍ନ ସ୍ଥାନରେ ସୁବିଧା ନେଉଥିବା ଅଭିଯୋଗ ରହିଛି । ରୂପାଲି ଛକ ଅଞ୍ଚଳର ଏକ ଚଷମା ଦୋକାନରୁ ଦାମୀ ଚଷମା କିଣିବା ପରେ ଅଭିଯୁକ୍ତ ଟଙ୍କା ଦେଇନଥିଲା । ଟଙ୍କା ମାଗିବାରୁ ନିଜକୁ ବଡ଼ ଅଧିକାରୀ ପରିଚୟ ଦେଇ ଧମକ ଦେବା ସହ ପ୍ରଭାବ ଖଟାଇବାକୁ ଚେଷ୍ଟା କରିଥିବା ବେଳେ ପୋଲିସ୍ ଗିରଫ କରିଥିଲା । ସୂଚନାଯୋଗ୍ୟ, ଜଣେ ଅଜଣା ଗ୍ରାହକ ଜାଲ ଏନଇଏଫଟି ପେମେଣ୍ଟ କନଫର୍ମେଶନ୍ ଦେଖାଇ ଠକେଇ କରି ୪୨ ହଜାରର ଏକ ଯୋଡ଼ା ମେଟା ଏଆଇ ଚଷମା ନେଇଥିଲେ । ସେ ନିଜ ମୋବାଇଲରେ ସଫଳ ଏନଇଏଫଟି କାରବାର ହୋଇଥିବା ଦର୍ଶାଇ ଶୋ ରୁମ୍ କର୍ମଚାରୀଙ୍କୁ ଟଙ୍କା ଏକ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାରେ ଜମା ହୋଇଯିବ ବୋଲି କହିଥିଲେ । ତାଙ୍କ କଥାକୁ ବିଶ୍ୱାସ କରି ଶୋ ରୁମ୍ କର୍ମଚାରୀ ଚଷମା ହସ୍ତାନ୍ତର କରିଥିଲେ । କିନ୍ତୁ, ପ୍ରତିଶ୍ରୁତି ଅନୁଯାୟୀ ଟଙ୍କା କେବେ ବି ଖାତାରେ ଜମା ହୋଇନଥିଲା । ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଗ୍ରାହକଙ୍କ ସହ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ କୌଣସି କଲର ଉତ୍ତର ଦେଇନଥିଲେ । ଏହାଦ୍ୱାରା ଅଭିଯୁକ୍ତ ଜାଲ ପେମେଣ୍ଟ କନଫରମେଶନ୍ ବ୍ୟବହାର କରି ଠକେଇ ପୂର୍ବକ ଉକ୍ତ ସାମଗ୍ରୀ ହାସଲ କରିଥିବା ଜଣାପଡ଼ିଥିଲା । ପରେ ଥାନାରେ ଅଭିଯୋଗ ପରେ ଚଷମାର ମୂଳ ମୂଲ୍ୟ ୪୨ ହଜାର ଥିଲେ ମଧ୍ୟ ରିହାତି ପରେ ୪୧,୮୦୦ରେ ବିକ୍ରି ହୋଇଥିଲା । ଅଭିଯୁକ୍ତ ଶୋ ରୁମ୍ କର୍ମଚାରୀଙ୍କୁ ଏକ ସ୍କ୍ରିନସଟ୍ ଦେଖାଇ ଏନଇଏଫଟି ପେମେଣ୍ଟ ସଫଳ ହୋଇଥିବା ଦାବି କରିଥିଲେ । ଯେତେବେଳେ କର୍ମଚାରୀ ଟଙ୍କା ଶୋ ରୁମର ବ୍ୟାଙ୍କ ଖାତାରେ ଜମା ହୋଇନଥିବା କହିଥିଲେ, ସେ ନିଜକୁ ଜଣେ ସବ୍-କଲେକ୍ଟର ବୋଲି ପରିଚୟ ଦେଇ ସର୍ବଦା ୟୁପିଆଇ ପରିବର୍ତ୍ତେ ଏନଇଏଫଟିରେ ପେମେଣ୍ଟ କରନ୍ତି ବୋଲି କହିଥିଲେ । ଏନଇଏଫଟି ମାଧ୍ୟମରେ ଟଙ୍କା ଜମା ହେବାକୁ ସାଧାରଣତଃ ୩୦ ମିନିଟରୁ ୧ ଘଣ୍ଟା ସମୟ ଲାଗେ । ଶୋ' ରୁମ୍ କର୍ମଚାରୀଙ୍କ ବିଶ୍ୱାସ ହାସଲ କରିବା ପାଇଁ ସେ ନିଜର ମୋବାଇଲ୍ ନମ୍ବର ଓ ବ୍ୟବହୃତ ଗାଡ଼ିର ବିବରଣୀ ଦେଇଥିଲେ । ଏହି ମିଥ୍ୟା ଆଶ୍ୱାସନାକୁ ବିଶ୍ୱାସ କରି କର୍ମଚାରୀ ସନଗ୍ଲାସ୍ ହସ୍ତାନ୍ତର କରିଥିଲେ । କିନ୍ତୁ ଅଭିଯୁକ୍ତ ପ୍ରକୃତରେ କୌଣସି ଦେୟ ନକରି ଚଷମା ନେଇ ଶୋ ରୁମ୍ ଛାଡ଼ି ଚାଲିଯାଇଥିଲେ । ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଦିଆଯାଇଥିବା ମୋବାଇଲ୍ ନମ୍ବରରେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଅଭିଯୁକ୍ତ କୌଣସି ଉତ୍ତର ଦେଇନଥିବା ତଦନ୍ତରୁ ଜଣାପଡିବା ପରେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରର ରାଜମହଲ ଛକ ନିକଟରୁ କାବୁ କରାଯାଇଛି । ସେ ସମାନ ଉପାୟରେ ହୋଟେଲ ଶିଓ୍ୱାଲିକର ପରିଚାଳକଙ୍କୁ ମଧ୍ୟ ଠକେଇ କରିଥିବା ଜଣାପଡିଛି । ପଚରାଉଚରାବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିବା ସହୀଦ ନଗର ଥାନା ପୋଲିସ୍ କହିଛି ।

# ସାଲିଆସାହି ଇଡ୍‌କୋ ବସ୍ତିରେ ଅବକାରୀ ବିଭାଗର ଚଢ଼ଉ

- ୨ ଦେଶୀମଦ ଭାଟି ମିଳିଲା
- ହଜାର ହଜାର ଲିଟର ଦେଶୀ ମଦ ନଷ୍ଟ

ଭୁବନେଶ୍ୱର(ନିପ୍ର): ଗୋଟିଏ ପଟେ ସାହଲିଆ ସାହିରେ ବିଶ୍ୱ ନିଶା ନିବାରଣ ଦିବସ ପାଳନ ହେଉଥିବାବେଳେ ସେପଟେ ସାଲିଆସାହି ଇଡକୋ ବସ୍ତିରେ ନିଶାନିବାରଣ ସଚେତନତା ଅଭିଯାନ ଚାଲିଥିବାବେଳେ ଅବକାରୀ ବିଭାଗ ଏକ ବଡ଼ ଚଢ଼ାଉ କରିଛି । ଏହି ଅଭିଯାନରେ ୨ଟି ବୃହତ୍ ଦେଶୀ ମଦ ଭାଟି ଠାବ ହୋଇଛି ଏବଂ ହଜାର ହଜାର ଲିଟର ଦେଶୀ ମଦ ସହ ଶହ ଶହ ଲିଟର ପୋଚ୍ ନଷ୍ଟ କରାଯାଇଛି । ସୂଚନା ଅନୁଯାୟୀ, ବସ୍ତିର ଘର ପଛରେ ପୁନଃ ଏପରି ମଦ ଭାଟି ଚାଲୁଥିବାର ଦେଖିବାକୁ ମିଳିଛି । ଚଢ଼ାଉ ସମୟରେ ଲୁଚାଯାଇଥିବା ବଡ଼ ବଡ଼ ଭାଟି, ପାତ୍ର, ଡ୍ରମ୍ ଏବଂ ଅନ୍ୟାନ୍ୟ ଉପକରଣ ଚିହ୍ନଟ ହୋଇଥିଲା ? ଏଥିରେ ବ୍ୟବହୃତ ବିପୁଳ ପରିମାଣର ମଦ ତିଆରି ମିଶ୍ରଣ ନଷ୍ଟ କରାଯାଇଛି । ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ଦିନ ଧରି ଏହି ବେଆଇନ କାର୍ଯ୍ୟକଳାପ ଚାଲୁଥିବାର ଅଭିଯୋଗ ଉଠିଛି । ଅବକାରୀ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିଛି ଏବଂ ସମ୍ପୂର୍ଣ୍ଣ ତଦନ୍ତ ଆରମ୍ଭ କରିଛି । ଏହି ଚଢ଼ାଉ ଯୋଗୁଁ ସ୍ଥାନୀୟ ବଜାରରେ ବେଆଇନ ମଦ ଯୋଗାଣରେ ବାଧା ସୃଷ୍ଟି ହୋଇଛି । ଏହି ଅଞ୍ଚଳ ପୂର୍ବରୁ ମଧ୍ୟ ଏପରି ବେଆଇନ ମଦ ଉତ୍ପାଦନ ପାଇଁ ଚର୍ଚ୍ଚିତ ରହିଛି ଏବଂ ଅବକାରୀ ବିଭାଗ ନିୟମିତ ଭାବେ ଏହି ପ୍ରକାର ଅଭିଯାନ ଜାରି ରଖିଛି । ପ୍ରଶାସନ ପକ୍ଷରୁ ଏପରି କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଉଛି ଏବଂ ନାଗରିକଙ୍କୁ ଏହି ପ୍ରକାର ଅପରାଧମୂଳକ କାର୍ଯ୍ୟରେ ସହଯୋଗ ନକରି ପ୍ରଶାସନକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି ।

# ୩୩ କିଲୋଗ୍ରାମ ଗଂଜେଇ ଜବତ: ୨ ଗିରଫ



କଟକ(ନିପ୍ର): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଉପଅଧିକ୍ଷକ ବିକାଶ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ୨ଟି ସ୍ଥାନରେ ଚଢ଼ାଉ କରାଯାଇ ୩୩ କିଲୋଗ୍ରାମ ଗଂଜେଇ ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ପଶ୍ଚିମବଙ୍ଗ ଅଜିମଗଞ୍ଜର ପ୍ରଦୀପ ମଣ୍ଡଳ (୪୫) ଓ ପଶ୍ଚିମବଙ୍ଗ ସୋନାଖାଲିର ତନ୍ମୟ ଗାଏଁ (୨୦) । ଅବକାରୀ ନିରୀକ୍ଷକ ଅବନୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜଗତପୁର ଗୋଲେଇ ଛକ ଏବଂ ବାଲିକୁଦା ଛକରେ ଚଢ଼ାଉ କରାଯାଇଥିଲା । ଜବତ ଗଂଜେଇର ମୂଲ୍ୟ ୩୩ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

# କୁଆଁପାଳ ଛକ ନିକଟରେ ଗୁଳିମାଡ଼

ଆଠଗଡ଼(ନିପ୍ର): ମାଣିଆବନ୍ଧ ଥାନା ଅନ୍ତର୍ଗତ କୁଆଁପାଳ ଛକ ନିକଟରେ ସକାଳ ସମୟରେ ଜଣେ ଯୁବକଙ୍କୁ ତିନିଜଣ ଦୁର୍ବୃତ୍ତ ଗୁଳିମାଡ଼ କରି ଫେରାର ହୋଇଯାଇଛନ୍ତି । ଘଟଣାରୁ ପ୍ରକାଶ ସନ୍ତରାବଳି ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ କାଳିଆ ଜେନା ସକାଳ ସମୟରେ ସେଲୁନକୁ ଆସୁଥିବା ସମୟରେ ତିନିଜଣ ଯୁବକ ଏକ ବାଇକ୍‌ରେ ଆସି ଉକ୍ତ ଛକ ନିକଟରେ କାଳିଆ ଜେନାକୁ ତିନି ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଛନ୍ତି । କାଳିଆ ଜେନାଙ୍କ ଛାତି ଏବଂ ଗୋଡ଼ରେ ଗୁଳିମାଡ଼ ହୋଇଥିବା ଜଣାପଡିଛି । କାଳିଆକୁ ସଙ୍ଗେ ସଙ୍ଗେ ନିକଟସ୍ଥ ଡ଼ାକ୍ତରଖାନାକୁ ଆଣିଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ସଙ୍ଗେ ସଙ୍ଗେ କଟକ ସ୍ଥାନାନ୍ତରିତ କରାଯାଇଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

# ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ପିପିଲି(ନିପ୍ର): କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳ ପାରିଚହର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଏକ ବଡ଼ ଧରଣର ଚୋରି ହୋଇଛି । ଏ ନେଇ ପିପିଲି ଥାନାରେ ଅଭିଯୋଗ ହେବାରୁ ପୋଲିସ ୪୧୬/୨୬ ମାମଲା ଆଗତ କରି ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ସୁରେଶ ରାଉତ ପରିବାର ଘରେ ଶୋଇଥିବା ବେଳେ ଏହାର ସୁଯୋଗ ନେଇ ଏକ ଡକାୟତି ଦଳ ଘରର କବାଟ ଓ ଗଡ଼ରେଜ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଟଙ୍କା, ମୋବାଇଲ ଲୁଟି ନେଇ ଥିବା ଅଭିଯୋଗରେ ଦର୍ଶାଯାଇଛି ।

# ୪ ଜୁଆଡି ଗିରଫ, ୪ ହଜାର ଟଙ୍କା ଜବତ

ହିଞ୍ଜିଳିକାଟୁ(ନିପ୍ର): ଚାଲିଥିଲା ଜୁଆ ଖେଳ । ମାଡି ବସିଲା ପୁଲିସ । ତେବେ ପୁଲିସକୁ ଦେଖି ଛତ୍ରଭଙ୍ଗ ଦେଇଥିଲେ ଜୁଆଡି । ପୁଲିସ ୪ ଜଣ ଜୁଆଡିଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ୪ ହଜାର ୨୦ ଟଙ୍କା ଜବତ କରିଛି । ପ୍ରକାଶ ଯେ, ଗୁରୁବାର ରାତିରେ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ମେଡିକାଲ ପଛପଟରେ ଚାଲିଥିଲା ଜୁଆଖେଳ । କୌଣସି ସୂତ୍ରରୁ ଖବରପାଇ ହିଞ୍ଜିଳି ପୁଲିସ ଚଢ଼ାଉ କରିଥିଲା । ଚଢ଼ାଉରେ ୪ଜଣ ଜୁଆଡିଙ୍କୁ ଗିରଫ କରିଛି । ଗିରଫ ଜୁଆଡିମାନେ ହେଲେ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ନୂଆଁଗଡର ରବି ଗୌଡ (୩୦), ବ୍ଲକ କଲୋନୀର ସୁଶାନ୍ତ ସାହୁ (୫୦), ମୋହନ କଲୋନୀର ବିଶ୍ୱନାଥ ମାଝି (୫୫) ଓ ସୋମପୁରର ବାବୁଲା ରଣା (୪୯) ବୋଲି ପୁଲିସ କହିଛି । ଏ ନେଇ ହିଞ୍ଜିଳି ଥାନାରେ କେସ୍ ନଂ-୪୪୧/୨୬ରେ ଏକ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ଆଗାମୀ ଦିନରେ ବେଆଇନ ଜୁଆଆଡ୍ଡା ଉପରେ ଚଢ଼ଉ ଜାରି ରହିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି ।

### ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ଗ୍ୟାଙ୍ଗର ପର୍ଦ୍ଦାଫାସ

# ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଶିକ୍ଷକଙ୍କ ସମେତ ୪ ଗିରଫ

ଭୁବନେଶ୍ୱର(ନିପ୍ର): ଅପରେସନ୍ ଗ୍ରୀନ୍ କ୍ଲିନ୍ ଅଧୀନରେ ଓଡ଼ିଶା ପୋଲିସର ସ୍ପେଶାଲ୍ ଟାସ୍କ ଫୋର୍ସକୁ ଏକ ବଡ଼ ସଫଳତା ମିଳିଛି । ବୌଦ୍ଧ, କନ୍ଧମାଳ ଓ ସୋନପୁର ଜିଲ୍ଲାରେ ମାସେ ଧରି ଚାଲିଥିବା ଗୁପ୍ତଚରଭିତ୍ତିକ ଅପରେସନ ପରେ ଏହି ସିଣ୍ଡିକେଟର ମୁଖ୍ୟ କାର୍ପଟଦାର ସମେତ ୪ ଜଣଙ୍କୁ ଗିରଫ କରାଯାଇଛି । ଏହି ସିଣ୍ଡିକେଟ୍ ଓଡ଼ିଶା, ଛତିଶଗଡ଼, ରାଜସ୍ଥାନ ଏବଂ ପଶ୍ଚିମବଙ୍ଗରେ ସକ୍ରିୟ ଥିଲା । କଟକ ଜିଲ୍ଲାର ଆଠଗଡ଼ ନିକଟସ୍ଥ ଏକ କାଜୁ ଏସଟିଏଫ ୧୯୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିବାବେଳେ ତଦନ୍ତରୁ ଜଣାପଡ଼ିଥିଲା ଯେ ଡେଲିଭରି ଏଜେଣ୍ଟଙ୍କୁ ଏକ ଚିରା ୧୦ ଟଙ୍କିଆ ନୋଟ୍ ଦିଆଯାଇଥିଲା । ଗଞ୍ଜେଇ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ପାଖରେ ସେହି ନୋଟର ଅନ୍ୟ ଅଧା ଭାଗ ରହିବା ଜରୁରୀ ଥିଲା । ଏହି ଦୁଇଟି ଯୋଡ଼ି ହେବା ପରେ ହିଁ ଗଞ୍ଜେଇ ହସ୍ତାନ୍ତର କରାଯାଉଥିଲା । ପୋଲିସ ଆଖିରେ ଧୂଳି ଦେବା ପାଇଁ ଏହି ଅଭିନବ ଉପାୟ ଆପଣାଯାଇଥିଲା । ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ, ସେ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ ପାଇଁ ଯାଉଥିବା ଖବର ମିଳିଥିଲା । ଏସଟିଏଫ ଟିମ୍ ନୟାଗଡ଼-ଖୋର୍ଦ୍ଧା ଜାତୀୟ ରାଜପଥର ପିଚୁକୁଳି ନିକଟରେ ମାରୁତି ଗ୍ରାଣ୍ଡ ଭିଟାରା (ଓଡି ୩୩ଏଟି ୬୨୦୧)ଗାଡ଼ିକୁ ଅଟକାଇ ୪ ଜଣଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଟିକିରିପଡାର ଦୁର୍ବାସା ସାହୁ (୪୬) (ମୁଖ୍ୟ କାର୍ପଟଦାର), ବଡଛାପାପାଲି ଗାଁର ସୁବୁଦ୍ଧି ସାହୁ (୪୦), ଟିକିରିପଡାର ଅରୁଣ କୁମାର ରଣା (୩୪) (ସିଣ୍ଡିକେଟ୍ ସଦସ୍ୟ) ଏବଂ ବଡଛାପାପାଲିର ପ୍ରକାଶ ଖଟୁଆ (୩୫) (ସିଣ୍ଡିକେଟ୍ ସଦସ୍ୟ) । ସେମାନଙ୍କଠାରୁ ଗୋଟିଏ ମାରୁତି ଗ୍ରାଣ୍ଡ ଭିଟାରା ଗାଡ଼ି (ଓଡି ୩୩ ଏଟି ୬୨୦୧)୭ଟି ମୋବାଇଲ୍ ଫୋନ୍, ନଗଦ ୩୮,୦୦୦ ଟଙ୍କା, ଗୋଟିଏ ସୁନା ଚେନ୍, ଦୁଇଟି ଚିରା ୧୦ ଟଙ୍କିଆ ନୋଟ୍ (ଯାହାର ଗୋଟିଏ ଅଂଶ ପୂର୍ବରୁ ଗିରଫ ଅଭିଯୁକ୍ତ ନୀଳାମ୍ବର କହଁର ପାଖରୁ ଜବତ ନୋଟ୍ ସହ ମିଶୁଛି) ଜବତ କରାଯାଇଛି । ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କର ପୂର୍ବରୁ ଗଞ୍ଜେଇ ଚୋରାଚାଲାଣ ମାମଲା ରହିଛି । ଦୁର୍ବାସା ସାହୁ ଅନେକ ଏନ୍‌ଡିପିଏସ୍ ମାମଲାରେ ସେ ମୁଖ୍ୟ ଅଭିଯୁକ୍ତ ଏବଂ ମୋଷ୍ଟ ୱାଣ୍ଟେଡ୍ ଥିଲେ । ଅନ୍ୟ ୩ ଜଣଙ୍କ ନାଁରେ ମଧ୍ୟ ମାମଲା ରହିଛି । ଏସଟିଏଫ ଏହି ୪ ଜଣଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବ ବୋଲି କହିଛି ।

# ପ୍ରଶାସନିକ ନିଷ୍କ୍ରିୟତାରୁ ବେଧଡ଼କ ବାଲି ଚାଲାଣ: ଟ୍ରାକ୍ଟର ଜବତ

ହିଞ୍ଜିଳିକାଟୁ(ନିପ୍ର): ଗୁରୁବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ସିଙ୍ଗିପୁର ଘୋଡାନଦୀ ଭଗବତୀ ବାଲିଘାଟରୁ ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି୦୭ ଏଜେ ୨୩୬୫)କୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି । ଗିରଫ ଚାଳକ ଜଣକ ହେଲେ ଶେରଗଡ ଥାନା ଷୋଳଶଳା ଗ୍ରାମର ସିମାଞ୍ଚଳ ସେଠି (୩୮) । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ -୪୪୦/୨୬ରେ ଏକ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ, ହିଞ୍ଜିଳି ଥାନା ଅଧୀନରେ ଥିବା ଘୋଡାହାଡ ଓ ଋଷିକୂଲ୍ୟା ନଦୀରୁ ବିଭିନ୍ନ ସ୍ଥାନରୁ ରାତିରେ ବେଆଇନ ଭାବେ ରୀତିମତ ବାଲି ଚୋରାଚାଲାଣ ଜାରି ରହିଛି । କେବଳ ଧର୍ମକୁ ଆଖିଠାର ଭଳି କେବେ କେମିତି ପୁଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ ଜାରି ରହିଛି । ହେଲେ ବାଲି ମାଫିଆମାନେ ପ୍ରଶାସନ ଆଖିରେ ଧୂଳିଛାଟି ରାତିଅଧିଆ ଲିଜ୍ ହୋଇନଥିବା ବାଲିଘାଟରୁ ବେଆଇନ ଭାବେ ବାଲି ଚୋରାଚାଲାଣ କରି ଆସୁଛନ୍ତି । ଖଣି ବିଭାଗୀୟ ଅଧିକାରୀଙ୍କ ସ୍ଥାଣୁତା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲିଜ୍ ହୋଇନଥିବା ବହୁ ବାଲିଘାଟରୁ ମଧ୍ୟ ବେଆଇନ ଭାବେ ବାଲି ଚୋରାଚାଲାଣ ଚାଲିଥିବା ନିତିଦିନିଆ ଘଟଣା ପାଲଟିଛି । ଗୋଟିଏ ପଟେ ସରକାରଙ୍କ ବାର୍ଷିକ କୋଟି କୋଟି ଟଙ୍କା କ୍ଷତି ହେଉଥିବା ବେଳେ ଅନ୍ୟପଟେ ବାଲି ମାଫିଆ ଓ କିଛି ହାତଗଣତି ଖଣି ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ବେଆଇନ ଭାବେ ପ୍ରତ୍ୟହ ହଜାର ହଜାର ହାଇୱା, ଟିପ୍ପର, ଟ୍ରକ ଓ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ ଚାଲିଛି । ଘୋଡ଼ାହଡ ନଦୀର ଭଗବତୀ ନିକଟରୁ କିଛି ଯୁବକଙ୍କ ତତ୍ତ୍ୱାବଧାନରେ ଟ୍ରାକ୍ଟର ଗୁଡିକରୁ ବଟି ଆଦାୟ କରାଯାଇ ବାଲି ଚୋରାଚାଲାଣକୁ ପ୍ରୋତ୍ସାହନ ଓ ପୁଲିସ୍ ନଜରରୁ ସୁରକ୍ଷା ବ୍ୟବସ୍ଥା ଦିଆଯାଇ ବାଲି ଲୁଟ୍ ହେଉଥିବା ସାଧାରଣ ଘଟଣା ହୋଇଗଲାଣି ।

# ବାଇକ୍ ଖସିଲା ଘାଟିରୁ, ୩ ମୃତ

ରାଇରଙ୍ଗପୁର: ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣୀ ଥାନା ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଶ୍ରମିକଙ୍କ ଜୀବନ ଯାଇଛି । ସେମାନେ ଟେଣ୍ଟ କାର୍ଯ୍ୟ କରିବା ପାଇଁ ପାହାଡ଼ ଉପରେ ଥିବା ଏକ ଗାଁକୁ ଯାଇ ଫେରୁଥିଲେ । ସୂଚନା ଅନୁଯାୟୀ, ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଗୋରଡ଼ାପାଣି ଗ୍ରାମକୁ ସେମାନେ ଏକ ବିବାହ ଉତ୍ସବ ପାଇଁ ଟେଣ୍ଟ କାର୍ଯ୍ୟ କରିବା ପାଇଁ ଗତକାଲି ଯାଇଥିଲେ । ସେଠାରୁ ରାତିରେ ପାହାଡ଼ ଉପରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ତିନି ଜଣ ବାଇକ୍ ସହିତ ପାହାଡ ତଳ ଥିବା ପ୍ରାୟ ୧୫୦ ଫୁଟ ତଳେ ଥିବା ଖାଇରେ ଖସି ପଡ଼ିଥିଲେ । ଶୁକ୍ରବାର ଅପରାହ୍ନରେ ଗୋରୁ ଚରାଉଥିବା କିଛି ବ୍ୟକ୍ତି ସେମାନଙ୍କ ମୃତ ଦେହ ଦେଖି ଅନ୍ୟ ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଚିହ୍ନଟ କରିବା ପରେ ପୁଲିସକୁ ସୂଚନାଦେଇଥିଲେ । ମୃତକ ତିନିଜଣ ହେଲେ ସୁଦର୍ଶନପୁର ଗ୍ରାପର ସାନଝାରୀ ଗ୍ରାମର ମନଜ ମୁଣ୍ଡା (୩୦), ମନଜ ମୁଣ୍ଡାରୀ(୩୦) ଓ ଦୁଧିଚୁଆ ଗ୍ରାମର ବୀରସିଂ ମୁଣ୍ଡା (୩୦) ବୋଲି ଜଣା ପଡ଼ିଛି । ପୁଲିସ ସନ୍ଧ୍ୟାବେଳେ ଘଟଣାସ୍ଥଳରେ ପହଞ୍ଚି ରାତିରେ ଶବଗୁଡ଼ିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି । ଏନେଇ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି ।

# ଭେଷଜ ନିୟନ୍ତ୍ରକଙ୍କ ଦ୍ୱାରା ଔଷଧ ଦୋକାନ ଯାଞ୍ଚ



କାକଟପୁର(ନିପ୍ର): ଓଡ଼ିଶା ଭେଷେଜ ନିୟନ୍ତ୍ରକ ଅଧିକାରୀ ମାମିନା ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସହାୟକ ଭେଷେଜ ନିୟନ୍ତକ ଡ଼ଃ ସୁଦର୍ଶନ ବିଶ୍ୱାଳ ଓ ପୁରୀ ଜିଲ୍ଲା ଭେଷେଜ ନିରୀକ୍ଷକ ହିତେଶ କୁମାର ବେହେରା (ରେଞ୍ଜ-୨) କାକଟପୁର, ଅସ୍ତରଙ୍ଗ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ୧୫ରୁ ଉର୍ଦ୍ଧ୍ୱ ଔଷଧ ଦୋକାନରେ ଅଚାନକ ପହଞ୍ଚି ଔଷଧର ମାନ ନିରୀକ୍ଷଣ କରିଥିଲେ । କେତେକ ଔଷଧ ଦୋକାନରୁ (୧୮)ରୁ ଉର୍ଦ୍ଧ୍ୱ ସାମ୍ପୁଲ ସଂଗ୍ରହ କରି ପରୀକ୍ଷାଗାରକୁ ପରୀକ୍ଷା ନିମନ୍ତେ ସାଥିରେ ନେଇଥିଲେ । ଡାକ୍ତରଙ୍କ ବିନା ପ୍ରେସକ୍ରିପିସନ୍‌ରେ ରୋଗୀଙ୍କୁ ଔଷଧ ଦେବା ଅପରାଧ ଓ ଫାର୍ମାସିଷ୍ଟ ଲାଇସେନ୍ସ ନଥିଲେ ଔଷଧ ଦୋକାନ ଖୋଲିପାରିବେ ନାହଁ, ଯଦି ବା କେହି ଖୋଲନ୍ତି ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ ବୋଲି ଦୋକାନୀଙ୍କୁ ଡ଼ଃ ବିଶ୍ୱାଳ ସତର୍କ କରାଇଥିଲେ । ସମସ୍ତ ଔଷଧ ଦୋକାନୀ ମାଲିକମାନେ ଏହି ଚଢ଼ାଉରେ ସହଯୋଗ କରିଥିଲେ ।

# ଗଞ୍ଜେଇ ଚୋରା ଚାଲାଣ ବେଳେ ତିନି ଗିରଫ : ଗିରଫ ଭିତରେ ୨ ଶିକ୍ଷକ

ବଲାଙ୍ଗିର: ଆଜିର ଯୁଗରେ ଟଙ୍କା ରୋଜଗାର କରିବା ପାଇଁ ଖାସ କରି ଯୁବ ପିଢ଼ି ଭୁଲ ବାଟକୁ ଆପଣେଇ ଥାଆନ୍ତି । ସେଥିପାଇଁ ସେମାନେ ସରଳ ଉପାୟରେ ଅର୍ଥ ଉପାର୍ଜନ କରିବା ପାଇଁ ଅନିୟମ ତଥା ବେଆଇନ୍ କାର୍ଯ୍ୟରେ ଲିପ୍ତ ରହୁଥିବା ଦେଖିବାକୁ ମିଳିଥାଏ । ତେବେ ଟଙ୍କା ଲୋଭରେ କମ୍ ଦିନରେ ବେଶୀ ରୋଜଗାର ଆଶାରେ ଶେଷରେ ଯୁବ ଶିକ୍ଷକ ବି ପଛାଉ ନାହାଁନ୍ତି । ଶିକ୍ଷକମାନଙ୍କୁ ଲୋକେ ବହୁତ ସମ୍ମାନ ଦେଉଥିବା ବେଳେ କିଛି ଖଳ ଶିକ୍ଷକଙ୍କ ପାଇଁ ଏହି ପେଶା ଆଜି ନିନ୍ଦିତ ହେବାକୁ ଯାଉଛି । କଳାହାଣ୍ଡି ପଟରୁ ଏକ ମାରୁତି ଏର୍ଟିଗା ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଟିଟିଲାଗଡ ଓ ତୁଷୁରା ଅବକାରୀ ବିଭାଗ ଦ୍ୱାରା ସଇଁତଲା ବ୍ଲକ ବର ଗାଁ ଛକ ଜାତୀୟ ରାଜପଥ ୨୬ ଠାରେ ମାଡ଼ି ବସିଲେ ଅବକାରୀ ବିଭାଗର ଅଧିକାରୀ । ତେବେ ଗାଡ଼ି ଅଟକାଇବାକୁ କୁହାଯାଇଥିବା ବେଳେ ଗାଡି ନ ଅଟକାଇ ଫେରାର ମାରୁଥିବା ବେଳେ ସାଇନିଂ ବୋର୍ଡରେ ବାଡେଇ ହୋଇ ଅଟକିବା ପରେ ତିନି ଜଣ ଦୌଡ଼ି ଦୌଡ଼ି ଫେରାର ମାରିବାକୁ ଉଦ୍ୟମ କରିଥିଲେ । ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରି ମାନେ ତିନି ଜଣଙ୍କୁ କାବୁ କରିବା ପରେ ଗାଡି ନମ୍ବର ଓଡ଼ି ୦୨ସିଏଲ ୮୫୨୪ ଯାଂଚ କରିବାରୁ ଭିତରୁ ୩୩ କେଜି ଗଞ୍ଜେଇ ବାହାରିଥିଲା । ତିନି ଜଣ ବ୍ୟକ୍ତି ହେଲେ କଳାହାଣ୍ଡି ଜିଲ୍ଲା ସରଗୁଲ ଗ୍ରାମର କିଶୋର କୁମ୍ଭାର, ରିନଂଝା ଗ୍ରାମର ଜିତୁ ସାହୁ ଏବଂ କର୍ଲାମୁଣ୍ଡା ଗ୍ରାମର ସଞ୍ଜୟ ବାଗ । କେଶବ କୁମ୍ଭାର ଓ ଜିତୁ ସାହୁ ଉଭୟ ଶିକ୍ଷକ ଥିବା ଜଣାପଡ଼ିଛି । ତିନି ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ତେବେ କଳାହାଣ୍ଡିରୁ ବଲାଙ୍ଗିରକୁ ଚାଲାଣ ହେଉଥିବା ଜଣାପଡ଼ିଛି ।

# କବାଡିଆ ସାମଗ୍ରୀ ସହ ଆଇଚର ଜବତ



ଆଠଗଡ଼(ନିପ୍ର): ଆଠଗଡ଼ ସହରରେ ଥିବା ବହୁ କବାଡିଆ ଦୋକାନରେ ବହୁ ବେଆଇନ ଯନ୍ତ୍ରାଂଶ, ବିଦ୍ୟୁତ ତାର ସହିତ ବହୁ ଚୋରା ସାମଗ୍ରୀ କାରବାର ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଅଛି । ଏମାନଙ୍କ ଉପରେ କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଆଜି ଏକ ଆଇଚର ଟ୍ରକରେ କବାଡିଆ ସାମଗ୍ରୀ ବୋଝେଇ ହୋଇଯାଉଥିବା ବେଳେ ଆଠଗଡ ପୋଲିସ ସ୍ଥାନୀୟ ବିରକିଶୋରପୁର ଛକ ନିକଟରେ ଯାଞ୍ଚ ବେଳେ ପୁରୁଣା ବିଦ୍ୟୁତ ତାର ଲୋଡ଼ ହୋଇଯାଉଥିବା ଦେଖିବାକୁ ପାଇଥିଲେ ଏବଂ ଗାଡିକୁ ଜବତ କରି ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟରେ ରଖିଥିଲେ । ଏହାପରେ ଆଠଗଡ଼ ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ବିଦ୍ୟୁତ ସାମଗ୍ରୀ ଯାଞ୍ଚ ଓ ଚିହ୍ନଟ ପାଇଁ ଆଠଗଡ଼ ବିଦ୍ୟୁତ ନମ୍ବର ୱାନ ଯନ୍ତ୍ରୀ ଗୌର ମୋହନ ସାହୁ ଓ ବିଦ୍ୟୁତ ସିକ୍ୟୁରିଟି ଅଫିସର ଏନ କେ ବଡ଼ଜେନାଙ୍କୁ ଡାକିଥିଲେ ଏବଂ ଉଭୟ ଯାଞ୍ଚରେ ଦେଖିଥିଲେ ଯେ କିଛି ନୂଆ ପୁରୁଣା ବିଦ୍ୟୁତ ତାର ଅଛି, କିନ୍ତୁ ଗାଡିର ଭିତରେ ଆଉ କେତେ ବିଦ୍ୟୁତ ସାମଗ୍ରୀ ଓ ଯନ୍ତ୍ରାଂଶ ଅଛି କି ନାହିଁ ତାହା ବୁଝାପଡି ନଥିଲା । କାରଣ ଗାଡିରୁ ଅନଲୋଡ ହେଲେ ତା ଭିତରେ ଆଉ କଣ କ'ଣ ବେଆଇନ ସାମଗ୍ରୀ ଅଛି ତାହା ଜଣାପଡିଥାନ୍ତା । ଲେବର ଡାକି ସମସ୍ତ ସାମଗ୍ରୀ ଟ୍ରକ ବାହାରକୁ ଅନଲୋଡ କଲା ପରେ ଜଣାପଡିବ ଲୋଡ୍ ସାମଗ୍ରୀର ବିବରଣୀ । ଏହି ଆଇଚର ଗାଡି ଚାଳକଙ୍କ ନାମ ଗୋପାଳ ଚନ୍ଦ୍ର ସାହୁ ପୋଲିସ ଅଟକ ରଖି ପଚାର ଉଚରା ଜାରି ରଖିଥିବା ଜଣାପଡିଛି । ଜବତ ଗାଡିର ନମ୍ବର ଓଡି୦୨ବିବି୯୨୪୧ । ଏହି ଗାଡିଟି ଭୁବନେଶ୍ୱର ହଂସପାଳରୁ କବାଡିଆ ସାମଗ୍ରୀ ଲୋଡ଼କରି ଅନୁଗୁଳ ଯାଉଥିବା ଥାନା ଅଧିକାରିଣୀ ମହାନ୍ତିଙ୍କ ସୂତରୁ ପ୍ରକାଶ ।

# ଯୌତୁକ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

## ୫ ହଜାର ଟଙ୍କା ଜରିମାନା, ସହଯୋଗୀମାନଙ୍କୁ ୭ବର୍ଷ ଜେଲ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫୁଲବାଣୀର ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଏକ ଯୌତୁକ ଜନିତ ହତ୍ୟା ମାମଲାର ବିଚାର କରି ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ବେହେରାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଥିବା ବେଳେ ତାକୁ ସହଯୋଗ କରିଥିବା ଅଭିଯୋଗରେ ଆଉ ୪ ଜଣଙ୍କୁ ୭ବର୍ଷ ଲେଖାଏଁ ଜେଲ, ଓ ୫ ହଜାର ଟଙ୍କା ଲେଖାଏଁ ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ ଫୁଲବାଣୀ ସଦର ପି.ଏସ୍. ମାମଲା ୧୧୯/ ୦୩.୦୯.୨୦୧୫ରୁ ଉଠାଯାଇଥିବା ମାମଲା - ଏସ୍.ଟି ୦୮/୨୦୧୬ ଏବଂ ଏସ୍.ଟି ୦୧/ ୨୦୧୭ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୁକ୍ତ ସୁଶାନ୍ତ ବେହେରାଙ୍କୁ ସାବ୍ୟସ୍ତ ହୋଇଥିବା ଅପରାଧ ଅନୁଯାୟୀ ୧୦ ବର୍ଷ ଜେଲ ସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଆଉ ଅଧିକ ୨ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅନ୍ୟ ଅଭିଯୁକ୍ତ ମାନେ, ବିଜୟ ବେହେରା, ସାହେବାଣୀ ବେହେରା, ରୀତା ବେହେରା ଏବଂ ପ୍ରତିମା ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଜା ସହ , ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୧ ମାସ ଅଧିକ ସଜା ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ଫୁଲବାଣୀର ଅତିରିକ୍ତ ସରକାରୀ ଓକିଲ ମାଳତୀ ପାଲଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ତ୍ରିଲୋଚନ ପରିଡା, ଡିଡିପି କନ୍ଧମାଳ ଏବଂ ପୂର୍ଣ୍ଣ ଚନ୍ଦ୍ର ନାଗ, ପି.ପି.ଙ୍କ କଡା ତତ୍ତ୍ୱାବଧାନ ରେ ପରିଚାଳିତ ହେଉଥିଲା ।ଏହି କେସର ତଦନ୍ତକାରୀ ଅଧିକାରୀ ତୃପ୍ତି ରଞ୍ଜନ ନାୟକ ଏବଂ ବିଶ୍ୱ ପ୍ରକାଶ ରାଉତ ଧନ୍ୟବାଦ ଜଣାଯାଇଛି ।

### ଜେଲ୍ ଡିଜି ଓ ଅଧୀକ୍ଷକଙ୍କ ବଢିଲା ଅଡୁଆ

# ଉଭୟଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆଣିଲେ ରାଜ୍ୟସଭା ସାଂସଦ

କଟକ: ବଢିଲା ଅଡୁଆ । ଚୌଦ୍ୱାର ସର୍କଲ ଜେଲରୁ ଦୁଇ ଦୁର୍ଦ୍ଧାନ୍ତ ଅପରାଧୀ ଫେରାର ଘଟଣାରେ ନୂଆ ମୋଡ଼ । ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଓ ଚୌଦ୍ୱାର ସର୍କଲ ଜେଲ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ପାଇଁ ଅଡୁଆ ବଢିଛି । ଉଭୟଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଲେ ରାଜ୍ୟସଭା ସାଂସଦ ସୁଜିତ କୁମାର । ଜେଲରୁ ଫେରାର ହେବାରେ ଦୁଇ ଅପରାଧୀଙ୍କୁ ସେମାନେ ସହଯୋଗ କରିଥିବା ଓ ସତ ଚାପିବାକୁ ଜାଲ୍ ଦସ୍ତଖତ କରିବା ସହିତ ସରକାରୀ ଦସ୍ତାବିଜ ହେରଫେର କରିଥିବା ଅଭିଯୋଗ ଆଣିଛନ୍ତି ସୁଜିତ । ଉଭୟ ସରକାରୀ ପଦର ଅପବ୍ୟବହାର କରିଥିବା ନେଇ ସୁଜିତ କୁମାର ଚୌଦ୍ୱାର ଥାନାରେ ଅନଲାଇନରେ ଗତ ୨୪ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି । ବିହାରୀ କଏଦୀ ଫେରାର ଓ ଜେଲ ବିଭାଗରେ ହେଉଥିବା ବ୍ୟାପକ ଅନିୟମିତତା ପଛରେ ଦୁଇ ଅଧିକାରୀ ଦାୟୀ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୫ ଅକ୍ଟୋବର ୩ରେ ଦଶହରା ସମୟରେ ୨ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ ଚୌଦ୍ୱାର ସର୍କଲ୍ ଜେଲରୁ ଫେରାର ହୋଇଯାଇଥିଲେ । ବରିଷ୍ଠ ଜେଲ୍ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ବିରୋଧରେ ସରକାରୀ ଦସ୍ତାବିଜ ଜାଲିଆତି କରିବା ନେଇ ତତ୍କାଳୀନ ଜେଲର୍ ସନ୍ତୋଷିନୀ ଦାଶ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ ପରେ ହଟଚମଟ ସୃଷ୍ଟି ହୋଇଥିଲା ।




କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମ ଦିବସ ଅବସରରେ ରେଡକ୍ରସ ଭବନରେ ସ୍ୱାସ୍ଥ୍ୟ ପରୀକ୍ଷା ରକ୍ତଦାନ ଶିବିର (ଫଟୋ ଦିନଲିପି)

# ସୁସ୍ଥ ଓ ସଶକ୍ତ ସମାଜ ଗଠନ ପାଇଁ ନିଶାମୁକ୍ତ ପରିବେଶ ସୃଷ୍ଟି ଅପରିହାର୍ଯ୍ୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୬/୬(ନିପ୍ର):** ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସରେ ସୁସ୍ଥ, ସୁରକ୍ଷିତ ଓ ସଶକ୍ତ ସମାଜ ଗଠନ ପାଇଁ ନିଶାମୁକ୍ତ ପରିବେଶ ସୃଷ୍ଟି ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ସୁସ୍ଥ, ସୁରକ୍ଷିତ ଓ ସଶକ୍ତ ସମାଜ ଗଠନ ପାଇଁ ନିଶାମୁକ୍ତ ପରିବେଶ ସୃଷ୍ଟି ଅପରିହାର୍ଯ୍ୟ। ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ ଅବସରରେ ଆସନ୍ତୁ, ନିଶାଦ୍ରବ୍ୟକୁ 'ନା' କହିବା ସହ ଏହାର କୁପ୍ରଭାବ ସମ୍ପର୍କରେ ସମାଜରେ ସଚେତନତା ସୃଷ୍ଟି କରିବାର ସଂକଳ୍ପ ନେବା। ଅବୈଧ ନିଶାଦ୍ରବ୍ୟର ଚୋରା ଚାଲାଣ ଓ ସେବନକୁ ପ୍ରତ୍ୟାଖ୍ୟାନ କରି ଆସନ୍ତୁ, ଏକ ସୁସ୍ଥ, ସଚେତନ ଓ ନିଶାମୁକ୍ତ ସମାଜ ଗଠନରେ ସମସ୍ତେ ସହଭାଗୀ ହେବା।

■ ଆଗେଇ ଚାଲିଛି ମହାପ୍ରଭୁଙ୍କ ରଥ ନିର୍ମାଣ

# ତିନିରଥର ଖପୁରି ସମେତ ପାରା ଭାଡ଼ିକୁ ମିଶାଇ ପୋଟଳ କାର୍ଯ୍ୟ ଶେଷ



**ପୁରୀ, ୨୬/୬(ନିପ୍ର):** ତିନିରଥର ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ସହଯୋଗୀ ମହାରଣା ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକ ମାନଙ୍କ ସହଯୋଗରେ ତିନିରଥରେ ଖପୁରି ସମେତ ପାରାଭାଡ଼ିକୁ ମିଶାଇ ୧୩ ପରାସ୍ତ ପୋଟଳ ସେଟିଙ୍ଗ ସମ୍ପୂର୍ଣ୍ଣ ହୋଇଅଛି। ମୁଖ୍ୟ ରୂପକାର ସେବକମାନେ ଅନୁକୂଳ ପୂଜା ପୂର୍ବକ ନଡ଼ିଆ ବାଡେଇ ତିନିରଥ ପ୍ରଭାରେ ରୂପ ଖୋଦେଇ ଚିତ୍ରାଙ୍କନ ପୂର୍ବକ ସହଯୋଗୀ ରୂପକାର ସେବକମାନେ ମିଶି ପ୍ରଭାରେ ରୁପ ଖୋଦେଇ ଆରମ୍ଭ କରିଛନ୍ତି। ତିନିରଥ ପ୍ରଭାରେ ରାହୁ ବା କୀର୍ତ୍ତି ମୁଖ, ଦୁଇ ହାତରେ ଦୁଇଟି ଛୁରୀ ଧରିଥିବା ଚିତ୍ର, ବାଙ୍କରେ ଡାଳି ଲତା ଏବଂ ତଳ ଭାଗରେ ମଗର ମୁଖ ଇତ୍ୟାଦିର ରୂପ ଖୋଦେଇ କାର୍ଯ୍ୟ କରାଯାଇଛି। ତିନିରଥର ମହାରଣା ସେବକମାନେ ରଥରେ ସ୍ଥାପନ ପାଇଁ ଗୋଟିଏ ଗୋଟିଏ ବିଜେ ଚକା ନିର୍ମାଣ ଶେଷ କରିଛନ୍ତି। ପରମ୍ପରା ପ୍ରକାରେ ତିନି ରଥ ସିଂହଦ୍ୱାର ନିକଟରେ ଲାଗିବା ପରେ ରଥ ନିର୍ମାଣର ଶେଷ ପର୍ବ ଭାବେ ବେଦୀରେ ଚକା ସଂଯୋଗ କରି ତିନିରଥର ମୁଖ୍ୟ ମହାରଣା ସେବକମାନେ ହରିବୋଲ ଡାକ ଦେଇ ରଥ ନିର୍ମାଣ ସାଙ୍ଗ କରିବେ। ତିନିରଥର ବେଦୀ ସିଂହାସନ ପ୍ରସ୍ତୁତି ପାଇଁ ଚାରି ନାହାକା ଆଗ ପଛ ଢ଼ମକରେ ପାଞ୍ଚ ଗୋଟି ଲେଖାଏଁ ୨୦ ଫୁଟିଆ ଜଗତ ପୃଷ୍ଠ ସେଣି ପଡ଼ି କଣ୍ଟା ବାଡ଼ିଆ ଶେଷ ହୋଇଛି। ବେଦୀ ଚାରି ପାର୍ଶ୍ୱରେ ପଟା ବାଡିଆ ଶେଷ ହୋଇଥିବାରୁ, ବେଦୀ ପରିସରକୁ ବଢ଼ାଇବା ପାଇଁ ସେଣୀ ପତନ ରେ ବେଦୀ ଉଭୟ ପାର୍ଶ୍ୱରେ ତିନୋଟି ଲେଖାଏଁ ୬ ଟି ବାହୁଟ ଫାଳିଆ ପଡ଼ି ପଟା ପକାଯାଇ ବେଦୀ ପ୍ରସ୍ତୁତ କରାଯିବ।

# ଭାରତ ବିପକ୍ଷରେ ଆର୍ୟଲାଣ୍ଡର ଐତିହାସିକ ବିଜୟ



ବେଲଫାଷ୍ଟ, ୨୬/୬: ଆର୍ୟଲାଣ୍ଡ ଘରୋଇ ମାଟିରେ ଦମଦାର ପ୍ରଦର୍ଶନ କରିଛି। ଦଳ ପ୍ରଥମେ ନିର୍ଦ୍ଧାରିତ ୨୦ ଓଭରରେ ୯ୱିକେଟ୍ ହରାଇ ୧୮୨ ରନ୍ କରିଛି। ପରେ ବୋଲିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରି ଭାରତକୁ ୧୪୮ ରନ୍‌ରେ ଅଟକାଇଛି। ୧୮୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଭାରତ ୧୮.୫ ଓଭରରେ ସମସ୍ତ ୱିକେଟ୍ ହରାଇଛି। ଫଳରେ ଘରୋଇ ଦଳ ଏହି ମ୍ୟାଚ୍‌କୁ ୩୪ ରନ୍‌ରେ ବିଜୟ ହାସଲ କରିଛି। ଏଥି ସହିତ ଭାରତ ବିପକ୍ଷରେ ଆର୍ୟଲାଣ୍ଡ ଐତିହାସିକ ବିଜୟ ହାସଲ କରିଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ପ୍ରଥମ ମୁକାବିଲା ସ୍ଥାନୀୟ ସିଭିଲ ସର୍ଭିସ କ୍ରିକେଟ୍ କ୍ଲବରେ ଖେଳାଯାଇଛି। ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟ୍ ଟିମ୍ ଟସ୍ ଜଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ଆର୍ୟଲାଣ୍ଡ ପାଇଁ ଅଧିନାୟକ ଲୋର୍କନ ଟକର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୬ଟି ବଲ୍ ଖେଳି ଥିଲେ ଏବଂ ୫ଟି ଚୌକା ଓ ୨ଟି ଛକା ବଳରେ ୫୦ ରନ୍ କରିତିଲେ। ଆର୍ୟଲାଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳ ୫୧ ରନ୍ ବେଳକୁ ଆଗଧାଡ଼ିର ୪ଜଣ ଖେଳାଳିଙ୍କୁ ହରାଇ ସାରିଥିଲା। ସ୍କୋର ୨୦ ରନ୍‌ରେ ପ୍ରାରମ୍ଭିକ ବ୍ୟାଟର ଟିମ୍ ଟେକଟର ଏବଂ ରସ ଆଦାଇର ଆଉଟ୍ ହୋଇଥିଲେ। ଉଭୟ ବ୍ୟାଟର ଯଥାକ୍ରମେ ୧୭ ଏବଂ ୧୨ ରନ୍ କରିଥିଲେ। ଭାରତର ତୃତୀୟ ଶିକାର ହୋଇଥିଲେ ଟିମ କେଟକଟର, ଯିଏ କି ଖାତା ଖୋଲିପାରି ନଥିଲେ। ଆର୍ୟଲାଣ୍ଡ ନିଜର ଚତୁର୍ଥ ୱିକେଟ ଭାବେ ବେଞ୍ଜାମିନ୍ କଲିଟ୍ସ (୧୫ରନ୍)ଙ୍କୁ ହରାଇଥିଲା।

# ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କ ପରଲୋକ



ଭୁବନେଶ୍ୱର, ୨୬/୬(ନିପ୍ର): ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କର ୮୩ ବର୍ଷ ବୟସରେ ଶୁକ୍ରବାର ଅପରାହ୍ନରେ ପରଲୋକ ଘଟିଛି। ଶାରୀରିକ ଅସୁସ୍ଥତା ଲାଗି ଗୁରୁବାରଠାରୁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହୃଦଘାତରେ ତାଙ୍କର ପରଲୋକ ଘଟିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଶ୍ରୀ ଦାଶ ଦୀର୍ଘ ୩୭ ବର୍ଷ କାଳ ସାମ୍ବାଦିକତାରେ ରହିଥିଲେ । ସେ ପ୍ରେସ ଟ୍ରଷ୍ଟ ଅଫ ଇଣ୍ଡିଆ (ପିଟିଆଇ)ର ସମ୍ବାଦଦାତା ଭାବରେ ଦିଲ୍ଲୀ, ମୁମ୍ବାଇ ଓ କୋଲକାତାରେ ଦୀର୍ଘବର୍ଷ କାର୍ଯ୍ୟ କରି ପରେ କଟକ ଓ ଭୁବନେଶ୍ୱରରେ ପିଟିଆଇର ପ୍ରମୁଖ ସମ୍ବାଦଦାତା ତଥା ମ୍ୟାନେଜର ଭାବରେ କାର୍ଯ୍ୟ କରି ଅବସର ନେଇଥିଲେ । ସାମାଜିକ ଓ ରାଜନୈତିକ ସାମ୍ବାଦିକତାରେ ସେ ବେଶ ସକ୍ରିୟ ଥିଲେ । ଜଣେ ସୁନାମଧନ୍ୟ ଓ ଦକ୍ଷ ସାମ୍ବାଦିକ ଭାବରେ ସେ ପରିଚିତ ଥିଲେ । ଓଡ଼ିଶାର ରାଜନୈତିକ ଜଗତ ସହ ଅତି ନିବିଡ଼ ଭାବରେ ସଂଶ୍ଳିଷ୍ଟ ରହି ଖବର ସଂଗ୍ରହରେ ସେ ସବୁବେଳେ ଆଗୁଆ ରହୁଥିଲେ ଏବଂ ଜାତୀୟ ସ୍ତରରେ ମଧ୍ୟ ପିଟିଆଇର ଜଣେ ଶ୍ରେଷ୍ଠ ସାମ୍ବାଦିକ ଭାବରେ ସୁନାମ ଅର୍ଜନ କରିଥିଲେ ।

# ଜାତୀୟ ପାୱାରଲିଫ୍ଟିଂରେ ସଫଳ ବ୍ରହ୍ମାଶୁଙ୍କୁ ସମ୍ବର୍ଦ୍ଧନା



**ଡେରାବିଶ, ୨୬/୬(ନିପ୍ର):** ଜାତୀୟ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ଚମତ୍କାର ସଫଳତା ହାସଲ କରି ଡେରାବିଶ ବ୍ଲକ ସହ କେନ୍ଦ୍ରାପଡ଼ା ଜିଲ୍ଲାର ଗୌରବ ବଢ଼ାଇଥିବା ଯୁବ କ୍ରୀଡ଼ାବିତ୍ ବ୍ରହ୍ମାଶୁ ମହାରଣାଙ୍କୁ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜଣେ ଗ୍ରାମାଞ୍ଚଳର ଯୁବ ପ୍ରତିଭା ଜାତୀୟ ସ୍ତରରେ ସଫଳତା ଅର୍ଜନ କରିବା ସହ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଥିବାରୁ ସମଗ୍ର ଅଞ୍ଚଳରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ସମ୍ବର୍ଦ୍ଧନା ଉତ୍ସବରେ ସୋସାଇଟି ପକ୍ଷରୁ ବ୍ରହ୍ମାଶୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକ ପ୍ରଦାନ କରାଯିବା ସହ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଘୋଷଣା କରାଯାଇଥିଲା। ଏହା ସହିତ ଭବିଷ୍ୟତରେ ଅନ୍ତର୍ଜାତୀୟ ପାୱାରଲିଫ୍ଟିଂ ପ୍ରତିଯୋଗିତା ରେ ଭାଗ ନେବା ପାଇଁ ତାଙ୍କର ପ୍ରଶିକ୍ଷଣ, ଯାତ୍ରା ଓ ଅନ୍ୟାନ୍ୟ ଆବଶ୍ୟକତା କ୍ଷେତ୍ରରେ ସମ୍ଭବପର ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସୋସାଇଟି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ କହିଥିଲେ ଯେ, ଗ୍ରାମାଞ୍ଚଳରେ ଅନେକ ପ୍ରତିଭା ରହିଥିଲେ ମଧ୍ୟ ସଠିକ୍ ସୁଯୋଗ ଓ ଆର୍ଥିକ ସହଯୋଗର ଅଭାବରୁ ସେମାନେ ଆଗକୁ ବଢ଼ିପାରୁ ନାହାନ୍ତି। ବ୍ରହ୍ମାଶୁଙ୍କ ପରି ପ୍ରତିଭାବାନ ଯୁବ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସମାଜର ଦାୟିତ୍ୱ। ସେ ଆହୁରି କହିଥିଲେ ଯେ, କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି କେବଳ ଆର୍ଥିକ ସେବାରେ ସୀମିତ ନ ରହି ଶିକ୍ଷା, କ୍ରୀଡ଼ା, ସାମାଜିକ ସେବା ଏବଂ ଦୁସ୍ଥ-ଅସହାୟ ଲୋକଙ୍କ ସହାୟତା ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଚଳାଇ ଆସୁଛି।

# ୨୮ରେ ଶେଷ ହେବ ଏଏସଆଇଆର ଅଭିଯାନ

ପୁରୀ, ୨୬/୬(ନିପ୍ର): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ ବର୍ତ୍ତମାନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟବ୍ୟାପୀ ଏହି ବୃହତ୍ ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ଚଳିତ ମାସ ୨୮ ତାରିଖରେ ଶେଷ ହେବ। ଏଥିପାଇଁ ପୁରୀ ନିର୍ବାଚନ ବିଭାଗ ପକ୍ଷରୁ ଶେଷ ପର୍ଯ୍ୟାୟର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି ।ଏ ସମ୍ପର୍କରେ ଅପରାହ୍ନରେ ସର୍କିଟ ହାଉସଠାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ଅଧକ୍ଷତା କରିବା ସହ ସ୍ୱତନ୍ତ୍ର ସଘନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।

ସାକୁରା ବିଜ୍ଞାନ ଶିକ୍ଷା ଶିବିରରେ ଦେବେ ଯୋଗ

# ଓଡ଼ିଶାର ୩ ଛାତ୍ର ଗଲେ ଜାପାନ

ଭୁବନେଶ୍ୱର,୨୬।୬: ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ଉଦ୍ୟମରେ ଜାପାନ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ, ପ୍ରତିଷ୍ଠିତ ସାକୁରା ବିଜ୍ଞାନ ଶିକ୍ଷା ଶିବିରରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ୩ ଛାତ୍ର ଜାପାନ ଅଭିମୁଖେ ଯାତ୍ରା କରିଛନ୍ତି। ମନୋନୀତ ଛାତ୍ରମାନେ – ରାଜୁ ପ୍ରଧାନ, ସୁଶ୍ରୀ ତେଜସ୍ୱିନୀ ଏବଂ ଟାକେଶ୍ୱରୀ ସିନ୍ଧୁ। ସାରା ଭାରତରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ଜାତୀୟ ସ୍ତରୀୟ ପ୍ରତିଭା ପରୀକ୍ଷାରେ ଉତ୍କର୍ଷତା ହାସଲ କରିବା ପରେ କାର୍ଯ୍ୟକ୍ରମରେ ସେମାନଙ୍କର ସ୍ଥାନ ହାସଲ କରିଛନ୍ତି। କଟକ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଏବଂ ବିଜ୍ଞାନ ସ୍ତମ୍ଭକାର ସାଗରିକା ରାଉତଙ୍କ ସହିତ, ଛାତ୍ରଛାତ୍ରୀମାନେ ଜୁନ୍ ୨୫ ତାରିଖରେ ଟ୍ରେନ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ ଏବଂ ବିମାନ ଯୋଗେ ଜାପାନ ଯାତ୍ରା କରୁଥିବା ସୂଚନା ମିଳିଛି।



# ବଜ୍ରପାତ ନେଲା ୩ ଜୀବନ

ଭୁବନେଶ୍ୱର,୨୬।୬: ଶୁକ୍ରବାର ରାଜ୍ୟର ପୃଥକ୍ ପୃଥକ୍ ସ୍ଥାନରେ ବଜ୍ରପାତ ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ବୌଦ୍ଧ ଜିଲ୍ଲାରେ ଶୁକ୍ରବାର ପ୍ରବଳ ବର୍ଷା ସମୟରେ ଗଛ ତଳେ ଆଶ୍ରୟ ନେବା ସମୟରେ ବଜ୍ରପାତ ହେବାରୁ ୨ ନାବାଳକ ପ୍ରାଣ ହରାଇଛନ୍ତି ।ମନମୁଣ୍ଡା ଥାନା ସୀମା ଅନ୍ତର୍ଗତ ସଗଡା ଝାଙ୍କରପଡ଼ାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକଙ୍କ ନାମ ଝାଙ୍କରଡା ଗ୍ରାମର ବିଶ୍ୱଜିତ ମିର୍ଦ୍ଧା ଏବଂ ଚୌନରିଆପଡା ଗ୍ରାମର ଚରଣ କୁମ୍ଭାର ।ଖବର ଅନୁସାରେ, ଦୁଇ ନାବାଳକ କ୍ରିକେଟ ଖେଳୁଥିବା ସମୟରେ ହଠାତ୍ ବର୍ଷା ଆରମ୍ଭ ହୋଇଗଲା। ସେମାନେ ଏକ ତେନ୍ତୁଳି ଗଛ ତଳେ ଆଶ୍ରୟ ନେଇଥିଲେ, ଯେଉଁଠାରେ ବଜ୍ରପାତ ହେବାରୁ ଉଭୟ ଗୁରୁତର ଆହତ ହୋଇଥିଲେ। ସେମାନେ ଘଟଣାସ୍ଥଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ବାଳକମାନଙ୍କୁ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ପରେ ସେମାନଙ୍କୁ ସୋନପୁରର ଏକ ଡାକ୍ତରଖାନାକୁ ପଠାଯାଇଥିଲା, ଯେଉଁଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।ଏହି ଘଟଣା ଅଞ୍ଚଳରେ ଦୁଃଖର ଛାୟା ଖେଳାଇ ଦେଇଛି। ସୂତ୍ର ଅନୁସାରେ ଚରଣ କୁମ୍ଭାର ଏହି ଦୁର୍ଘଟଣା ଘଟିବା ସମୟରେ ତାଙ୍କ ମାମୁଘରକୁ ବୁଲିବାକୁ ଝାଙ୍କରପଡ଼ା ଆସିଥିଲେ ।ଅନ୍ୟ ଏକ ଖବର ଅନୁଯାୟୀ ବଜ୍ରପାତରେ ଗଜପତି ଆର.ଉଦୟଗିରି ଅଂଚଳରେ ବଡ଼ଭାଇର ମୃତ୍ୟୁ ଘଟିଥିବା ବେଳେ ସାନଭାଇ ଗୁରୁତର ହୋଇଛି।

# ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ୨.୪ ନିୟୁତ ଟଙ୍କା ଜବତ

ନାରାୟଣପୁର, ୨୬/୬(ନିପ୍ର): ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଓରଛା ଏବଂ ଛୋଟେଡୋଙ୍ଗର ପୋଲିସ ଷ୍ଟେସନ ଅଂଚଳରେ ଏକ ମିଳିତ ସର୍ଚ୍ଚ ଅପରେସନ ସମୟରେ, ସୁରକ୍ଷା ବାହିନୀ ଟେକଲା ଜଙ୍ଗଲ-ପାହାଡ଼ରେ ଥିବା ଏକ ନକ୍ସଲ ଡମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଏବଂ ବିସ୍ଫୋରକ ଜବତ କରିଛନ୍ତି, ଯେତେବେଳେ ଛୋଟେଡୋଙ୍ଗର ପୋଲିସ ଷ୍ଟେସନର ତୋୟାମେଟା ଜଙ୍ଗଲ-ପାହାଡ଼ ଅଂଚଳରୁ ନକ୍ସଲମାନେ ଲୁଚାଇ ରଖିଥିବା ନଗଦ ୨.୪ ମିଲିୟନ (ପ୍ରାୟ ୧.୫ ମିଲିୟନ)ଟଙ୍କା ଉଦ୍ଧାର କରାଯାଇଛି।

**AFFIDAVIT**

By virtue of an affidavit sworn before The Notary Public Chatrapur, Ganjam dtd 25.06.2026. I Debaraj Bairiganjan S/o-Anant Bairiganjan At-Nuagaon, Po-Sial, Ps-Krushnaprasad, Dist-Puri, Pin-752032 do hereby declare that I have changed my name from Rajakishor Bairiganjan to Debaraj Bairiganjan. Henceforth I shall be known as Debaraj Bairiganjan for all purposes.

**Sd/-Debaraj Bairiganjan**

**AFFIDAVIT**

By virtue of an affidavit sworn before The Executive Magistrate, Khordha affidavit no.1888 dtd.17.06.2026, I Priti Prangya Dhal D/o-Priyambada Dhal & Ramesh Chandra Dhal At/Po-Durgapur, Dist-Cuttack-754008 do hereby declare that I have changed my name from Prangya Priyadarshni Dhal Samanta to Priti Prangya Dhal. Henceforth I shall be known as Priti Prangya Dhal for all purposes.

**Sd/-Priti Prangya Dhal**

# ଖୁବ୍‌ଶୀଘ୍ର ପ୍ରଣୟନ ହେବ ନୂତନ 'ଚଳଚ୍ଚିତ୍ର ନୀତି': ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୬/୬(ନିପ୍ର):** 'ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଜାତିର ଅସ୍ମିତାର ପରିଚୟ । ଏହାର ସର୍ବାଙ୍ଗୀନ ବିକାଶ ତଥା କଳାକାରମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଖୁବଶୀଘ୍ର ଏକ ନୂତନ 'ଚଳଚ୍ଚିତ୍ର ନୀତି' ପ୍ରଣୟନ କରିବାକୁ ଯାଉଛନ୍ତି,' ବୋଲି ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ଓଡ଼ିଆ ସିନେମାର ସାମ୍ପ୍ରତିକ ସ୍ଥିତି ଓ ଏହାର ବିକାଶ ନେଇ ନିକଟରେ ଚଳଚ୍ଚିତ୍ର ଜଗତର ପ୍ରତିଭାମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, କଳାକାରମାନଙ୍କ ସୁରକ୍ଷା ଓ ଉନ୍ନତମାନର ସିନେମା ନିର୍ମାଣ ପାଇଁ ବୈଷୟିକ ସହାୟତା ଯୋଗାଇ ଦେବାକୁ ସରକାର ସଂକଳ୍ପବଦ୍ଧ ଏବଂ ଏହି ଦିଗରେ ଖୁବ୍‌ଶୀଘ୍ର ଏକ ଶୁଭ ଖବର ମିଳିବ । ଓଡ଼ିଆ ସିନେମାର ସମୃଦ୍ଧ ଇତିହାସ ଏବଂ ଏହାର ଆରମ୍ଭକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଆତ୍ମପ୍ରକାଶ କରିବା ସହ ସେହି ବର୍ଷ ହିଁ ମହାନ ରାସ-ସ୍ରଷ୍ଟା ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ଦ୍ୱାରା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ନିର୍ମାଣ ହେବା ଏକ ଅପୂର୍ବ ସଂଯୋଗ । ଅତୀତରେ 'ମାୟା ମିରିଗ', 'ଭୁକା', 'ଶେଷ ଶ୍ରାବଣ' ଏବଂ 'ହାକିମ ବାବୁ' ଭଳି କାଳଜୟୀ ସିନେମା ଓଡ଼ିଆ ମାଟିର ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇଥିଲା । ସାମ୍ପ୍ରତିକ ସମୟରେ 'ଦମନ', 'ପ୍ରତୀକ୍ଷା', 'ଶଳା ବୁଢ଼ା', 'ପୁଷ୍କରା', 'ବୋଉ ବୁଟୁ ଭୂତ' ଏବଂ 'ବର ବଧୂ' ଭଳି ଚଳଚ୍ଚିତ୍ରଗୁଡ଼ିକ ଆମ ମାଟିର ମୌଳିକ କାହାଣୀକୁ ନେଇ ଜାତୀୟ ସ୍ତରରେ ଓଡ଼ିଆ ସିନେମାକୁ ପୁଣି ଏକ ନୂତନ ପରିଚୟ ଦେଇଛନ୍ତି।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ

# ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଓ ନମ୍ରତା ଦାସଙ୍କୁ ଜୀବନବ୍ୟାପି ସାଧନା ସମ୍ମାନ, ହରିହର ଓ ବାବୁସାନଙ୍କୁ ଶ୍ରେଷ୍ଠ ଅଭିନେତା



**ଭୁବନେଶ୍ୱର, ୨୬/୬(ନିପ୍ର):** ୨ ବର୍ଷ ଅର୍ଥାତ୍ ୨୦୨୩ ଓ ୨୦୨୪ ପାଇଁ ଶ୍ରେଷ୍ଠ କଳାକାରଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଗତକାଲି (ଜୁନ ୨୫)ରେ ଏହି ଘୋଷଣା ହୋଇଥିବା ବେଳେ ଶୁକ୍ରବାର ସମସ୍ତ ମନୋନୀତ କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱରରେ ଆୟୋଜିତ ଏହି 'ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର' ସମାରୋହରେ ଓଡ଼ିଆ ଭାଷା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଏବଂ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଚଳିତବର୍ଷ ୩୫ତମ ରାଜ୍ୟ ପୁରସ୍କାର ଦିଆଯାଉଥିବା ବେଳେ ୩୨ଟି ବର୍ଗ ବା ବିଭାଗ ସହ ଜୀବନବ୍ୟାପି ସାଧନା ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୩ ପାଇଁ 'ପୁଷ୍କରା' ଓ 'ମାଇଁ ସୁଇଟ୍ ହାଉସ ୱାଇଫ୍' ଏବଂ ୨୦୨୪ ପାଇଁ 'ଆଶ୍ରମ' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି । ୨୦୨୩ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରର ସର୍ବଶ୍ରେଷ୍ଠ ବା ମର୍ଯ୍ୟାଦାଜନକ ପୁରସ୍କାର 'ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର' ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ମିଳିଥିବା ବେଳେ ୨୦୨୪ ପାଇଁ ଅଭିନେତ୍ରୀ ନମ୍ରତା ଦାସଙ୍କୁ ପୁରସ୍କାର ପାଇଛନ୍ତି । ୭ ଜଣ ବିଚାରକ ମଣ୍ଡଳୀ ସଦସ୍ୟଙ୍କୁ ନେଇ ଏହି ଚୟନ କରାଯାଇଥିଲା ।




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ